



ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-256 ◆SUNDAY ◆15 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୫୬ ◆ରବିବାର ◆୧୫ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ରାଜ୍ୟସଭା ରାଜନୀତି ଉଷ୍ମ

# ଆଶା-ଆଶଙ୍କାରେ ତିନି ଦଳ

### ଶାସକ ଦଳକୁ ବିରୋଧୀ ବିଜେଡି ସଦସ୍ୟଙ୍କ ଶାଣିତ ନିଶାଣ

### ମୋହନା ବିଧାୟକ ଦାଶରଥୀ ଗମାଙ୍ଗୋଙ୍କ ପତ୍ତା ପାଉନି କଂଗ୍ରେସ

### ଦଳୀୟ ଶୃଙ୍ଖଳା ଭଙ୍ଗକଲେ କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ

■ ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭାର ୩୭ଟି ଆସନ ପାଇଁ ୧୦ଟି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଏହି ୧୦ଟି ରାଜ୍ୟ ମଧ୍ୟରୁ ଅଧିକାଂଶ ରାଜ୍ୟରେ ଭୋଟ୍ ଗ୍ରହଣର ଆବଶ୍ୟକତା ନ ଥିବା ବେଳେ ଓଡ଼ିଶା, ବିହାର ଓ ହରିୟାଣାରେ ଭୋଟିଂ ପାଇଁ ସ୍ଥିର ହୋଇଛି। ଏହି ୩ଟି ରାଜ୍ୟରେ ଆସନ ସଂଖ୍ୟା ତୁଳନାରେ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ଥିବାରୁ ୧୬ ତାରିଖରେ ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ତେବେ ଭୋଟ୍ ଗ୍ରହଣ ହେବାକୁ ଥିବା ୩ ଟି ରାଜ୍ୟ ମଧ୍ୟରୁ ଓଡ଼ିଶା ବର୍ତ୍ତମାନ ସବୁଠୁ ଚର୍ଚ୍ଚିତ ରହିଛି। କାରଣ ଓଡ଼ିଶାର ୪ଟି ଆସନ ମଧ୍ୟରୁ ଦୁଇଟି ବିଜେପି ଓ ଗୋଟିଏ ଆସନ ବିଜେଡିକୁ ସହଜ ବିଜୟ ମିଳୁଥିଲେ ମଧ୍ୟ ଚତୁର୍ଥ ଆସନ ପାଇଁ ରୋଚକ ଲଢ଼େଇ ଜାରି ରହିଛି। ଚତୁର୍ଥ ଆସନ ପାଇଁ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ସମର୍ଥନରେ ଡାକ୍ତର ଦତ୍ତେଶ୍ୱର ହୋତା ମିଳିତ ପ୍ରାର୍ଥୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ପ୍ରାର୍ଥିତ୍ୱକୁ ବିଜେପି ସମର୍ଥନ ଦେଇଛି। ଓଡ଼ିଶାରେ ଗୋଟିଏ ଆସନ ଜିତିବା ପାଇଁ ୩୦ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକତା ପଡୁଥିବା ବେଳେ ସଂଖ୍ୟା ଦୃଷ୍ଟିରୁ ଚତୁର୍ଥ ଆସନ ମିଳିତ ପ୍ରାର୍ଥୀଙ୍କ ସପକ୍ଷରେ ରହୁଛି। ଏହାସତ୍ତ୍ୱେ ବିଜେପି ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିଜୟ ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ରାଜ୍ୟସଭା ରାଜନୀତି ରୋଚକ ସ୍ଥିତିରେ ଥିବାବେଳେ ଚତୁର୍ଥ ଆସନରେ ପ୍ରାର୍ଥୀଙ୍କ ବିଜୟ ନେଇ ଶାସକ ବିଜେପି, ବିରୋଧୀ ବିଜେଡି ଏବଂ କଂଗ୍ରେସର ନେତୃବୃନ୍ଦ ଆଶା-ଆଶଙ୍କାରେ ରହିଛନ୍ତି। ଅନ୍ୟପଟେ ଘୋଡ଼ା ବେପାରକୁ ଲକ୍ଷ୍ୟ କରି କଂଗ୍ରେସ ନିଜର ▶ପୃଷ୍ଠା-୭

## ବିଜେପି କରୁଛି ଘୋଡ଼ା ବେପାର: ନବୀନ




■ ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ଆଉ ଦିନକ ପରେ ଭୋଟ୍ ଗ୍ରହଣ ହେବ। ଏହା ପୂର୍ବରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀଙ୍କ ବିଜୟ ପାଇଁ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ଏହି ସମୟରେ ରାଜ୍ୟରେ ଘୋଡ଼ା ବେପାରକୁ ନେଇ ଜୋରଦାର ଚର୍ଚ୍ଚା ଭିତରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ଶାସକ ବିଜେପିକୁ ନିଶାଣ କରିଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ଘୋଡ଼ା ବେପାର କରୁଛି। ବିଜେପିର ୩ ଜଣ ପ୍ରାର୍ଥୀ ଘୋଡ଼ା ବେପାର ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ଜିତିବା ପାଇଁ ଏହା କରିବା ଏକ ▶ପୃଷ୍ଠା-୭

### ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହା ଅପରାଧ ସଦୃଶ

## ଶାସକ ଦଳକୁ ବି କ୍ରସ୍ ଭୋଟିଂ ଭୟ



### ୩ଟି ବସ୍‌ରେ ପାରାଦୀପ ଗଲେ ବିଜେପି ବିଧାୟକ

■ ଭୁବନେଶ୍ୱର, ୧୪।୩ (ସମିସ): ଚଳିତ ରାଜ୍ୟସଭା ନିର୍ବାଚନରେ ଚତୁର୍ଥ ଆସନକୁ ନେଇ ଘୋଡ଼ା ବେପାର ପଲିଟିକ୍ସ ଜାରି ରହିଛି। ସଂଖ୍ୟା ଗଣିତକୁ ନେଇ ଏହି ଆସନ ପାଇଁ କ୍ରସ୍ ଭୋଟିଂ ହେବାର ଆଶଙ୍କା ବଢ଼ିଛି। ଶାସକ ବିଜେପି ମଧ୍ୟ ଏହି ଭୟରୁ ବାଦ୍ ପଡ଼ିନାହିଁ। ସ୍ୱାଧୀନ ପ୍ରାର୍ଥୀଙ୍କୁ ଚତୁର୍ଥ ଆସନରେ ଜିତାଇବା ପାଇଁ ପଣ କରିଥିବା ବିଜେପି ଦଳୀୟ ବିଧାୟକଙ୍କ ଦ୍ୱାରା କ୍ରସ୍ ଭୋଟିଂ ଆଶଙ୍କା କରି ନିର୍ବାଚନ ପୂର୍ବରୁ ସମସ୍ତ ▶ପୃଷ୍ଠା-୭

## ମଧ୍ୟପ୍ରାଚ୍ୟରେ ଅସ୍ଥିରତା: ସଙ୍କଟରେ ଜୀବନଜୀବିକା

# ଚାକିରି ଛାଡ଼ି ସ୍ୱଦେଶ ଫେରୁଛନ୍ତି ଭାରତୀୟ

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ସମଗ୍ର ବିଶ୍ୱ ଏବେ ଶକ୍ତି ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହୋଇଛି। ଇସ୍ରାଏଲ ଏବଂ ଆମେରିକାର ଇରାନ ଉପରେ ସମ୍ମିଳିତ ଆକ୍ରମଣ ପରେ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁଁ ମଧ୍ୟପ୍ରାଚ୍ୟ ଅସ୍ଥିରତା ମଧ୍ୟକୁ ଠେଲି ହୋଇଯାଇଛି। ଏହି ଆକ୍ରମଣକୁ ନେଇ ଇରାନ ରକ୍ତମୁଖା ହୋଇ ପ୍ରମୁଖ ଶକ୍ତି ଯୋଗାଣ ମାର୍ଗ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ଯାହା ଫଳରେ ବୈଶ୍ୱିକ ସ୍ତରରେ ଶକ୍ତି ସଙ୍କଟ ଘନେଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ୧୫ଦିନ ବିତିଥିବା ବେଳେ ଉପସାଗରୀୟ ଦେଶରେ ଥିବା ଆମେରିକା ନୌସେନା ଘାଟୀକୁ ନିଶାଣ କରି ଇରାନ ଜୋରଦାର କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଚାଲିଛି। ଏହି ଯୁଦ୍ଧର ବିଭୀଷିକା ଭାରତୀୟ ଅର୍ଥ ବ୍ୟବସ୍ଥା ପାଇଁ ଘାତକ ହୋଇଛି। ମଧ୍ୟପ୍ରାଚ୍ୟରେ ଜାରି ଏହି ସଂଘର୍ଷ ଲାଗି ବିଦେଶରେ ରହୁଥିବା ଭାରତୀୟ ନାଗରିକ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଏହା ଭାରତର ଅର୍ଥ ବ୍ୟବସ୍ଥାକୁ ମୋଡ଼ି ମକଚି ଦେଇଛି।

ସୂଚନା ଅନୁଯାୟୀ, ଉପସାଗରୀୟ ଦେଶରେ ପ୍ରାୟ ୯୭ ଲକ୍ଷ ଭାରତୀୟ ରହୁଛନ୍ତି। ଭାରତୀୟ ଅର୍ଥନୀତି ପାଇଁ ଏମାନଙ୍କ ଯୋଗଦାନ ଅତୁଳନୀୟ ରହିଛି। ଏହି ଅଞ୍ଚଳରେ ଥିବା ଭାରତୀୟ ନାଗରିକ ପ୍ରତିବର୍ଷ ଦେଶକୁ ୫୦ରୁ ୫୧ ବିଲିୟନ ଡଲାର ପଠାଇ ଥାଆନ୍ତି। ସାରା ବିଶ୍ୱର ଭାରତୀୟମାନେ ପଠାଉଥିବା ଅର୍ଥ (ରେମିଟାନ୍ସ)ର ଏହା ୩୮ ପ୍ରତିଶତ ହୋଇଥିବା ବେଳେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଏହାର ଯୋଗାଦନ ୩.୫ ପ୍ରତିଶତ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତକୁ ମୋଟ ୧୧୮.୭ ବିଲିୟନ ଡଲାର ଅର୍ଥ ଆସିଥିଲା। ଏଥିରେ ଆମେରିକାରେ ▶ପୃଷ୍ଠା-୭



### ବର୍ଷକୁ ପ୍ରାୟ ୫୧ ବିଲିୟନ ଡଲାର ଅର୍ଥ ପଠାଉଛନ୍ତି

### କାରବାର କରିପାରୁନାହାନ୍ତି ଭାରତୀୟ ବ୍ୟବସାୟୀ

### ଯୁଦ୍ଧରେ ୫ ଭାରତୀୟ ନାଗରିକଙ୍କ ମୃତ୍ୟୁ, ୪ ନିଖୋଜ

## ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ

# ଉତ୍କଟ ହେଉଛି ଗ୍ୟାସ୍ ସଙ୍କଟ

### ୟୁପି-ପଞ୍ଜାବରେ ସିଲିଣ୍ଡର ପାଇଁ ଲାଇନ ଦେଇ ୨ ମୃତ

### ୫ ଦିନ ପରେ ବାଣିଜ୍ୟିକ ସିଲିଣ୍ଡର ଯୋଗାଣ ଆରମ୍ଭ

### ପିଏନ୍‌ଜି ଗ୍ରାହକଙ୍କୁ ଦିଆଯିବନି ଏଲ୍‌ପିଜି

### ସ୍ଥିତି ସଙ୍କଟଜନକ; ଗ୍ୟାସ ସମ୍ପୂର୍ଣ୍ଣ ସରିଯାଇନି: କେନ୍ଦ୍ର

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପାଇଁ ଭାରତରେ ଏଲ୍‌ପିଜି ସଙ୍କଟ ବୃଦ୍ଧି ପାଇଛି। ଅନେକ ସ୍ଥାନରେ ରୋଷେଇ ଗ୍ୟାସ ମିଳୁନାହିଁ। ଏଥିପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ସବୁ ରାଜ୍ୟରେ ସିଲିଣ୍ଡର ପାଇଁ ଲମ୍ବା ଧାଡ଼ି ଲାଗି ରହିଛି। ଲୋକେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରି ବି ଗ୍ୟାସ ପାଉନାହାନ୍ତି। ଏହାକୁ ନେଇ ଗଣ୍ଡଗୋଳ ହେଉଥିବାରୁ ମଧ୍ୟପ୍ରଦେଶରେ ପୁଲିସ ମୁତୟନ କରିବାକୁ ପଡ଼ିଛି। ଉତ୍ତର ପ୍ରଦେଶ ସିଦ୍ଧାର୍ଥ ନଗରରେ ଲୋକେ ରାତିରୁ ଏଜେନ୍ସି ଆଗରେ ଛିଡ଼ା ହେଉଛନ୍ତି। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳର ସ୍ଥିତି ବଳି ଯାଇଛି। ହଠାତ ଗ୍ୟାସ ସରି ଯାଇଥିବା ଲୋକେ କ'ଣ କରିବେ ବାଟ ପାଉ ନାହାନ୍ତି। ଗ୍ୟାସ ଆସୁ ନ ଥିବା କହି ଏଜେନ୍ସି ଦୋଷ ଛଡ଼େଇ ଦେଉଛନ୍ତି। ମାତ୍ର ସଙ୍କଟର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ କଳା ବଜାରୀ ଆରମ୍ଭ କରିଦେଇଛନ୍ତି। ଯେଉଁ ଗ୍ୟାସ ୧୦୦୦ ଟଙ୍କାରେ ବିକ୍ରି ହେଉଥିଲା ଏବେ ତାହା ୧୮୦୦ ଟଙ୍କା ପାର କରିଯାଇଛି। ଅଧିକ ଟଙ୍କା ହେଲେ ବି ସଙ୍କଟ ପାଇଁ ଲୋକେ ଅର୍ଥ ଦେବାକୁ ପଛାଉ ନାହାନ୍ତି। ମାତ୍ର ଟଙ୍କା ଦେଲେ ବି ଗ୍ୟାସ ମିଳୁନାହିଁ। ସରକାର ମଧ୍ୟ ସଙ୍କଟ ଥିବା ମଙ୍ଗିଛନ୍ତି, ମାତ୍ର ଗ୍ୟାସ ସମ୍ପୂର୍ଣ୍ଣ ଶେଷ ହୋଇଯାଇନାହିଁ ▶ପୃଷ୍ଠା-୭

## ୪୧% ବଢ଼ିଲାଣି ଅଶୋଧିତ ତୈଳ ଦର

### ୧୫୦ ଡଲାର୍ ଛୁଇଁବା ଆଶଙ୍କା

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଅଶୋଧିତ ତୈଳ ମୂଲ୍ୟରେ ନିଆଁ ଲାଗିଛି। ଏହା ହୁ ହୁ ହୋଇ ବଢ଼ିବାର ଲାଗିଛି। ଯୁଦ୍ଧର ମାତ୍ର ୧୫ ଦିନ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ୪୧ ପ୍ରତିଶତ ବୃଦ୍ଧି ପାଇଲାଣି। କାରଣ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଯାଇଛି। ହର୍ମୁଜ ଷ୍ଟ୍ରେଟକୁ ବନ୍ଦ କରି ଇରାନ ଶକ୍ତି ସୁରକ୍ଷାକୁ ଅସୁରକ୍ଷା ମଧ୍ୟକୁ ଠେଲି ଦେଇଛି। ଏହାରି ପ୍ରଭାବରେ ବିଶ୍ୱ ଶକ୍ତି ବଜାର, ବିଶେଷ କରି ଏସିଆ ଦେଶ ଉପରେ ଚାପ ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ, ଫେବୃଆରୀ ୨୭ରେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ▶ପୃଷ୍ଠା-୭






### ଅଟକ ଆଦେଶ ପ୍ରତ୍ୟାହାର କଲେ କେନ୍ଦ୍ର ସରକାର

## ୬ ମାସ ପରେ ଜେଲ୍‌ରୁ ମୁକୁଳିଲେ ସୋନମ୍ ୱାଙ୍ଗଚୁକ୍



■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ବିଶିଷ୍ଟ ପରିବେଶବିତ୍ ତଥା ଲଦାଖର ଜଳବାୟୁ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ ଆଜି ଜେଲରୁ ମୁକୁଳିଛନ୍ତି। ୱାଙ୍ଗଚୁକ୍ ଯେଉଁ ଜାତୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଅଧୀନରେ ବନ୍ଦୀ ଥିଲେ, ସେ ସଂକ୍ରାନ୍ତ ଆଦେଶକୁ କେନ୍ଦ୍ର ସରକାର ଶନିବାର ପ୍ରତ୍ୟାହାର କରିନେବା ପରେ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲ୍‌ରୁ ମୁକ୍ତ କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ଯେ ଲଦାଖର ଶାନ୍ତି, ସ୍ଥିରତା ଓ ପାରସ୍ପରିକ ବିଶ୍ୱାସର ବାତାବରଣ ସୃଷ୍ଟି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସରକାର ଓ ସ୍ଥାନୀୟ ▶ପୃଷ୍ଠା-୭






ସକାଳ
THE SAKALA
www.sakalaepaper.com







# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଗ୍ରାଉଣ୍ଡ ଅପରେସନ ପାଇଁ ଆମେରିକାର ସଜବାଜ

## ପଶ୍ଚିମ ଏସିଆ ଅଭିମୁଖେ ଯାତ୍ରା କଲା ୟୁଏସ୍ଏସ୍ ତ୍ରିପୋଲି ଷ୍ଟ୍ରାଇକ୍ ଗ୍ରୁପ୍

ୱାସିଂଟନ/ ତେହରାନ, ୧୪ ।୩(ଏଜେନ୍ସି): ଇରାନ ସହ ଚାଲିଥିବା ଭୟାଭୟ ସଂଘର୍ଷ ଏବଂ ହର୍ମୁଜ ପ୍ରଣାଳୀରେ ବଢ଼ୁଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ଆମେରିକା ଏକ ବଡ଼ ସାମରିକ ପ୍ରସ୍ତୁତି ଆରମ୍ଭ କରିଛି । ହର୍ମୁଜରେ ତେଲ ଟ୍ୟାଙ୍କରକୁ ସୁରକ୍ଷା ଦେବା ସହିତ ଇରାନରେ ଗ୍ରାଉଣ୍ଡ ଅପରେସନ ପାଇଁ ଆମେରିକା 'ୟୁଏସ୍ଏସ୍ ତ୍ରିପୋଲି' ପଠାଇଛି । ଏହା ଆମେରିକା ନୌସେନାର ଆମ୍ଫିବିୟସ ରେଡ଼ି ଗ୍ରୁପ୍ (ଏଆରଜି)ର ନେତୃତ୍ୱ ନେବ । ଏଥସହିତ ୨୫୦୦ ମେରାଇନ ସୈନ୍ୟ ମଧ୍ୟ ଯାତ୍ରା କରିଛନ୍ତି । 'ୟୁଏସ୍ଏସ୍ ତ୍ରିପୋଲି' ହେଉଛି ଆମେରିକାର ଅନ୍ୟତମ ବୃହତ୍ତମ ଆମ୍ଫିବିୟସ ଆସଲ୍ଟ ଜାହାଜ ବା ଯୁଦ୍ଧ ଜାହାଜ । ଏହା ଏକ ବିମାନବାହୀ ଜାହାଜ ସହ ପ୍ରାୟ ସମାନ । ଏଥିରେ ଅନେକ ହେଲିକପ୍ଟର, ଏମ୍‌ଭି-୨୨ ଓସପ୍ରେ ଓ ଏଫ-୩୫ବି ଫାଇଟର ଜେଟ୍ ରହିପାରିବ । ଏହି ଷ୍ଟ୍ରାଇକ୍ ଗ୍ରୁପ୍‌ରେ 'ୟୁଏସ୍ଏସ୍ ରୋବାର୍ଟ ସ୍ମଲ୍ସ' (ଗାଇଡେଡ୍ ମିସାଇଲ କ୍ରୁଜର) ଓ ୟୁଏସଏସ୍ ରାଫାଏଲ ପେରାଲ୍ଟା (ଡେଷ୍ଟ୍ରୟର) ସାମିଲ ଅଛି । ବର୍ତ୍ତମାନ ପଶ୍ଚିମ ଏସିଆରେ ଆମେରିକାର ପ୍ରାୟ ୫୦୦୦୦ରୁ ଅଧିକ ସୈନ୍ୟ ମୁତୟନ ଅଛନ୍ତି । 'ୟୁଏସ୍ଏସ୍ ତ୍ରିପୋଲି' ଆଗାମୀ ଏକର ଦୁଇ ସପ୍ତାହ ମଧ୍ୟରେ ସେଣ୍ଟ୍ରାଲ କମାଣ୍ଡ ଅଞ୍ଚଳରେ ପହଞ୍ଚିବ ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ଇରାନ ଆଜି ଆମେରିକା ଘାଟି ଓ ଇସ୍ରାଏଲ ଉପରେ ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି । ଇରାନର ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର (ଆଇଆରଜିସି) ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକାର ସାମରିକ ଅନୁଷ୍ଠାନଗୁଡ଼ିକ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି । ଇରାନ ଆବୁଧାବିର ଅଲ ଧଫ୍ରା ବେସ୍ ଓ ବାହାରିନ୍‌ର ଶେଖ ଇସା ବେସ୍ ଉପରେ କ୍ରମାଗତ ଭାବେ କ୍ଷେପଣାସ୍ତ୍ର ଆକ୍ରମଣ କରିଚାଲିଛି । ଇରାନ ଦାବି କରିଛି ଯେ ଏହି ଆକ୍ରମଣରେ ଆମେରିକାର ପାଟ୍ରିଅଟ ରାଡାର ସିଷ୍ଟମ, ବିମାନ ଓ ଇନ୍ଧନ ଭଣ୍ଡାରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ତେବେ ଆମେରିକା ତରଫରୁ ଏହି ଘଟଣା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ ଆମେରିକୀୟ ବାୟୁସେନା ଇରାନର ଖାର୍ଗ ଦ୍ୱୀପରେ ଏକ ଶକ୍ତିଶାଳୀ ବୋମା ବର୍ଷଣ କରିଛି । ଖାର୍ଗ ଦୀପ ହେଉଛି ଇରାନ ଅର୍ଥନୀତିର 'କ୍ରାଉନ ଜୁଏଲ' ବା ମୁଖ୍ୟ ତୈଳ ରପ୍ତାନୀ କେନ୍ଦ୍ର । ଟ୍ରମ୍ପ ଦାବି କରିଛନ୍ତି ଯେ ଏହି ଦ୍ୱୀପରେ ଥିବା ସମସ୍ତ ସାମରିକ ଲକ୍ଷ୍ୟସ୍ଥଳକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରାଯାଇଛି । ଏହାକୁ ମଧ୍ୟପ୍ରାଚ୍ୟ ଇତିହାସର ଅନ୍ୟତମ ଶକ୍ତିଶାଳୀ ବୋମା ବର୍ଷଣ ବୋଲି ବର୍ଣ୍ଣନା କରାଯାଇଛି । ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ମାନବିକତା ଦୃଷ୍ଟିକୋଣରୁ ଏପର୍ଯ୍ୟନ୍ତ ଦୀପର ତୈଳ ଭିତ୍ତିଭୂମିକୁ ଧ୍ୱଂସ କରନାହାନ୍ତି । ତେବେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳରେ ବାଧା ସୃଷ୍ଟି କଲେ, ଏହି ନିଷ୍ପତ୍ତିକୁ ପୁନର୍ବିଚାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ପୁଣି ତୈଳ ଟ୍ୟାଙ୍କରଗୁଡ଼ିକୁ ସୁରକ୍ଷିତ ଭାବେ ନେବା ପାଇଁ ଆମେରିକା ନୌସେନା ଶୀଘ୍ର ପ୍ରହରା ଆରମ୍ଭ କରିବ ବୋଲି ଟ୍ରମ୍ପ କହିଛନ୍ତି । ତୈଳ ଟ୍ୟାଙ୍କରଗୁଡ଼ିକୁ ସହାୟତା ଦେବାପାଇଁ ଚୀନ ଓ ବ୍ରିଟେନ ଆଗେଇ ଆସିବାକୁ ସେ କହିଛନ୍ତି ।

- ଆବୁଧାବି, ବାହାରିନ୍‌ରେ ଥିବା ଆମେରିକା ଘାଟି ଉପରେ ଇରାନର ଆକ୍ରମଣ
- ଇରାନର ତୈଳ କେନ୍ଦ୍ର 'ଖାର୍ଗ ଦ୍ୱୀପ'କୁ ଧ୍ୱସ୍ତ କଲା ଆମେରିକା
- ଇରାନର ମହାକାଶ ଗବେଷଣା କେନ୍ଦ୍ର ଉପରେ ଇସ୍ରାଏଲର ଆକ୍ରମଣ

ଖାର୍ଗ ଦୀପ ଆକ୍ରମଣ ପରେ ଇରାନ ମଧ୍ୟ ଚେତାବନୀ ଦେଇଛି ଯେ ଯଦି ତାଙ୍କ ତୈଳ ଭିତ୍ତିଭୂମୀ ଉପରେ ଆକ୍ରମଣ ହୁଏ, ତେବେ ସେମାନେ ଆମେରିକା ସହ ସହଯୋଗ କରୁଥିବା ଅଞ୍ଚଳର ଅନ୍ୟ ତୈଳ ଓ ଶକ୍ତି ପ୍ରକଳ୍ପଗୁଡ଼ିକୁ ଟାର୍ଗେଟ କରିବ । ଏହି ସଂଘର୍ଷ ପରେ ବିଶ୍ୱ ବଜାରରେ ଆଶୋଧିତ ତୈଳ ଦର ବୃଦ୍ଧି ପାଇଛି ଓ ଅନ୍ତର୍ଜାତୀୟ ବଜାରରେ ବାରେଲ ପିଛା ୧୦୦ ଡଲାରରୁ ଉପରେ ରହିଛି । ଉଲ୍ଲେଖଥାଉକି, ଖାର୍ଗ ଦ୍ୱୀପ ଇରାନ ପ୍ରାୟ ୯୦ ପ୍ରତିଶତ ଆଶୋଧିତ ତୈଳ ରପ୍ତାନୀ କରିଥାଏ । ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ଭୟାଭୟ ରୂପ ଧାରଣ କରିଛି ।

ଇତିମଧ୍ୟରେ ଇସ୍ରାଏଲର ପ୍ରତିରକ୍ଷା ବାହିନୀ ଆଜି ଇରାନର ମହାକାଶ ଗବେଷଣା କେନ୍ଦ୍ର ଓ ଏୟାର ଡିଫେନ୍ସ ସିଷ୍ଟମ ପ୍ରସ୍ତୁତ କରୁଥିବା କାରଖାନାକୁ ଟାର୍ଗେଟ କରିଛି । ସେପଟେ ଇରାନ ୟୁଏଇର ବନ୍ଦରଗୁଡ଼ିକ ଉପରେ ଆକ୍ରମଣ କରିଛି । ଫୁଜେରା ବନ୍ଦରରେ ଥିବା ତୈଳ ଭଣ୍ଡାରରେ ଅଗ୍ନିକାଣ୍ଡ ଘଟିଛି । ଇରାନର ଡ୍ରୋନ୍‌କୁ ୟୁଏଇର ପ୍ରତିରକ୍ଷା ବ୍ୟବସ୍ଥା ପ୍ରତିହତ କରିଥିଲା । କିନ୍ତୁ ଉକ୍ତ ଡ୍ରୋନର ଭଗ୍ନାବଶେଷ ତୈଳ ଗଚ୍ଛିତ ସ୍ଥାନରେ ପଡ଼ିବାରୁ ନିଆଁ ଲାଗିଛି । ଅଗ୍ନିକାଣ୍ଡ ଯୋଗୁଁ ବନ୍ଦରରେ ଚାଲିଥିବା ତୈଳ ଲୋଡିଂ କାର୍ଯ୍ୟକୁ ବନ୍ଦ କରାଯାଇଛି । ଆମେରିକା ପକ୍ଷରୁ ଖାର୍ଗ ଦ୍ୱୀପରେ ଥିବା ସାମରିକ ଅନୁଷ୍ଠାନ ଉପରେ ଆକ୍ରମଣ କରାଯିବାର କିଛି ଘଣ୍ଟା ପରେ ଇରାନ ଏହି ପ୍ରତିଶୋଧାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅନୁମାନ କରାଯାଇଉଛି । ଏହାସହିତ ଇରାନ ଧମକ ଦେଇଛି ଯେ ଏହାର ତୈଳ ପ୍ରତିଷ୍ଠାନ ଉପରେ ଆକ୍ରମଣ ହେଲେ ଆମେରିକାକୁ ସମର୍ଥନ କରୁଥିବା ଉପସାଗରୀୟ ଦେଶର ତୈଳ ଭଣ୍ଡାରକୁ ଟା ।ର୍ଗେଟ କରାଯିବ ।

## ଉପସାଗରୀୟ ଅଞ୍ଚଳରେ ଆକ୍ରମଣ ନ କରିବାକୁ ଇରାନକୁ ହମାସର ନିବେଦନ

ତେହରାନ, ୧୪ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆତଙ୍କବାଦୀ ସଂଗଠନ ହମାସ ଏବେ ଇରାନକୁ ଏକ ବିରଳ ଅପିଲ କରିଛି । ଯୁଦ୍ଧରେ ମଧ୍ୟପ୍ରାଚ୍ୟ ତଥା ପଡୋଶୀ ଦେଶଗୁଡ଼ିକୁ ଆକ୍ରମଣ ନ କରିବାକୁ ହାମାସ ଇରାନକୁ ନିବେଦନ କରିଛି । ଏହି ଅନୁରୋଧ ସତ୍ତ୍ୱେ, ହମାସ ସ୍ପଷ୍ଟ କରିଛି ଯେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ବିରୋଧରେ ନିଜକୁ ରକ୍ଷା କରିବାର ଅଧିକାର ଇରାନର ରହିଛି । ଇରାନ ଅନ୍ତର୍ଜାତୀୟ ନିୟମ ଓ ଆଇନ୍ ଅନୁଯାୟୀ ଏହି ଆକ୍ରମଣର ଜବାବ ଦେବାକୁ ସ୍ୱାଧୀନ । ହମାସ ଅନ୍ତର୍ଜାତୀୟ ସମୁଦାୟକୁ ଅନୁରୋଧ କରିଛି ଯେ ସେମାନେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧକୁ ବନ୍ଦ କରିବାକୁ ପଦକ୍ଷେପ ନିଅନ୍ତୁ । କାତାର ଭଳି ଦେଶରେ ହମାସର ବହୁ ନେତା ଅବସ୍ଥାନ କରନ୍ତି । ସେମାନଙ୍କ ଉପରେ ଇରାନର ଆକ୍ରମଣ ପରେ  ହମାସ ଏହି ଅପିଲ କରିଛି । ଏହି ସମ୍ବନ୍ଧରେ ହମାସ ଉପରେ କାତାରର କୂଟନୈତିକ ଚାପ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ହମାସ ଇରାନର ଏକ ପ୍ରମୁଖ ସମର୍ଥକ ରହି ଆସିଛି । ପୂର୍ବରୁ ହମାସ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କ ଉପରେ ଆକ୍ରମଣ ଓ ମୃତ୍ୟୁକୁ ନେଇ ନିନ୍ଦା କରିଥିଲା ।

## ବିବାହ ମଣ୍ଡପରୁ ଗ୍ୟାଙ୍ଗଷ୍ଟର ବରକୁ ଉଠାଇନେଲା ପୁଲିସ

ଭୋପାଳ, ୧୪ ।୩(ଏଜେନ୍ସି): ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଏକ ଅଭାବନୀୟ ତଥା ନାଟକୀୟ ଘଟଣା ଦେଖିବାକୁ ମିଳିଛି । ସେଠାରେ ପୁଲିସ ବାହାଘର ମଣ୍ଡପରେ ପଶି ଜଣେ ଗ୍ୟାଙ୍ଗଷ୍ଟର ବରକୁ ଗିରଫ କରିବା ସହ ଉଠାଇ ନେଇଛି । ଗିରଫ ହୋଇଥିବା ବରର ନାମ ଆକାଶ ନୀଳକଣ୍ଠ । ସେ ଭୋପାଳରେ ଭୂରା ନାମରେ ପରିଚିତ । ସେ ସହରରେ ସକ୍ରିୟ ଥିବା ଏକ ବେଆଇନ ଗ୍ୟାଙ୍ଗର ନେତା ବୋଲି ପୁଲିସ କହିଛି । ଏହି ଗ୍ୟାଙ୍ଗର ସଦସ୍ୟ ସେମାନଙ୍କ ବେକରେ ଇଲିଗାଲ ବୋଲି ଟାଟୁ କରିଥାନ୍ତି । ଆକାଶ ବିରୋଧରେ ହତ୍ୟା ଓ ଅପହରଣ ସମେତ ୩୧ଟି ମାମଲା ରହିଛି । ସେ ନିକଟରେ ଏକ ମନ୍ଦିରରେ ପୂଜକଙ୍କୁ ଅପହରଣ କରି ୮ ଲକ୍ଷ ଟଙ୍କା ଦାବି କରିଥିବା ଓ ତାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁଲିସ ତାକୁ ଖୋଜୁଥିଲା । ପୂଜକ ଜଣକ ଖସି ଆସି ପୁଲିସରେ ଅଭିଯୋଗ କରିବା ପରେ ସବୁ ଘଟଣା ସାମ୍ନାକୁ ଆସିଥିଲା । ବରକୁ ପୁଲିସ ନେଇଯିବା ପରେ, କନ୍ୟା ସୀମା ହାତରେ ମେହେନ୍ଦୀ ଓ ମୁହଁରେ ହଳଦୀ ଲଗାଇ ଥାନାରେ ପହଞ୍ଚିଥିଲେ । ସେ କାନ୍ଦି କାନ୍ଦି ପୁଲିସକୁ ଅନୁରୋଧ କରିଥିଲେ ଯେ, ତାଙ୍କର ଏଥିରେ କୌଣସି ଦୋଷ ନାହିଁ ଏବଂ ତାଙ୍କୁ ବାହାଘରର ରୀତିନୀତି ସାରିବା ପାଇଁ ଅନ୍ତତଃ ଦୁଇ ଘଣ୍ଟାର ସମୟ ଦିଆଯାଉ । କିନ୍ତୁ ପୁଲିସ ତାଙ୍କ ଅନୁରୋଧକୁ ପ୍ରତ୍ୟାଖାନ କରିଥିଲା । ପୁଲିସ ଆକାଶ ସହ ଅନ୍ୟ ୫ ଜଣ ସହଯୋଗୀଙ୍କୁ ଗିରଫ କରିଛି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇ ପୁଲିସ ରିମାଣ୍ଡରେ ପଠାଯାଇଛି ।

## ଭଉଣୀକୁ ହତ୍ୟା କରିବା ପରେ ମା'ଙ୍କୁ ହତ୍ୟା ଉଦ୍ୟମ

ମୁରାଦାବାଦ୍, ୧୪ ।୩(ଏଜେନ୍ସି): ଉତ୍ତରପ୍ରଦେଶର ମୁରାଦାବାଦ୍‌ରେ ଜଣେ ୨୫ ବର୍ଷୀୟ ଇଞ୍ଜିନିୟର ନିଜ ଯାଆଁଳା ଭଉଣୀକୁ ଅତି ନିର୍ମମ ଭାବେ ହତ୍ୟା କରିବା ସହ ମା'ଙ୍କୁ ମଧ୍ୟ ଜୀବନରୁ ମାରି ଦେବାକୁ ଚେଷ୍ଟା କରିଛନ୍ତି । ଅଭିଯୁକ୍ତ ଭାଇର ନାମ ହେଉଛି ହାର୍ଦ୍ଦିକ ଓ ମୃତ ଭଉଣୀର ନାମ ହିମାଶିଖା । ଦୁହେଁ ଗୁରୁଗ୍ରାମରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ହିମାଶିଖା ଏମ୍‌ବିଏ ପଢୁଥିଲେ, କିନ୍ତୁ ହାର୍ଦ୍ଦିକ ପ୍ରାୟ ଦେଢ଼ ବର୍ଷ ହେବ ଚାକିରି ଛାଡ଼ି ସାମାଜିକ ଗଣମାଧ୍ୟମରେ ସମୟ ବିତାଉଥିଲେ । ହାର୍ଦ୍ଦିକ ସାମାଜିକ ଗଣମାଧ୍ୟମ ଜରିଆରେ ଜଣେ ମହିଳାଙ୍କ ସହ ବନ୍ଧୁତା କରିଥିଲେ ଏବଂ ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ । ମା ଓ ଭଉଣୀ ତାଙ୍କୁ ସମ୍ପର୍କ ଅପେକ୍ଷା କ୍ୟାରିୟର ଉପାର ଧ୍ୟାନ ଦେବାକୁ ବାରମ୍ବାର ପରାମର୍ଶ ଦେଉଥିଲେ । ଗତ ମାର୍ଚ୍ଚ ୬ରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । କିନ୍ତୁ ଏଥିରେ ଉତ୍ତ୍ୟକ୍ତ ହୋଇ ହାର୍ଦ୍ଦିକ ନିଜ ମା'ଙ୍କ ଅଫିସ୍‌କୁ ଯାଇଥିଲେ ଓ ଘରକୁ ଚାଲ, ତୁମ ପାଇଁ ଏକ ସରପ୍ରାଇଜ୍ ଅଛି, କହି ତାଙ୍କୁ ଘରକୁ ଆଣିଥିଲେ । ମା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅକୁ ଦେଖି ଚିତ୍କାର କରିବାରୁ ହାର୍ଦ୍ଦିକ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ମା' ନୀଳିମା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଓ ସେ ବିପଦ ମୁକ୍ତ ଅଛନ୍ତି । ପୁଲିସ ୨୪ ଘଣ୍ଟା ମଧ୍ୟରେ ହାର୍ଦ୍ଦିକଙ୍କୁ ଗିରଫ କରିଛି । ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ ହିମାଶିଖାଙ୍କ ଶରୀରରେ ୮୪ ଥର ଛୁରା ମାଡ଼ ହୋଇଥିଲା ।

## ଉତ୍ତର କୋରିଆର ଶକ୍ତି ପ୍ରଦର୍ଶନ




**ଜାପାନ ସାଗରକୁ ନିକ୍ଷେପ କଲା ୧୦ ବାଲିଷ୍ଟିକ କ୍ଷେପଣାସ୍ତ୍ର**

ପିୟୋଙ୍ଗୟାଙ୍ଗ, ୧୪ ।୩(ଏଜେନ୍ସି): ଉତ୍ତର କୋରିଆ ପାଖାପାଖି ୧୦ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ଜାପାନ ସାଗର ଉପରକୁ ନିକ୍ଷେପ କରିଛି । ଏହି ଘଟଣା ସମଗ୍ର ଏସିଆ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ରାଜଧାନୀ ପିୟୋଙ୍ଗୟାଙ୍ଗର ସୁନାନ ଅଞ୍ଚଳରୁ ଆଜି ଏହି କ୍ଷେପଣାସ୍ତ୍ରଗୁଡ଼ିକ ନିକ୍ଷେପ କରାଯାଇଥିଲା । ଏଗୁଡ଼ିକ ଜାପାନ ସାଗର ଆଡ଼କୁ ଗତି କରୁଥିଲା । ଏଗୁଡ଼ିକ ଜାପାନର 'ଏକ୍ସକ୍ଲୁସିଭ ଇକୋନୋମିକ୍ ଜୋନ' (ଇଇଜେଡ୍) ବାହାରେ ପଡ଼ିଥିବା ଆକଳନ କରାଯାଇଛି । ସୁରକ୍ଷା ଦୃଷ୍ଟିକୋଣରୁ ଜାପାନ ସରକାର ଏକ ଜରୁରୀକାଳୀନ ସଙ୍କଟ ପରିଚାଳନା ଦଳ ଗଠନ କରିଛନ୍ତି । ଏହି ପରୀକ୍ଷଣ ଏପରି ସମୟରେ ହୋଇଛି, ଯେତେବେଳେ ଅମେରିକା ଓ ଦକ୍ଷିଣ କୋରିଆ ମଧ୍ୟରେ ବାର୍ଷିକ ଫ୍ରିଡମ୍ ସିଲ୍ଡ ମିଳିତ ସାମରିକ ଅଭ୍ୟାସ ଚାଲିଛି । ଏହି ସାମରିକ ଅଭ୍ୟାସକୁ ବିରୋଧ କରି ଉତ୍ତର କୋରିଆ ଏହି କ୍ଷେପଣାସ୍ତ୍ର ଛାଡ଼ିଥିବା କୁହାଯାଉଛି । ତେବେ ଦକ୍ଷିଣ କୋରିଆ ଏହାକୁ ଆକ୍ରମଣର ପୂର୍ବ ପ୍ରସ୍ତୁତି ବୋଲି ବିବେଚନା କରିଆସୁଛି । ଏହାଦ୍ୱାରା ଉତ୍ତର କୋରିଆ ନିଜର ସାମରିକ ସାମର୍ଥ୍ୟ ପ୍ରଦର୍ଶନ କରିବା ସହ ଅନ୍ତର୍ଜାତୀୟ ରାଜନୀତିରେ ନିଜର ଉପସ୍ଥିତି ଜାହିର କରିଥାଏ ।

## ୪ଟି ଆଇଆର୍‌ଏନ୍‌ଏସ୍‌ଏସ୍ ଉପଗ୍ରହ ମଧ୍ୟରୁ ଗୋଟିଏ ବିଫଳ

ନୂଆଦିଲ୍ଲୀ, ୧୪ ।୩(ଏଜେନ୍ସି): ଭାରତର ସ୍ୱଦେଶୀ ନାଭିଗେସନ ସାଟେଲାଇଟ୍ ସିଷ୍ଟମ (ଏନ୍‌ଏଭିଆଇସି)କୁ ଏକ ବଡ଼ ଝଟ୍‌କା ଲାଗିଛି । ୪ଟି କାର୍ଯ୍ୟରତ ଉପଗ୍ରହ ମଧ୍ୟରୁ ଗୋଟିଏ ବିଫଳ ହୋଇଛି, ଯାହା ଲଞ୍ଚ୍ ହେବାର ପ୍ରାୟ ୧୦ ବର୍ଷ ପରେ ଘଟିଛି ବୋଲି ଇଣ୍ଡିଆନ ସ୍ପେଶ ରିସର୍ଚ୍ଚ ଅର୍ଗାନାଇଜେସନ (ଇସ୍ରୋ) ଅଧିକାରୀମାନେ ସୂଚନା ଦେଇଛନ୍ତି । ଏହି ଉପଗ୍ରହ ୨୦୧୬ ମାର୍ଚ୍ଚ ୧୦ରେ ଲଞ୍ଚ କରାଯାଇଥିଲା । ରିପୋର୍ଟ ଅନୁଯାୟୀ, ଏହି ଉପଗ୍ରହ ୩ଟି ଆଣବିକ ଘଡ଼ି ସହିତ କାର୍ଯ୍ୟ କରୁଥିଲା, କିନ୍ତୁ ସମୟ କ୍ରମେ ଏଗୁଡ଼ିକ ଅକାମୀ ହୋଇଥିଲା । ଶେଷରେ, ଏହାର ଏକମାତ୍ର ସକ୍ରିୟ ଆଣବିକ ଘଡ଼ିଟି ବିଫଳ ହେବା ପରେ ଏହି ଉପଗ୍ରହ ନିଜର କାର୍ଯ୍ୟକ୍ଷମତା ହରାଇଛି । ଏନ୍‌ଏଭିଆଇସି ସିଷ୍ଟମ ସଠିକ ଭାବେ କାର୍ଯ୍ୟ କରିବା ପାଇଁ ଓ ସେବା ପ୍ରଦାନ କରିବା ପାଇଁ ଅତିକମ୍‌ରେ ୪ଟି ଉପଗ୍ରହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଅବସ୍ଥାରେ ରହିବା ଆବଶ୍ୟକ । ଏହି ଉପଗ୍ରହର ବିଫଳତା କାରଣରୁ ରେଳବାଇ, ସାମରିକ କାର୍ଯ୍ୟ ଓ ସାଧାରଣ ନାଗରିକଙ୍କ ପାଇଁ ନେଭିଗେସନ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ଏହି ଉପଗ୍ରହ ତା'ର ୧୦ ବର୍ଷର କାର୍ଯ୍ୟକାଳ ପୂରଣ କରିବା ବେଳକୁ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛି । ଏହି ବିଫଳତା ପରେ ଇସ୍ରୋ ପକ୍ଷରୁ ନୂତନ ଉପଗ୍ରହ ଲଞ୍ଚ୍ କରିବା କିମ୍ବା ବ୍ୟବସ୍ଥାକୁ ସଜାଡ଼ିବା ଦିଗରେ କାର୍ଯ୍ୟ କରାଯିବ ବୋଲି ଆଶା କରାଯାଉଛି ।

## ହର୍ମୁଜ୍ ପ୍ରଣାଳୀ ପାର ହେଲା ଭାରତକୁ ଆସୁଥିବା ଦୁଇ ଜାହାଜ



ନୂଆଦିଲ୍ଲୀ, ୧୪ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ କାରଣରୁ ହର୍ମୁଜ ପ୍ରଣାଳୀରେ ସୃଷ୍ଟି ହୋଇଥିବା ଅସ୍ଥିରତା ମଧ୍ୟରେ, ଭାରତର ଦୁଇଟି ଏଲ୍‌ପିଜି ଟ୍ୟାଙ୍କର ସୁରକ୍ଷିତ ଭାବେ ବାହାରି ଆସିବାରେ ସଫଳ ହୋଇଛନ୍ତି । ଶିପିଂ କର୍ପୋରେସନ ଅଫ୍ ଇଣ୍ଡିଆ (ଏସ୍‌ସିଆଇ)ର ଦୁଇଟି ଜାହାଜ 'ଶିବାଲିକ' ଓ 'ନନ୍ଦା' ସଫଳତାର ସହ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତ ଅଭିମୁଖେ ବାହାରିଛନ୍ତି । ଏହି ଜାହାଜଗୁଡ଼ିକରେ ପ୍ରାୟ ୯୨, ୭୦୦ ମେଟ୍ରିକ ଟନ୍ ଗ୍ୟାସ ରହିଛି । ଏହି ସୁରକ୍ଷିତ ଯାତ୍ରା ସମ୍ଭବ ହୋଇଛି ଭାରତର ତୀବ୍ର କୂଟନୈତିକ ପ୍ରୟାସ ଯୋଗୁଁ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଇରାନର ବୈଦେଶିକ ମନ୍ତ୍ରୀଙ୍କ ସହ ୪ଥର ଫୋନ୍‌ରେ କଥା ହୋଇଥିଲେ । ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଇରାନର ରାଷ୍ଟ୍ରପତି ମାସୁଦ ପେଜେସକିଆନଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା କରିଥିଲେ । ମୋଟ ୨୮ ଟି ଭାରତୀୟ ପତାକାଧାରୀ ଜାହଜ ଏହି ଅଞ୍ଚଳରେ ଅଟକି ରହିଥିଲା । ସେଥିମଧ୍ୟରୁ ଅନେକ ଏବେ ମଧ୍ୟ ସୁରକ୍ଷିତ ଯାତ୍ରା ପାଇଁ ଅପେକ୍ଷା କରିଛନ୍ତି । ୩ଜଗ ପ୍ରକାଶ' ନାମକ ଆଉ ଏକ ଜାହାଜ ମଧ୍ୟ ସୁରକ୍ଷିତ ଭାବେ ଯାତ୍ରା ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ନାଗରିକଙ୍କ ସୁରକ୍ଷା ଓ ଶକ୍ତି ସମ୍ବଳର ଅବ୍ୟାହତ ଯୋଗାଣ ଭାରତ ପାଇଁ ସର୍ବାଧିକ ପ୍ରାଥମିକତା ।

## ଭାରତରେ ଅଟକି ରହିଥିବା ବିଦେଶୀ ନାଗରିକଙ୍କ ପାଇଁ ୩୦ ଦିନର ଭିସା ବୃଦ୍ଧି

ଦୁବାଇ, ୧୪ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ କାରଣରୁ ଭାରତରେ ଯେଉଁ ନାଗରିକମାନେ ନିଜ ଦେଶକୁ ଫେରିପାରୁନାହାନ୍ତି, ସେମାନଙ୍କ ଭିସା ଅବଧିକୁ ଆଉ ୩୦ ଦିନ ପାଇଁ ବଢ଼ାଇ ଦିଆଯାଇଛି । ଏ ନେଇ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଫେବୃଆରୀ ୨୮ ପରଠାରୁ ଯଦି କୌଣସି ବିଦେଶୀ ନାଗରିକ ନିଜ ଭିସା ଅବଧିଠାରୁ ଅଧିକ ସମୟ ରହିଛନ୍ତି ଅର୍ଥାତ ଓଭରଷ୍ଟେ କରିଛନ୍ତି, ତେବେ ସେଥିପାଇଁ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିବ ନାହିଁ । ଯାତ୍ରା ବାଧାପ୍ରାପ୍ତର ସମ୍ମୁଖୀନ ହୋଇଥିବା ବିଦେଶୀମାନଙ୍କୁ ଭାରତ ଛାଡ଼ିବା ପାଇଁ ମାଗଣାରେ 'ଏକଜିଟ୍ ପରମିଟ୍' ପ୍ରଦାନ କରାଯିବ । ପୁଣି ଯଦି କୌଣସି ବିମାନର ଗତିପଥ ପରିବର୍ତ୍ତନ ଯୋଗୁଁ କେହି ବିଦେଶୀ ନାଗରିକ ହଠାତ ଭାରତରେ ପହଞ୍ଚନ୍ତି, ତେବେ ସେମାନଙ୍କୁ ମାଗଣାରେ ଅସ୍ଥାୟୀ ଲ୍ୟାଣ୍ଡିଂ ପରମିଟ୍ ଦିଆଯିବ । ସେହିପରି ଯଦି କେହି ପରିସ୍ଥିତି ଯୋଗୁଁ ଭିସା ସମ୍ପ୍ରସାରଣ ପାଇଁ ଆବେଦନ କରିପାରୁ ନାହାନ୍ତି, ତାହାକୁ ଆଇନ୍‌ର ଉଲ୍ଲଂଘନ ବୋଲି ଧରାଯିବ ନାହିଁ । ସୂଚନା ଯୋଗ୍ୟ ଯେ, ଫେବୃଆରୀ ୨୮ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ଯୋଗୁଁ ସାରା ମଧ୍ୟପ୍ରାଚ୍ୟରେ ସୁରକ୍ଷା ସଙ୍କଟ ଦେଖାଦେଇଛି । ଏହି କାରଣରୁ ବିମାନ ଚଳାଚଳରେ ବାଧା ସୃଷ୍ଟି ହୋଇଛି । ଫଳରେ ବିଦେଶୀ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ।

## ଭିସା ପାଇବାକୁ ଡକାୟତି ନାଟକ: ଆମେରିକାରେ ୧୧ ଭାରତୀୟ ଗିରଫ

ନୂଆଦିଲ୍ଲୀ/ୱାସିଂଟନ, ୧୪ ।୩(ଏଜେନ୍ସି): ଆମେରିକାରେ ରହିବା ପାଇଁ ଭିସା ପାଇବା ଆଶାରେ ୧୧ଜଣ ଭାରତୀୟ ନାଗରିକ ମିଳିତ ଭାବେ ନକଲି ସଶସ୍ତ୍ର ଡକାୟତିର ଯୋଜନା କରି ଗିରଫ ହୋଇଛନ୍ତି । ସେମାନଙ୍କ ବିରୋଧରେ ଭିସା ଠକେଇ ଅଭିଯୋଗ ଆସିଛି । ଆମେରିକାରେ ୟୁ- ଭିସା ନାମକ ଏକ ସ୍ୱତନ୍ତ୍ର ସୁବିଧା ରହିଛି । ଯଦି କୌଣସି ବିଦେଶୀ ନାଗରିକ ସେଠାରେ କୌଣସି ଗୁରୁତର ଅପରାଧର ଶିକାର ହୁଅନ୍ତି ଏବଂ ତଦନ୍ତରେ ପୁଲିସକୁ ସାହାଯ୍ୟ କରନ୍ତି, ତେବେ ସେମାନଙ୍କୁ ଏହି ଭିସା ମିଳିଥାଏ । ଏହି ସୁବିଧା ହାସଲ କରିବା ପାଇଁ ଏହି ବ୍ୟକ୍ତିମାନେ ନିଜକୁ ଅପରାଧର ଶିକାର ଭାବେ ଦର୍ଶାଇବାକୁ ଚାହୁଁଥିଲେ । ଏମାନେ ବିଭିନ୍ନ ମଦ ଦୋକାନ, ଫାଷ୍ଟ-ଫୁଡ୍ ରେସ୍ତୁରାଁ ଏବଂ କନଭିନିଏନ୍ସ ଷ୍ଟୋରରେ ଅତି କମ୍‌ରେ ୬ଟି ନକଲି ଡକାୟତି କରିଥିଲେ । ଜଣେ ବ୍ୟକ୍ତି ନକଲି ବନ୍ଧୁକ ଧରି ଦୋକାନକୁ ପଶୁଥିଲା ଓ କ୍ୟାସ କାଉଣ୍ଟରରୁ ଟଙ୍କା ନେଇ ଫେରାର ହୋଇଯାଉଥିଲା । ଏହି ସମସ୍ତ ଦୃଶ୍ୟକୁ ସିସିଟିଭି କ୍ୟାମେରାରେ ରେକର୍ଡ କରାଯାଉଥିଲା, ଯେମିତି ଏହା ଏକ ପ୍ରକୃତ ଅପରାଧ ଭଳି ଦେଖାଯିବ । ଡକାୟତି ପରେ ଦୋକାନୀମାନେ ଜାଣିଶୁଣି ୫ ମିନିଟ ବିଳମ୍ବରେ ପୁଲିସକୁ ଖବର ଦେଉଥିଲେ ଓ ଏହା ଦ୍ୱାରା ଡକାୟତ ସହଜରେ ଖସି ପଳାଇବ । ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଯୋଜନାରେ ସାମିଲ ହେବା ପାଇଁ ଆବେଦନକାରୀମାନେ ଟଙ୍କା ଦେଉଥିଲେ । ସେହି ଟଙ୍କାକୁ ମୁଖ୍ୟ ଆୟୋଜକ ଓ ଦୋକାନ ମାଲିକଙ୍କ ମଧ୍ୟରେ ଭାଗ କରାଯାଉଥିଲା । ଯଦି ଭିସା ଠକେଇ ଅଭିଯୋଗ ପ୍ରମାଣିତ ହୁଏ, ତେବେ ଅଭିଯୁକ୍ତମାନଙ୍କୁ ୫ ବର୍ଷ ଜେଲଦଣ୍ଡ ଓ ପ୍ରାୟ ୨, ୫୦, ୦୦୦ ଡଲାର ଅର୍ଥାତ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ । ଏଫ୍‌ବିଆଇ ଓ ଆମେରିକାର ଇମିଗ୍ରେସନ ବିଭାଗ ମିଳିତ ତଦନ୍ତ ପରେ ଏହି ଜାଲିଆତି ଧରାପଡ଼ିଥିଲା । ଏହି ୧୧ ଜଣ ଭାରତୀୟ ଅତିକମ୍‌ରେ ୬ଟି ନକଲି ଡକାୟତି ଘଟଣା ଯୋଜନା କରିଥିଲେ । ଅଭିଯୋଗ ଅନୁସାରେ ଯେଉଁମାନେ ଏହି ଯୋଜନାରେ ଯୋଗ ଦେଉନଥିଲେ, ସେମାନେ ଟଙ୍କା ଦେଇ ଏଥିରେ ଭାଗ ନେଉ ନ ଥିଲେ । ଏହା ମାଧ୍ୟମରେ ସେମାନେ ନିଜକୁ ଡକାୟତିର ଶିକାର ବୋଲି ଦେଖାଇ ୟୁ-ଭିସା ପାଇବାକୁ ଚେଷ୍ଟା କରୁଥିଲେ । ଏହି ଅଭିଯୁକ୍ତ ମାନେ କେଣ୍ଟକି, ମିଜୋରି, ଓହିୟୋ ରାଜ୍ୟରେ ଗିରଫ ହୋଇଛନ୍ତି ।



## ରାଜ୍ୟସଭା ନିର୍ବାଚନ

# ଭୋଟିଂ ପୂର୍ବରୁ ବିଧାନସଭାରେ 'ମକ୍-ପୋଲ୍'



'ମକ୍ ପୋଲ୍' ପରେ ଦଳୀୟ ବିଧାୟକଙ୍କ ସହ ବିଧାନସଭା ବାହାରକୁ ଆସୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୪।୩(ସମିସ): ରାଜ୍ୟସଭା ନିର୍ବାଚନ ପୂର୍ବରୁ ବିଧାନସଭାରେ ହୋଇଛି ମକ୍‌ପୋଲିଂ। ସବୁ ଦଳର ବିଧାୟକମାନେ ଏହି ମକ୍ ପୋଲିଂରେ ସାମିଲ ହୋଇଛନ୍ତି। ବରିଷ୍ଠ ତଥା ଅଭିଜ୍ଞ ବିଧାୟକମାନେ ନିଜ ନିଜ ଦଳର ସଦସ୍ୟମାନଙ୍କୁ ଭୋଟ୍‌ଦାନ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିବା ବେଳେ ବିଧାନସଭା ସଚିବାଳୟ ପକ୍ଷରୁ ମଧ୍ୟ ବିଧାୟକମାନଙ୍କର ସମସ୍ତ ଦ୍ୱନ୍ଦ୍ୱ ଦୂର କରାଯାଇଛି। ସକାଳେ ବିଜେଡି ବିଧାୟକମାନେ ବିଧାନସଭାରେ ପହଞ୍ଚି ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ। ନିଜେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବିଜେଡିର ବହୁ ବରିଷ୍ଠ ନେତା ଏହି ସମୟରେ ଉପସ୍ଥିତ ରହିଥିଲେ। ନବୀନ ଉପସ୍ଥିତ ରହି ନିଜ ଦଳର ବିଧାୟକମାନଙ୍କ ମକପୋଲିଂ ପ୍ରକ୍ରିୟାର ନିରୀକ୍ଷଣ କରିଥିବା ବେଳେ ଚଳିତ ଓଡ଼ିଶା ବିଧାନସଭାରେ ସବୁ ଦଳରୁ ବିଧାନସଭାରେ ୮୨ ଜଣ ଫାଷ୍ଟଟାଇମର ବିଧାୟକ ରହିଛନ୍ତି।

**■ ସାମିଲ ହେଲେ ସବୁ ଦଳର ବିଧାୟକ**
**■ ବିଜେଡିର ଦଳୀୟ ଏଜେଣ୍ଟ ରହିବେ ପ୍ରତାପ ଦେବ**

ବିଜେପିରୁ ସର୍ବାଧିକ ୫୨ ଜଣ ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହିତ ଶେଷ ଥର ପାଇଁ ଓଡ଼ିଶାରେ ୨୦୧୪ ମସିହାରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ଏହି ଭୋଟ୍‌ଦାନ ପ୍ରକ୍ରିୟାକୁ ନେଇ ସବୁ ଦଳ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। କିପରି ବିଧାୟକମାନଙ୍କର ଭୋଟ୍ ନାକଚ ନ ହେବ ସେନେଇ ଅଭିଜ୍ଞ ବିଧାୟକମାନେ ତାଲିମ ଦେଉଛନ୍ତି।

ରାଜ୍ୟସଭା ନିର୍ବାଚନରେ 'ଓପନ ବାଲଟ' ପ୍ରକ୍ରିୟାରେ ଭୋଟିଂ ହେଉଥିବା ବେଳେ ପ୍ରଥମ ପସନ୍ଦ ଓ ଦ୍ୱିତୀୟ ପସନ୍ଦ ଭୋଟ୍‌କୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ରହିଥାଏ। ଏହାସହିତ ଭୋଟ୍ ଦାନ ପରେ ଦଳୀୟ ଏଜେଣ୍ଟଙ୍କୁ ଦେଖାଇବା ପରେ ଭୋଟବାକ୍ସରେ ବାଲଟ ପକାଇବାକୁ ଥିବାରୁ ଏହା ମଧ୍ୟ ଗୁରୁତ୍ୱ ବହନ କରିଥାଏ। ତେଣୁ କିପରି ବିଧାୟକମାନେ ସନ୍ଦେହରେ ନପଡ଼ିବେ ତାହାର ମଧ୍ୟ ଦ୍ୱନ୍ଦ ଦୂର କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ବିଜେଡି ପକ୍ଷରୁ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ୍ ବିଜେଡି ଏଜେଣ୍ଟ ଭାବେ ନିଯୁକ୍ତି ପାଇପାରନ୍ତି। ସେହିପରି ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବିଜେଡି ପ୍ରାର୍ଥୀଙ୍କ ପୋଲିଂ ଏଜେଣ୍ଟ ଭାବେ ନିଯୁକ୍ତି ପାଇଥିବା ଜଣାପଡ଼ିଛି। ଏହାସହିତ କଂଗ୍ରେସ ପକ୍ଷରୁ ନିଜେ ପିସିସି ସଭାପତି ଭକ୍ତ ଚରଣ ଦାସ ଏଜେଣ୍ଟ ଭାବେ ସେଠାରେ ଉପସ୍ଥିତ ରହିବା ନେଇ ବିଚାର କରୁଥିବା ବେଳେ ବିଜେପି ପକ୍ଷରୁ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏଜେଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି।

ବିଜେଡି ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ମଧ୍ୟ ଏଠାରେ ଉପସ୍ଥିତ ରହିଥିଲେ। ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ ସାହୁ ବିଧାୟକମାନଙ୍କୁ ପୋଲିଂ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଛନ୍ତି।

ଅନ୍ୟପଟେ ମଧ୍ୟାହ୍ନରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ସମେତ ବିଧାୟକ ସାଗର ଦାସ ଓ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ବିଧାନସଭାରେ ପହଞ୍ଚି ପ୍ରଶିକ୍ଷଣ ନେଇଛନ୍ତି। ସନ୍ଧ୍ୟାରେ ବିଜେପି ବିଧାୟକମାନେ ମଧ୍ୟ ମକ୍‌ପୋଲିଂରେ ସାମିଲ ହୋଇଛନ୍ତି।

# ନିଶା ନେଲା ୨ ଜୀବନ

## ସ୍ତ୍ରୀକୁ ଲୁହା ପାଇପ୍‌ରେ ପିଟିପିଟି ମାରିଦେଲା

କରଞ୍ଜିଆ, ୧୪।୩ (ସମିସ): ନିଶା ପୁଣି ଏକ ପରିବାର ଉଜାଡ଼ିଛି। ନିଶାସକ୍ତ ସ୍ୱାମୀ ଏକ ଲୁହା ପାଇପ୍‌ରେ ପିଟିପିଟି ସ୍ତ୍ରୀକୁ ହତ୍ୟା କରିଛି। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ବାଟପଲସା ପଞ୍ଚାୟତ ସାନଶିଆଳି ନଈ ଗ୍ରାମର ପୁନର୍ବାସ କଲୋନୀରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଇଚ୍ଛାବତୀ ଦେହୁରୀ (୪୫)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ବଳଭଦ୍ର ଦେହୁରୀକୁ ଗିରଫ କରିଛି।

ସୂଚନାନୁଯାୟୀ, ଦୁଧିଆଣି ପଞ୍ଚାୟତର ରାମଯୋଡ଼ି ଗ୍ରାମରେ ବସବାସ କରୁଥିବା ଖଡ଼ିଆ ସମ୍ପ୍ରଦାୟର ଲୋକଙ୍କୁ ସ୍ୱେଚ୍ଛାକୃତ ପୁନର୍ବାସ ଯୋଜନାରେ ବନ ବିଭାଗ ପକ୍ଷରୁ ସାନଶିଆଳି ନଈ ଗ୍ରାମରେ କଲୋନୀ କରି ଥଇଥାନ କରାଯାଇଥିଲା। ଶୁକ୍ରବାର ରାତିରେ କଲୋନୀର ବଳଭଦ୍ର ଦେହୁରୀ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ଇଚ୍ଛାବତୀଙ୍କ ସହ ପାଟିତୁଣ୍ଡ କରିଥିଲା। ପରେ ଉତ୍ତେଜିତ ହୋଇ ବଳଭଦ୍ର ଏକ ଲୁହା ପାଇପ୍‌ରେ ଇଚ୍ଛାବତୀଙ୍କୁ ଆକ୍ରମଣ କରି ବାମ ଜଂଘ ଓ ମୁଣ୍ଡ ଫଟାଇ ଦେଇଥିଲା। ଫଳରେ ପ୍ରବଳ ରକ୍ତସ୍ରାବ ହେବାରୁ ରାତିରେ ଇଚ୍ଛାବତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଶନିବାର ସକାଳେ ଖବର ପାଇ ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ, ଉପ-ଆରକ୍ଷୀ ନିରୀକ୍ଷକ, ତଦନ୍ତକାରୀ ଅଧିକାରୀ ସୁଧାଂଶୁ ଶେଖର ସେଠୀ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ପାଇପ ଓ ମୋବାଇଲ ସହ ଅଭିଯୁକ୍ତକୁ ଗିରଫ କରିଥିଲେ। ମୃତକଙ୍କୁ ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

## ସାଙ୍ଗଙ୍କୁ ମିଳିମିଶି ମାରିଦେଲେ



ବଲାଙ୍ଗିର, ୧୪।୩ (ସମିସ): ବଲାଙ୍ଗିର ସଦର ଥାନା ରିନବଚନ ଗାଁରେ ଯୁବକଙ୍କୁ ନିଶାସକ୍ତ ଅବସ୍ଥାରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତ ଯୁବକଜଣଙ୍କ ରିନବଚନ ଗାଁର ଦୀପକ ନାଏକ(୨୬)। ଶୁକ୍ରବାର ରାତିରେ କାମରୁ ଫେରି ଦୀପକ ସାଙ୍ଗମାନଙ୍କ ସହ ଭୋଜିଭାତ କରିଥିଲେ। ସେମାନେ ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଦୀପକ ନିକଟସ୍ଥ ଏକ ଗୋଦାମରେ କାମ କରନ୍ତି। ହୋଲି ସମୟରେ ସ୍ଥାନୀୟ କିଛି ଯୁବକଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଅବଶ୍ୟ ସେ ଘଟଣା ସମାଧାନ ହୋଇଥିଲା। ଶୁକ୍ରବାର ସେ କାମରୁ ଫେରିବା ପରେ ଘରୁ କିଛି ସମୟ ପରେ ଆସୁଛି କହି ବାହାରକୁ ଯାଇଥିଲେ। ଗାଁରେ ସକାଳୁ ଏକ ବାହାଘର ଥିଲା। ସନ୍ଧ୍ୟାରେ ସେ ସାଙ୍ଗମାନଙ୍କ ସହ ଭୋଜିଭାତ କରି ନିଶା ଆସର ଜମାଇଥିବା ଆଲୋଚନା ହେଉଛି। ଏହି ସମୟରେ କୌଣସି ଏକ ଘଟଣାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ତେବେ ହତ୍ୟା ପରେ ତାଙ୍କ ଶବକୁ ଏକ ଜମିରେ ଛାଡ଼ି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ରାତିରେ ସେ ଘରକୁ ନ ଫେରିବାରୁ ତାଙ୍କ ଦୁଇ ଭାଇ ଖୋଜାଖୋଜି କରିଥିଲେ। ଜମିରେ ତାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ଏକାଧିକ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଯଦିଓ ଏହି ଘଟଣାର କୌଣସି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ, ତଥାପି ପୁଅକୁ ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବାରଲୋକେ ଦାବି କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଦନ୍ତାର ଜୀବନ ଗଲା



ଢେଙ୍କାନାଳ, ୧୪।୩ (ସମିସ): ଢେଙ୍କାନାଳ ବନଖଣ୍ଡ ବିମ୍ବୋଳ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। ବିମ୍ବୋଳ ଗ୍ରାମର ଚାଷୀ କୈଳାସ ପ୍ରଧାନ ହାତୀବାରୀଠାରେ ତାଙ୍କ ୧୦ ଏକର ଜମିରେ ମକା, କାକୁଡ଼ି, କଲରା, ବାଇଗଣ ଆଦି ଚାଷ କରିଥିଲେ। ତେବେ ବାରମ୍ବାର ହାତୀ ଫସଲ ନଷ୍ଟ କରୁଥିବାରୁ ସୁରକ୍ଷା ପାଇଁ ସୋଲାର ସେ ତାରବାଡ଼ ଦେଇଥିଲେ। ଶନିବାର ସକାଳେ ତାରବାଡ଼ ନିକଟରେ ଦନ୍ତାହାତୀର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ହାତୀର ଶୁଣ୍ଢ ଓ ଗୋଡ଼ରେ ସୋଲାର ତାର ଲାଗିଥିବାରୁ ଏହା ସଂସ୍ପର୍ଶରେ ଆସି ତା'ର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି। ସୋଲାର୍ ତାରବାଡ଼ ଲଗାଇଥିବା କୈଳାସ ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ମୃତ ଦନ୍ତାହାତୀର ଗୋଟିଏ ଦାନ୍ତ ରହିଛି। ବୟସ ୧୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି।

ଗ୍ରାମବାସୀଙ୍କ ସୂଚନାନୁସାରେ, ଫସଲ ସୁରକ୍ଷା ପାଇଁ ସରକାରୀ ସ୍ତରରେ ସୋଲାର ତାରବାଡ଼କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସେଥିରେ ଲାଗି ହାତୀ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ବନଖଣ୍ଡ ପ୍ରାୟ ୧୭୩୭ବର୍ଗ କିଲୋମିଟର ଅଞ୍ଚଳରେ ପରିମିତ। ଏହି ଜଙ୍ଗଲରେ ୩ଶହରୁ ଅଧିକ ହାତୀ ରହୁଛନ୍ତି। ଢେଙ୍କାନାଳ ହାତୀଙ୍କ ସହ ପଡ଼ୋଶୀ ଜିଲ୍ଲା କେଉଁଝର, କଟକ ଆଠଗଡ଼ରୁ ହାତୀ ଏହି ଜଙ୍ଗଲରେ ଚଳପ୍ରଚଳ କରୁଥିବାରୁ ମୋଟ ସଂଖ୍ୟା ୪ଶହରୁ ଅଧିକ ରହିଛି। ତେବେ ଢେଙ୍କାନାଳ ବନଖଣ୍ଡ ଏବେ ହାତୀଙ୍କ ମୃତ୍ୟୁଯନ୍ତା ପାଲଟିଛି। ମିଳିଥିବା ତଥ୍ୟ ଅନୁସାରେ, ୨୦୦୫-୦୬ ମସିହାରୁ ୨୦୨୨-୨୩ ସୁଦ୍ଧା ମୋଟ ୧୫୦ରୁ ଅଧିକ ହାତୀଙ୍କ ଜୀବନ ଗଲାଣି। ଏ ନେଇ ପରିବେଶବିତ୍ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ବିନା ଅନୁମତିରେ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ ପଦୋନ୍ନତିରେ ବାଧକ ନୁହେଁ: ହାଇକୋର୍ଟ

କଟକ, ୧୪।୩ (ସମିସ): କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଆଧାରରେ ଜଣେ କର୍ମଚାରୀଙ୍କୁ ପଦୋନ୍ନତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ପଦୋନ୍ନତିରୁ ବଞ୍ଚିତ ଜଣେ ଗ୍ରୁପ୍-ଡି' ବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରି ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଏଥିସହ ଅଯଥାରେ ଏହି ମାମଲା ଅଦାଲତ ପର୍ଯ୍ୟନ୍ତ ଟଣାଯାଇଥିବାରୁ ପ୍ରତିପକ୍ଷ ରାଜ୍ୟ ସରକାର ୨୫ହଜାର ଟଙ୍କା ତଣ୍ଡ ରାଶି ଆବେଦନକାରୀ କର୍ମଚାରୀଙ୍କୁ ପଇଠ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ନିରଞ୍ଜନ ପଣ୍ଡାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ୮ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ପିଛିଲା ଭାବେ ଗତ ୨୦୧୪ ମସିହାରୁ ପଦୋନ୍ନତି ପ୍ରଦାନ କରାଯିବ। ସେହିଭଳି ଜରିମାନା ଅର୍ଥ ଦେବାରେ ବିଳମ୍ବ ହେଲେ ପ୍ରଥମ ମାସ ପାଇଁ ଦୈନିକ ୨୫୦ ଟଙ୍କା ଓ ପରବର୍ତ୍ତୀ ମାସ ପାଇଁ ଦୈନିକ ୫୦୦ ଟଙ୍କା ଲେଖାଁଏ ଦାୟୀ ଅଧିକାରୀଙ୍କ ଦରମାରୁ ଜରିମାନା ଆଦାୟ କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

**ଆବେଦନକାରୀଙ୍କୁ ସରକାର ଗଣିବେ ୨୫ ହଜାର ତଣ୍ଡ**

ମାମଲାରେ ସେକ୍ସପିୟର, ରବୀନ୍ଦ୍ରନାଥ ଟାଗୋର ଏବଂ ଶ୍ରୀମଦ ଭଗବଦ୍ ଗୀତାର ପ୍ରସଙ୍ଗ ଉଦ୍ଧାର କରି ଜ୍ଞାନ ଆହରଣର ମହତ୍ତ୍ୱ ବୁଝାଇଥିଲେ ହାଇକୋର୍ଟ। ଓଡ଼ିଶା ଛୁଟି ନିୟମ ଅନୁଯାୟୀ 'ଷ୍ଟଡି ଲିଭ୍' ନେବା ଏବଂ ବିନା ଛୁଟିରେ ପାଠ ପଢ଼ିବା ଦୁଇଟି ଭିନ୍ନ କଥା। ଯଦି ଜଣେ ବ୍ୟକ୍ତି ନିଜ କାର୍ଯ୍ୟରେ ବାଧା ସୃଷ୍ଟି ନକରି ନିଜର ଜ୍ଞାନ ବୃଦ୍ଧି କରୁଛନ୍ତି, ତେବେ ତାହାକୁ ଅଣଦେଖା କରାଯାଇପାରିବ ନାହିଁ। ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ଜଣେ ବ୍ୟକ୍ତିର 'ଜୀବନ ଧାରଣ ଅଧିକାର'ର ଅନ୍ତର୍ଭୁକ୍ତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଜଣେ ଗ୍ରୁପ୍-ଡି' କର୍ମଚାରୀ (ପିଅନ) ୨୦୧୪ ମସିହା ପଦୋନ୍ନତି କମିଟି (ଡିପିସି) ଦ୍ୱାରା ଜୁନିୟର ଆସିଷ୍ଟାଣ୍ଟ ପଦବୀକୁ ପଦୋନ୍ନତି ପାଇଁ ଯୋଗ୍ୟ ଥିଲେ। ମାତ୍ର ଚାକିରି କରିଥିବା ବେଳେ ସେ ବିନା ଅନୁମତିରେ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ହେତୁ ଏହି ଆଧାରରେ ତାଙ୍କୁ ପଦୋନ୍ନତି ଦିଆଯାଇନଥିଲା। ଏହାବିରୋଧରେ ସେ ପ୍ରଥମେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ଏବଂ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯେଉଁଠାରୁ ମାମଲାଟି ପୁଣିଥରେ ଶୁଣାଣି ପାଇଁ ହାଇକୋର୍ଟଙ୍କୁ ଆସିଥିଲା।

## ଜେଲ୍‌ରେ 'ଆଜୀବନ' କଏଦୀଙ୍କ ଆତ୍ମହତ୍ୟା



**■ ସ୍ତ୍ରୀକୁ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ**
**■ ସ୍ୱତନ୍ତ୍ର ସୁରକ୍ଷାବଳୟରେ ଥିଲେ**
**■ ଅନ୍ତେବାସୀଙ୍କୁ ଆକ୍ରମଣ କରିଥିଲେ**
**■ ଶବ ରଖି ଜିଲ୍ଲାପାଳଙ୍କ ଅଫିସ ଆଗରେ ପରିବାରଲୋକଙ୍କ ଧାରଣା**

ବଲାଙ୍ଗିର,୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ଜେଲ୍‌ରେ ଆଜୀବନ ସଜା କାଟୁଥିବା ଜଣେ କଏଦୀ ଶନିବାର ଭୋର୍ ସାଢ଼େ ୪ଟାରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ, ବଲାଙ୍ଗିର ସଦର ଥାନା କୁଶଙ୍ଗ ଗାଁର ଭୀଷ୍ମଦେବ ସାହୁ ଓରଫ୍ ଗୋପାଳ। ସ୍ତ୍ରୀ ରଜନୀ ସାହୁ (୨୬)କୁ ହତ୍ୟା ଅଭିଯୋଗରେ ପୁଲିସ ତାଙ୍କୁ ୨୦୨୧ ଜୁନ୍ ୭ରେ ଗିରଫ କରିଥିଲା। ୨୦୨୩ରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଥିଲେ। ନିକଟରେ ସେ ଜଣେ ଅନ୍ତେବାସୀଙ୍କୁ ମରଣାନ୍ତକ ଆକ୍ରମଣ କରଥିଲେ। ଏହା ପରେ ତାଙ୍କୁ କଡ଼ା ସୁରକ୍ଷାବଳୟରେ ରଖାଯାଇଥିଲା। ତାଙ୍କ ଆତ୍ମହତ୍ୟା ପରେ ଜେଲ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ତାଙ୍କ ପରିବାରଲୋକ ମଧ୍ୟ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଆତ୍ମହତ୍ୟା କରିନାହାନ୍ତି, ତାଙ୍କ ସହ ଅନ୍ୟ କିଛି ଘଟଣା ଘଟିଛି ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପୁଲିସ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ପରିବାରଲୋକ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଶବ ରଖି ନ୍ୟାୟ ମାଗିଥିଲେ। ବାପା ସୁଦର୍ଶନ ସାହୁ, ମା' ଦହନା ସାହୁ ଓ ଭାଇ ବିବେକ ସାହୁ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଜେଲ୍‌ର ଉଚ୍ଚ ସୁରକ୍ଷା ବ୍ଲକ୍-୧ର ୱାର୍ଡ ନଂ - ୨ରେ ସେ ରହୁଥିଲେ। କାନ୍ଥରେ ଲାଗିଥିବା ଏକ ପଙ୍ଖାଝୁଲା କ୍ଲାମ୍ପରେ ଗାମୁଛା ଧଡିକୁ ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ସକାଳ ପ୍ରାୟ ୫ଟା ୩୦ରେ ଜେଲ୍ ଅଧୀକ୍ଷକ ଏ ସଂପର୍କରେ ସୂଚନା ପାଇଥିଲେ। ପରେ ଅଧୀକ୍ଷକ ଉମାଶଙ୍କର ମାଝୀ ୱାର୍ଡକୁ ଯାଇଥିଲେ। ପରେ ଜେଲ୍‌ରେ ନିୟୋଜିତ ଫାର୍ମାସିଷ୍ଟ ଶିବ ନାରାୟଣ କବିଙ୍କୁ ଡକାଇ ସେ ଜୀବିତ ନା ମୃତ ତାହା ପରୀକ୍ଷା କରାଇଥିଲେ। ଗୋପାଳ ମୃତ ବୋଲି ଫାର୍ମାସିଷ୍ଟ ଜଣକ ଆଶଙ୍କା କରିବା ପରେ ଜେଲ୍ ଅଧୀକ୍ଷକ ପୁଲିସକୁ ଖବର ଦେଇଥିଲେ। ଏହା ପରେ କୌଣସି ଡାକ୍ତରୀ ରିପୋର୍ଟକୁ ଅପେକ୍ଷା ନକରି ଅଧୀକ୍ଷକ ଶ୍ରୀ ମାଝୀ ପଞ୍ଚନାମା କରାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ଅତି ନିକଟରେ ଥିବା ଜିଲ୍ଲା ମୁଖ୍ୟାଳୟକୁ ନ ନେବା, ଫାର୍ମାସିଷ୍ଟ ମୃତ ଘୋଷଣା କରିବା, ବିନା ଡାକ୍ତରୀ ରିପୋର୍ଟରେ ପଞ୍ଚନାମା କରାଇବାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଯୌତୁକ ପାଇଁ ସେ ତାଙ୍କ ସ୍ତ୍ରୀକୁ ହତ୍ୟା କରିଥିବା ସଦର ଥାନାରେ ଶାଳକ ଅଭିଯୋଗ କରିଥିଲେ। ଏହି ଘଟଣାର ଶୁଣାଣି କରି ବଲାଙ୍ଗିର ଅତିରିକ୍ତ ଜିଲ୍ଲା ଜଜ (ପ୍ରଥମ) ୨୦୨୩ ନଭେମ୍ବର ୨୯ ତାରିଖରେ ତାଙ୍କୁ ଆଜୀବନ କାରାଦଣ୍ଡଦେଶ ଶୁଣାଇଥିଲେ। ସେହିଦିନଠାରୁ ଗୋପାଳ ବଲାଙ୍ଗିର ଜେଲ୍‌ରେ ରହିଥିଲେ। ଗତ ଫେବୃୟାରୀ ୨୦ ତାରିଖରେ ସର୍ତ୍ତମୂଳକ ଜାମିନରେ ଘରକୁ ଯାଇ ମାର୍ଚ୍ଚ ୭ ତାରିଖରେ ଫେରିଥିଲେ।

## ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୫୬୭ଟି ମାମଲାର ସମାଧାନ ଓ ୧୨.୮୩ କୋଟି ଟଙ୍କାର କ୍ଷତିପୂରଣ ସ୍ଥିରୀକୃତ

କଟକ, ୧୪।୩ (ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟି ଆନୁକୂଲ୍ୟରେ ଆଜି ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରୀଶ ଟଣ୍ଡନଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ମାମଲାର ବିଚାର କରାଯାଇଥିଲା। ଏହି ଲୋକ ଅଦାଲତରେ ମୋଟ ୧୫୬୭ଟି ମାମଲାର ଫଇସଲା କରାଯାଇଛି। ମାମଲାଗୁଡ଼ିକରେ ମୋଟ ୧୨ କୋଟି ୮୩ ଲକ୍ଷ ୨୪ ହଜାର ୧୭୨ ଟଙ୍କା କ୍ଷତିପୂରଣ ଆକାରରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।


ମୁଖ୍ୟତଃ ବୀମା ଦାବି, ଚେକ୍-ବାଉନ୍ସ, ବିଦ୍ୟୁତ୍ ସମ୍ବନ୍ଧୀୟ ବିବାଦ, ଜମି ଅଧିଗ୍ରହଣ ଏବଂ ପାରିବାରିକ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା। ମୋଟ ୮ଟି କୋର୍ଟରେ ମାମଲାଗୁଡ଼ିକ ବିଚାର କରାଯାଇଥିଲା। ଜଷ୍ଟିସ କେ. ଆର୍. ମହାପାତ୍ର, ଜଷ୍ଟିସ ବି.ପି ରାଉତରାୟ, ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ଆଦିତ୍ୟ କୁମାର. ମହାପାତ୍ର, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ ଏମ. ଏସ. ରମଣ, ଜଷ୍ଟିସ ସଂଜୟ କୁମାର. ମିଶ୍ର, ଜଷ୍ଟିସ ଗୌରୀଶଙ୍କର ଶତପଥୀ, ଜଷ୍ଟିସ ଚିତ୍ତ ରଂଜନ ଦାଶ ଓ ଜଷ୍ଟିସ ଶିବଶଙ୍କର ମିଶ୍ର ମାମଲାଗୁଡ଼ିକ ବିଚାର କରିଥିଲେ। ଏହି ଅଦାଲତରେ ନ୍ୟାସନାଲ ଇନସ୍ୟୁରାନ୍ସ, ନ୍ୟୁ-ଇଣ୍ଡିଆ ଆସୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ ଓ ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ ସମେତ ବିଭିନ୍ନ ଘରୋଇ ବୀମା କମ୍ପାନୀ, ବ୍ୟାଙ୍କ ଅଧିକାରୀ, ଜମି ଅଧିଗ୍ରହଣ ଅଧିକାରୀ ଏବଂ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନିଯୁକ୍ତି ବୟସ ୪୨କୁ ବଢ଼ାଇଲା ପିଏସ୍‌ୟୁ

ଭୁବନେଶ୍ୱର,୧୪।୩(ସମିସ): ନିଯୁକ୍ତି ପାଇଁ ଆବେଦନ ବୟସ ସୀମାକୁ ୪୨ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାର ବଢ଼ାଇଥିଲେ ମଧ୍ୟ ପିଏସ୍‌ୟୁଗୁଡ଼ିକ ସରକାରଙ୍କ ନିର୍ଦ୍ଦେଶକୁ ଅନୁପାଳନ କରୁନଥିଲେ। ଏକାଧିକବାର ଖବର ପ୍ରକାଶ ପାଇବା ଏବଂ ଆଶାୟୀଙ୍କ ଅସନ୍ତୋଷ ପରେ ପ୍ରାୟ ୧୦ ମାସ ପରେ ବୟସ ବୃଦ୍ଧି କରାଯାଇଛି। ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସମସ୍ତ ପିଏସ୍‌ୟୁମାନଙ୍କୁ ଏନେଇ ଅବଗତ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗତ ଜୁନ୍ ୯ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବୟସ ବଢ଼ାଯାଇଥିବା କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୩୧ ଟି ସରକାରୀ ଉଦ୍ୟୋଗ ଥିବାବେଳେ ସମୁଦାୟ ୨୫ ହଜାର ୨୯୩ ଟି ମଞ୍ଜୁରୀପ୍ରାପ୍ତ ପଦ ରହିଛି। ତନ୍ମଧ୍ୟରେ ମାତ୍ର ୯୮୫୩ ଜଣ ନିୟମିତ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ଆହୁରି ୧୫ ହଜାର ୪୪୦ ଟି ପଦରେ ନିଯୁକ୍ତି ହେବ। ବୟସ ବୃଦ୍ଧି କରାଯାଇଥିବାରୁ ବହୁ ଆଶାୟୀ ଉପକୃତ ହେବେ। ବୟସ ବଢ଼ାଇବାକୁ ବହୁ ଦିନରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବା ଆଶାୟୀ ସୁନିଲ କୁମାର ମିଶ୍ରଙ୍କ ସମେତ ବହୁ ଛାତ୍ରଛାତ୍ରୀ ଧନ୍ୟବାଦ ଜଣାଇଛନ୍ତି।

**ଦିବ୍ୟାଙ୍ଗ ମହିଳା ରୋଗୀଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର**

## ଫୋନ୍ ବାଜିବାରୁ ମାଡ଼ମାରି ବାହାର କରିଦେଲେ



ଭଞ୍ଜନଗର, ୧୪।୩ (ସମିସ): ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଜଣେ ଦିବ୍ୟାଙ୍ଗ ମହିଳା ରୋଗୀ ଚିକିତ୍ସା ପାଇଁ ଆସିଥିବା ବେଳେ କାର୍ଯ୍ୟରତ ଜଣେ ମହିଳା ଡାକ୍ତର ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ଏନେଇ ରୋଗୀଙ୍କ ସମ୍ପର୍କୀୟ ଭଞ୍ଜନଗର ଥାନାରେ ଏତଲା ଦେବା ପରେ ପୁଲିସ ନଂ ୨୧୧/୨୬ରେ ଏକ ମାମଲା ରୁଜୁ କରି ମହିଳାଙ୍କ ବୟାନ ରେକର୍ଡ କରିଛି। ଏହାସହ ସଂପୃକ୍ତ ମହିଳା ଡାକ୍ତରଙ୍କୁ ନୋଟିସ୍ ଜାରି କରିଛି ପୁଲିସ। ଏହି ଘଟଣା ଭଞ୍ଜନଗର ସହରରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି।

ଶୁକ୍ରବାର ରାତିରେ ଭଞ୍ଜନଗର ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମର ଅଲେଖ ଭୂୟାଁଙ୍କ ପତ୍ନୀ ରେଣୁକା ଭୂୟାଁ ଜଣେ ଦିବ୍ୟାଙ୍ଗ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ମହିଳାଙ୍କ ଭାଣିଜୀ ପ୍ରମିଳା ଭୂୟାଁ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏହି ସମୟରେ ଓପିଡିରେ କାର୍ଯ୍ୟରତ ମହିଳା ଡାକ୍ତର ପ୍ରମିଳାଙ୍କ ମୋବାଇଲ ଫୋନ ବାଜିବାରୁ ବିରକ୍ତ ହୋଇଥିଲେ। ପୁଣିଥରେ ମୋବାଇଲ ବାଜିବାରୁ ଏବଂ ସେ ଫୋନ୍ ରିସିଭ୍ କରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଦିବ୍ୟାଙ୍ଗ ମହିଳାଙ୍କୁ ମାଡ଼ ମାରିଥିଲେ ମହିଳା ଡାକ୍ତର। ଏହାର ପ୍ରତିବାଦ କରିବାରୁ ତାଙ୍କ ଭାଣିଜୀଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଖାଲି ସେତିକି ନୁହେଁ, ରେଣୁକାଙ୍କ ହ୍ୱିଲ୍ ଚେୟାରକୁ ଠେଲି ବାହାର କରିଦେଇଥିଲେ ବୋଲି ଅଭିଯୋଗ ହୋଇଛି।

ଡାକ୍ତରଙ୍କ ମାଡରେ ମହିଳାଙ୍କ କାନରୁ ସୁନା ରିଙ୍ଗ ଛିଣ୍ଡି କେଉଁଆଡ଼େ ପଡ଼ି ଯାଇଥିଲା। ଏନେଇ ରେଣୁକାଙ୍କ ପୁଅ ଧର୍ମରାଜ ଥାନାରେ ଏତଲା ଦେଇଛନ୍ତି।

ଥାନାଧିକାରୀ ଜୀବନାନନ୍ଦ ଜେନାଙ୍କ ସୂଚନାନୁସାରେ, ଏହି ଘଟଣାକୁ ପୁଲିସ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ତଦନ୍ତ ଆରମ୍ଭ କରିଛି। ଭାରତୀୟ ନ୍ୟାୟ ସଂହିତାର ଦଫା ୧୮୦ରେ ଆକ୍ରମଣର ଶିକାର ଦିବ୍ୟାଙ୍ଗ ମହିଳାଙ୍କ ବୟାନ ରେକର୍ଡ କରାଯାଇଛି। ସେହିପରି, ବିଏନଏସ୍‌ର ଧାରା ୩୫(୩) ପ୍ରକାରେ ଅଭିଯୁକ୍ତ ଡାକ୍ତରଙ୍କୁ ନୋଟିସ୍ ଜାରି କରିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ମେଡିକାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଏଣୁ, ଥାନାଧିକାରୀ ଜୀବନାନନ୍ଦ ଜେନା ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ନିଜେ ତଦନ୍ତ କରୁଛନ୍ତି। ପୁଲିସ ମେଡିକାଲର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ସିସିଟିଭି ଆଧାରରେ ହିଁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ସାଧାରଣ ଲୋକଙ୍କୁ ସୁରକ୍ଷା ଓ ସେବା ଦେବାକୁ ଥିବା ଡାକ୍ତରଙ୍କ ଏଭଳି ଆଚରଣକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି। ଅପରପକ୍ଷେ, ମେଡିକାଲରେ ଏଭଳି ଘଟଣା ଘଟିଥିବା ପ୍ରସଙ୍ଗକୁ ସଂପୃକ୍ତ ଡାକ୍ତର ଖଣ୍ଡନ କରିଛନ୍ତି।

**■ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ; ଡାକ୍ତରଙ୍କୁ ନୋଟିସ୍**

## ନୀତି ବିଳମ୍ବ ଓ ବିଶୃଙ୍ଖଳିତ ଆଚରଣ

## ଖୁଣ୍ଟିଆ ସେବକ ୩ ମାସ ପାଇଁ ନିଲମ୍ବିତ

ପୁରୀ, ୧୪।୩ (ସମିସ): ଗତ ଫେବୃଆରୀ ୨୮ରେ କେତେକ ସେବକଙ୍କ ଅଶୋଭନୀୟ ଆଚରଣ ଓ କାର୍ଯ୍ୟକଳାପ ଯୋଗୁଁ ଶ୍ରୀମନ୍ଦିରର ନୀତି ପ୍ରାୟ ୪ ଘଣ୍ଟା ବିଳମ୍ବ ହୋଇଥିଲା। ଫଳରେ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହେବା ସହ ନିର୍ଦ୍ଦିଷ୍ଟ ସମୟରେ ମହାପ୍ରସାଦ ପାଇବାରୁ ବଞ୍ଚିତ ହୋଇଥିଲେ। ଘଟଣା ସମୟରେ କର୍ତ୍ତବ୍ୟରତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଅସମ୍ମାନଜନକ ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା। ଏହି ଘଟଣାରେ ସମ୍ପୃକ୍ତ ଛାମୁ ଖୁଣ୍ଟିଆ ସେବକ ରାମକୃଷ୍ଣ ଖୁଣ୍ଟିଆ ଏବଂ ଅନ୍ୟ ଦୁଇ ସେବକ ମାଧବ ଖୁଣ୍ଟିଆ (ହାତୀ) ଓ ମଧୁସୂଦନ ଖୁଣ୍ଟିଆ (ଷଣ୍ଢ)ଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କୈଫିୟତ ତଲବ କରିଥିଲେ। ସମ୍ପୃକ୍ତ ସେବକମାନଙ୍କ ଉତ୍ତର ଏବଂ ପ୍ରଶାସନିକ ଅଧିକାର ଓ କର୍ମଚାରୀଙ୍କ ପକ୍ଷ ଶୁଣିବା ପରେ ରାମକୃଷ୍ଣ ଖୁଣ୍ଟିଆଙ୍କୁ ୩ମାସ ପାଇଁ ନିଲମ୍ବନ କରାଯାଇଛି। ଏହି ଅବଧି ମଧ୍ୟରେ ସେ ଶ୍ରୀମନ୍ଦିରର କୌଣସି ସେବାପୂଜାରେ ସାମିଲ ହୋଇପାରିବେ ନାହିଁ। ନିଲମ୍ବନ ଅବଧି ସମୟରେ ଯଦି ସେ କୌଣସି ସେବକ କିମ୍ବା ବ୍ୟକ୍ତିଙ୍କୁ ପ୍ରଲୋଭନ ବା ଧମକ ଦେବା କିମ୍ବା ଶ୍ରୀମନ୍ଦିରର ସେବାପୂଜା ଓ ନୀତିରେ ବାଧା ସୃଷ୍ଟି କରିବା ପରି କାର୍ଯ୍ୟରେ ଲିପ୍ତ ହେବେ, ନିଲମ୍ବନ ଅବଧିକୁ ବଢ଼ାଯିବା ସହ ଶାଢ଼ିବନ୍ଧା ଆଦେଶ ପ୍ରତ୍ୟାହାର କରି କଠୋରତର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।

**ଦୁଇ ସେବକଙ୍କୁ ସର୍ତ୍ତମୂଳକ କ୍ଷମା**

ସେହିପରି ଅନ୍ୟ ଦୁଇ ସେବକ ମାଧବ ଖୁଣ୍ଟିଆ ଓ ମଧୁସୂଦନ ଖୁଣ୍ଟିଆଙ୍କୁ ସର୍ତ୍ତ ସହ କ୍ଷମା କରାଯାଇଥିବା ବେଳେ ଭବିଷ୍ୟତରେ ଏପରି ଆଚରଣ ପୁନରାବୃତ୍ତି ହେଲେ ଶୃଙ୍ଖଳାଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସତର୍କ କରାଇ ଦିଆଯାଇଛି। ଅଧିକାଂଶ ସେବକଙ୍କ ସମୟୋଚିତ ସହଯୋଗ ଓ ଉତ୍ତମ ସମନ୍ୱୟରେ ଶ୍ରୀମନ୍ଦିରର ନୀତିକାନ୍ତି ସୁଚାରୁ ଭାବେ ସମ୍ପାଦିତ ହେଉଥିବା ବେଳେ କେତେକ ସେବକଙ୍କ ବିଶୃଙ୍ଖଳ ଆଚରଣ ଯୋଗୁଁ ନୀତି ବ୍ୟାହତ ହେବା ଦୁଃଖଦାୟକ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି। ଶ୍ରୀମନ୍ଦିରରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ଅବ୍ୟବସ୍ଥା ଘେରରେ ଓଡ଼ିଆ ବିଶ୍ୱବିଦ୍ୟାଳୟ

# କୁଳପତିଙ୍କୁ ହଟାଇବା ଦାବିରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

ସାକ୍ଷୀଗୋପାଳ,୧୪।୩(ସମିସ)

ଓଡ଼ିଆ ଭାଷା ସାହିତ୍ୟର ଉତରୋତ୍ତର ଗବେଷଣା ଓ ଅଭିବୃଦ୍ଧି ନିମନ୍ତେ ଐତିହ୍ୟସମ୍ପନ୍ନ ସତ୍ୟବାଦୀ ବନ ବିଦ୍ୟାଳୟରେ ଖୋଲାଯାଇଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ଘେରରେ ରହିଛି। ଶିକ୍ଷାଦାନଠାରୁ ଆରମ୍ଭ କରି, ଛାତ୍ରାବାସ, ପାଠାଗାର, ପ୍ରଶାସନିକ ପରିଚାଳନା ସହିତ କୁଳପତିଙ୍କ ଓଡ଼ିଆ ଅସ୍ମିତା ବିରୋଧୀ ଅଭିଭାଷଣକୁ ନେଇ ଛାତ୍ର ଅଶାନ୍ତି ଦେଖାଯାଇଛି। ଫଳସ୍ୱରୂପ ଶନିବାର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ପ୍ଲାକାର୍ଡ ଧରି ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ପ୍ରକାଶ ଯେ, ୨୦୨୩ରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରାଯାଇଥିବା ବେଳେ ନୂତନ ସୌଧ ୨୦୨୪ରେ ଲୋକାର୍ପିତ ହୋଇଥିଲା। ଛାତ୍ରୀ ନିବାସରେ ପାନୀୟଜଳ ଓ ଅନ୍ୟାନ୍ୟ ଅସୁବିଧା ରହିଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ସେହିପରି ଆବଶ୍ୟକତାଠାରୁ ବହୁତ କମ୍ ସଂଖ୍ୟକ ଅଧ୍ୟାପକ ରହିଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି ଏବଂ ପାଠାଗାର ଖୋଲାଯାଉନି।



ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳନ ସମାରୋହରେ କୁଳପତିଙ୍କ ଓଡ଼ିଆ ଅସ୍ମିତା ବିରୋଧୀ ଅଭିଭାଷଣକୁ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଘୋର୍ ଅସନ୍ତୋଷ ପ୍ରକାଶ ପାଇଛି। କୁଳପତିଙ୍କ ଅଭିଭାଷଣ ଆଧାରରେ ବିଭିନ୍ନ ଖବର କାଗଜରେ ପ୍ରକାଶିତ ଖବର 'ସଂସ୍କୃତ ଓଡ଼ିଆ ଭାଷାର ଜନନୀ' ପ୍ରସଙ୍ଗକୁ ନେଇ ସେମାନେ ଦୃଢ଼ ନିନ୍ଦା କରିଥିଲେ। ଏଭଳି ମନ୍ତବ୍ୟ ପାଇଁ ସେମାନେ କୁଳପତିଙ୍କୁ ଦାୟୀ କରିବା ସହ ଓଡ଼ିଆ ବିଶ୍ୱବିଦ୍ୟାଳୟ ଦାୟିତ୍ୱରେ ରହିଥିବା ସଂସ୍କୃତ ପ୍ରାଧ୍ୟାପକଙ୍କ ବଦଳରେ ଓଡ଼ିଆ ପ୍ରାଧ୍ୟାପକଙ୍କ ନିଯୁକ୍ତି ସହିତ ଏଭଳି ଓଡ଼ିଆ ଭାଷା ବିରୋଧୀ ମନ୍ତବ୍ୟ ପାଇଁ କୁଳପତି କ୍ଷମା ମାଗିବାକୁ ହାତରେ ପ୍ଲାକାର୍ଡ ଧରି ଦାବି କରିଥିଲେ। ପରେ ପରେ ବିଶ୍ୱବିଦ୍ୟାଳୟ ଛାତ୍ରମଙ୍ଗଳ ଅଧିକାରୀ ସଙ୍ଗୀତା ଜେନା ଆନ୍ଦୋଳନ ଚଳାଇଥିବା

**● ଅଧ୍ୟାପକ ନାହାନ୍ତି; ପାଠପଢ଼ାରେ ବାଧା**

**● ଛାତ୍ରୀ ନିବାସରେ ପାନୀୟ ଜଳ ସମସ୍ୟା**

ଛାତ୍ରଛାତ୍ରୀମାନଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଏନେଇ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀଙ୍କୁ ପଚାରିବାରୁ, ଛାତ୍ରାବାସରେ ପାନୀୟ ଜଳ ସମସ୍ୟା ଦୂର କରାଯାଇଛି, ଅନ୍ୟ ସମସ୍ୟାଗୁଡ଼ିକୁ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ମାତ୍ର ଓଡ଼ିଆ ଭାଷାକୁ ନେଇ ସେ ଯେଉଁ ଅଭିଭାଷଣ ଦେଇଥିଲେ ସେ ଠିକ୍ କହିଛନ୍ତି। ସେ ଅନେକ ଗବେଷଣାକୁ ଭିତ୍ତିକରି ସେ ଏହା କହିଥିଲେ ବୋଲି ସୂଚନା ଦେଇଥିଲେ।

### ● ଧୀରେ ଧୀରେ ଭୁଶୁଡ଼ିବାରେ ଲାଗିଛି ଦୟା ନଦୀ ବନ୍ଧ

# ଚିଲିକାରେ ମିଶିଯିବ ୧୦୦ରୁ ଉର୍ଦ୍ଧ୍ୱ ଗାଁ

କଣାସ,୧୪।୩(ସମିସ): କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ଦୟା ନଦୀର ବାମ ପାଶ୍ୱର୍ ବସନ୍ତପୁର ଗ୍ରାମ ନିକଟରେ ବନ୍ଧ ଲଗାତାର ଭାବେ ୪ବର୍ଷ ହେଲା ଧୀରେ ଧୀରେ ନଦୀ ଭିତରକୁ ଭୁଶୁଡ଼ିଯାଉଛି। ପ୍ରଶାସନିକ ଅଧିକାରୀମାନେ ବାରମ୍ବାର ଆସି ଭୁଶୁଡ଼ିବା ସ୍ଥାନ ପରିଦର୍ଶନ କରିବା ସହିତ ମାଟି ପରୀକ୍ଷା ପାଇଁ ନେଉଛନ୍ତି ଏବଂ ଠିକାଦାର ଲଗାଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନଦୀ ବନ୍ଧ କାମ କରୁଛନ୍ତି। କିନ୍ତୁ ୬ ମାସ ନ ଯାଉଣୁ ବନ୍ଧର ଉକ୍ତ ସ୍ଥାନ ନଦୀ ଗର୍ଭକୁ କ୍ରମାଗତ ଭାବେ ଧୀରେ ଧୀରେ ଭୁଶୁଡ଼ି ଭୁଶୁଡ଼ି ଯାଉଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଉକ୍ତ ବନ୍ଧର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନ ନେଇ ସାମୟିକ ଭାବେ ମରାମତି କରି ଚୁପ୍ ବସିଯାଉଛନ୍ତି। ଯାହାକି ଏହି ପ୍ରକଳ୍ପକୁ ଏକ ଶାଗ କିଆରି ଭାବେ ପ୍ରଶାସନ ଓ ଠିକାଦାର ବ୍ୟବହାର କରି ଲକ୍ଷ ଲକ୍ଷ ଟଙ୍କା ଚକ୍ଷୁ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଏହିପରି କଣାସ ବ୍ଲକ୍‌ର ଗଡ଼ସାହି, ବିନ୍ଧଣ, ଆଣ୍ଡଲ, ବିଜିପୁର, ଖଣ୍ଡହୋତ, ଅଳିବାଦ, ଜାମଲଗଡ଼ା ଆଦି ୬୦ରୁ ଉର୍ଦ୍ଧ୍ୱ ଗାଁ ଓ ବ୍ରହ୍ମଗିରି ବ୍ଲକ୍‌ର ୫ରୁ ୬ଟି ଗ୍ରାମର ବାସିନ୍ଦା ବନ୍ୟା ସମୟରେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଯଦି ଆଗାମୀ ଦିନରେ ଉକ୍ତ ବନ୍ଧ ବନ୍ୟା ସମୟରେ ଭଙ୍ଗିଯାଏ, ତାହେଲେ କଣାସ ଓ ବ୍ରହ୍ମଗିରି ବ୍ଲକ୍‌ର ଶତାଧିକ ଗ୍ରାମ ଧୂଳିସାତ୍ ହୋଇ ଚିଲିକାରେ ମିଶିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବନି। ରାଜ୍ୟ ସରକାର ତୁରନ୍ତ ଉକ୍ତ ନଦୀ ବନ୍ଧ ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



### ଅଞ୍ଚଳ ବୁଲିଲେ ଅର୍ଥ ବିଭାଗ ପ୍ରମୁଖ ସଚିବ

# ତୁରନ୍ତ କାର୍ଯ୍ୟକ୍ଷମ ହେବ ଉପ ସ୍ୱାସ୍ଥ୍ୟକେନ୍ଦ୍ର

ଡେଲାଙ୍ଗ,୧୪।୩(ସମିସ): ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଶନିବାର ଡେଲାଙ୍ଗ ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ୪୬ ଲକ୍ଷ ଟଙ୍କା ବ୍ୟୟରେ ଗତବର୍ଷ ନିର୍ମାଣ କରାଯାଇଥିବା ଅରିସଲ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ। ସଚିବ ଶ୍ରୀ ମିଶ୍ର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୭ଲକ୍ଷ ଟଙ୍କା ବ୍ୟୟରେ ଅରିସଲ ଗ୍ରାମ୍ୟ ରାସ୍ତାରୁ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ ରାସ୍ତାର କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ପୂର୍ବ ସରକାରଙ୍କ ସମୟରେ ନିର୍ମାଣ କରାଯାଇଥିବା ଗୁଆଳିପଡ଼ା ପଞ୍ଚାୟତର ହୁମର ଗ୍ରାମୀଣ ଉଦ୍ୟାନକୁ ପରିଦର୍ଶନରେ ଯିବା ସହିତ ଏହାର ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ସରପଞ୍ଚ କାଳନ୍ଦୀ ଚରଣ ଜେନାଙ୍କ ସମୟରେ ନିର୍ମାଣ ଏହି ଉଦ୍ୟାନ ଅଦ୍ୟାବଧି ବ୍ଲକ୍‌ର ସର୍ବଶ୍ରେଷ୍ଠ ଉଦ୍ୟାନ ଭାବେ ପରିଚୟ ସୃଷ୍ଟି କରିଥିବାବେଳେ ଉଦ୍ୟାନ ସହିତ ପରିସରରେ ଥିବା ପାଠାଗାର ଦେଖି ସଚିବ ସନ୍ତୋଷ ବ୍ୟକ୍ତ କରିଥିଲେ। ସ୍ଥାନୀୟ ମହିଳା ଗୋଷ୍ଠୀଙ୍କୁ ଉଦ୍ୟାନର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରିବାକୁ ସଚିବ ଶ୍ରୀ ମିଶ୍ର ଉପଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସାନ୍ତନୁ କୁମାର ଜେନା, ବ୍ଲକ୍ ଉନ୍ନୟନ ଅଧିକାରୀ ସମୀର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ, ସହକାରୀ ଯନ୍ତ୍ରୀ ଧର୍ମେନ୍ଦ୍ର ସାମନ୍ତରାୟ ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ୍‌ର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ନେଇ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ସଚିବ ଶ୍ରୀ ମିଶ୍ର ଆଲୋଚନା କରିଥିବା ଜଣାପଡ଼ିଛି।



# ଆଦର୍ଶ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଅସ୍ତରଙ୍ଗ,୧୪।୩(ସମିସ): ଅସ୍ତରଙ୍ଗ ହାଇସ୍କୁଲର ଆଦର୍ଶ ଶିକ୍ଷକ ସୁଶାନ୍ତ ପରିଡ଼ାଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଶନିବାର ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ଅଞ୍ଚଳର ସୁନ୍ଦର ବିଦ୍ୟାପୀଠରେ ୧୯୮୯ ଅଗଷ୍ଟ ମାସରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଗଞ୍ଜାମ ଖଲ୍ଲିକୋଟ ଦେବିଝର ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ୨୦୨୪ ଅଗଷ୍ଟ ମାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ପରେ ନିଜ ଜନ୍ମମାଟିକୁ ଫେରି ୨୦୨୬ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ସେ କେବଳ ଜଣେ ଶିକ୍ଷକ ନୁହେଁ ବରଂ ଜଣେ ସ୍ନେହୀ, ଶ୍ରଦ୍ଧାଳୁ, ସ୍ପଷ୍ଟବାଦୀ, ନିର୍ଭିକ ମଣିଷ ଭାବେ ବେଶ୍ ପରିଚିତ ହୋଇ ଜଣେ ଆଦର୍ଶ ଶିକ୍ଷକର ପରିଚୟ ପାଇଛନ୍ତି। ଶନିବାର ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ୍ ଅଧ୍ୟକ୍ଷା ଆରତୀ ନାୟକ, ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ସ୍ୱାଇଁ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ଭୁବନେଶ୍ୱରର ଉପ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ସାମର୍ଥ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ଏବଂ ଅବସରପ୍ରାପ୍ତ ଶିକ୍ଷକମାନେ ଅତିଥି ରୂପେ ଯୋଗଦେଇ ଶ୍ରୀ ପରିଡ଼ାଙ୍କ ଆଦର୍ଶ ନୀତି ଓ ବିରଳ ବ୍ୟକ୍ତିତ୍ୱ ସମ୍ପର୍କରେ ଭାଷଣ ରଖିଥିଲେ। ଅନେକ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ ଏହି ଉତ୍ସବରେ ଯୋଗଦେଇ ନିଜ ପ୍ରିୟ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉପହାର, ଉତ୍ତରୀୟ ପ୍ରଦାନ କରିଥିଲେ।



# ପ୍ରସିଦ୍ଧ ଶୁକଳ ମେଳଣ ଆରମ୍ଭ

ସାକ୍ଷୀଗୋପାଳ,୧୪।୩(ସମିସ): ସତ୍ୟବାଦୀ ଅନ୍ତର୍ଗତ ଶୁକଳ ପଞ୍ଚାୟତରେ ୨୨୬ତମ ପାରମ୍ପରିକ ଶୁକଳ ଦୋଳ ମେଳଣ ଆରମ୍ଭ ହୋଇଛି। ଗ୍ରାମର ଇଷ୍ଟଦେବ ତଥା ମେଳଣର ଥାନପତି ତୃତୀୟାଦେବ ଶ୍ରୀଶ୍ରୀଜଗନ୍ନାଥଙ୍କୁ ଏକ ସୁସଜ୍ଜିତ ବିମାନରେ ଗ୍ରାମ୍ୟ ପରିକ୍ରମା କରାଯାଇ ପଟୁଆରରେ ମେଳଣ ପଡ଼ିଆ ମଣ୍ଡପରେ ବିଜେ କରାଯାଇଥିଲା। ନାଗା, ପରୀ ଆଦି ପାରମ୍ପରିକ ନୃତ୍ୟ ସାଙ୍ଗକୁ ଘଣ୍ଟ, ମର୍ଦ୍ଦଳ, ତୁରୀ ସହ ହରିବୋଲ, ହୁଳହୁଳିରେ ଗାଁ ପରିବେଶ କମ୍ପି ଉଠିଥିଲା। ଏହି ଅବସରରେ ଦିନ ତମାମ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅବିର ବୋଳାବୋଳି ନିଆରା ପରିବେଶ ସୃଷ୍ଟି କରିଥିଲା। ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି ବିଭୂ କୃପା ଲାଭ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଭୋଗ ଦୋକାନଠାରୁ ଆରମ୍ଭ କରି ଚଟ୍‌ପଟି ଖାଦ୍ୟ ସମେତ ମନୋହରୀ, ଘରକରଣା ଓ ବିଭିନ୍ନ ପ୍ରକାର ଖେଳଣା, ପନିପରିବା ବିକ୍ରି ଜୋର୍ ଧରିଥିଲା। ଏହି ମେଳଣକୁ ମନଭରି ଉପଭୋଗ କରିବା ପାଇଁ ଘରେ ଘରେ ବନ୍ଧୁବାନ୍ଧବଙ୍କ ସମାଗମ ହୋଇଛି। ପଡ଼ୋଶୀ ମାର୍କଣ୍ଡପଡ଼ା ହରଶିବ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ସମେତ ପୁରୀ ଜିଲ୍ଲାର ସତ୍ୟବାଦୀ, ପୁରୀ ସଦର, ଡେଲାଙ୍ଗ ଓ କଣାସ ପ୍ରମୁଖ ୪ଟି ବ୍ଲକ୍‌ର ଶତାଧିକ ଦେବଦେବୀ ବିମାନରେ ଆସି ଉକ୍ତ ମେଳଣ ପଡ଼ିଆରେ ଆସିନ ହୋଇଛନ୍ତି। ମେଳଣଟି ୧୦ ଦୋଳ ହୋଇଥିବାରୁ ଦୋଳ ପୂର୍ଣ୍ଣିମା ପରେ ନବମୀ, ଦଶମୀ, ଏକାଦଶୀ ତିନିଦିନ ଧରି ଅନୁଷ୍ଠିତ ହୋଇଥାଏ। ଇତିହାସକୁ ଅବଲୋକନ କଲେ ଜଣାଯାଏ, ଏହି ମେଳଣର ମୁଖ୍ୟ ପୃଷ୍ଠପୋଷକ ଥିଲେ ତତ୍କାଳୀନ ଏମାର ମଠ ମହନ୍ତ ଗଦାଧର ରାମାନୁଜ। ଏଠାରେ ଏମାର ମଠର ଖମାର ଓ ମଠ ରହିଥିଲା।



# ୧୭ରୁ କୁନାମଣି ଖୁଣ୍ଟିଆ ମେମୋରିଆଲ ଲିଜେଣ୍ଡ କପ୍




ପୁରୀ,୧୪।୩(ସମିସ): ସ୍ୱର୍ଗତ କୁନାମଣି ଖୁଣ୍ଟିଆ ମେମୋରିଆଲ ପୁରୀ ଲିଜେଣ୍ଡ କପ୍‌ର ଦ୍ୱିତୀୟ ସଂସ୍କରଣ ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବ। ଏନେଇ ସ୍ୱର୍ଗତ କୁନାମଣି ଖୁଣ୍ଟିଆଙ୍କ ପୁଅ ମାଧବ ଚନ୍ଦ୍ର ଖୁଣ୍ଟିଆ ଅଧ୍ୟକ୍ଷତାରେ ଆୟୋଜକ ଜିବି ବ୍ଲାଷ୍ଟର କ୍ଲବ୍ ପକ୍ଷରୁ ଶନିବାର ଲାଇଟ୍ ହାଉସ୍ ନିକଟ ଏକ ହୋଟେଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ଅଜିତ ଦାଶ, ତ୍ରିଭୁବନ ଦାଶ, ମଦନ ମୋହନ ସିଂହାରୀ, ପଙ୍କଜ ଦାଶ, ମୁକ୍ତିକାନ୍ତ ପାତ୍ର, ବିରଞ୍ଚି ନାରାୟଣ ଦାଶ, ପ୍ରଦ୍ୟୁମ୍ନ ପଲାଇ, ସୌମେନ୍ଦ୍ର ସୁନ୍ଦରାୟ, ଭାଗୀରଥି ବେହେରା, ରାମକୃଷ୍ଣ ଦାଶ, ଦିଲ୍ଲୀପ ଦଳାଇ, ସଞ୍ଜୀବ ସାହୁ, ଅସିତ୍ ଦାଶ ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରତିଦିନ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୮ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ୩୮ ବର୍ଷରୁ ଉର୍ଦ୍ଧ୍ୱ ବୟସ ଶ୍ରେଣୀ ଲିଜେଣ୍ଡ କିମ୍ବଦନ୍ତୀ ଖେଳାଳିଙ୍କ ଖେଳ ଦେଖିବାକୁ ମିଳିବା ସହ ପ୍ରତିଯୋଗିତାଟି ନକ୍‌ଆଉଟ୍ ପ୍ରଣାଳୀରେ ଖେଳାଯିବ। ଟର୍ଫ ୱିକେଟ୍‌ରେ ଧଳା ଲେଦର ବଲ୍ ବ୍ୟବହାର କରି ମ୍ୟାଚ୍‌ଗୁଡ଼ିକ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି।

# କଣାସରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

କଣାସ,୧୪।୩(ସମିସ): କଣାସରେ ପ୍ରତିଷ୍ଠିତ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ୨୦୨୬ ମସିହାର ପ୍ରଥମ ରଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜଜ୍ ଶ୍ରୀୟା ରିତୁପର୍ଣ୍ଣା ସାହୁ ଯୋଗଦେଇ ୧୬ଟି ଫୌଜଦାରୀ ମୋକଦ୍ଦମାର ଫଇସଲା କରିଥିଲେ। ଏଥିରେ ଜିଲ୍ଲା ଆଇନ ପ୍ରାଧିକରଣର ଓକିଲ ସୁଶାନ୍ତ କୁମାର ମହାନ୍ତି, ନାଜିର ଆଶିଷ କୁମାର ଭଟ୍ଟାଚାର୍ଯ୍ୟ, ପେସ୍କାର କୃଷ୍ଣଚନ୍ଦ୍ର ଶତପଥି, ଜ୍ୟୋତି ରଞ୍ଜନ ପାଢ଼ୀ, ଏଜିପି ଅଶୋକ କୁମାର ପାଣିଗ୍ରାହୀ, କଣାସ ବାର୍ ଆସୋସିଏସନର ସମ୍ପାଦକ ବିଶ୍ୱନାଥ ବେହେରା ଓ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ।



# ରାସ୍ତା ନିର୍ମାଣକୁ ୪ ଦିନ; ଉଠିଗଲାଣି ପିଚୁ



ନୟାହାଟ,୧୪।୩(ସମିସ): ରାସ୍ତା ନିର୍ମାଣର ୪ ଦିନ ମଧ୍ୟରେ ପିଚୁ ଉଠିଯାଇଥିବା ଓଟର ନିକଟସ୍ଥ ମାଳିତୋଟାଠାରେ ଦେଖିବାକୁ ମିଳିଛି। ଗଡ଼କରମଳାଠାରୁ ଦେସ୍ଥଳି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗତ ୪ ଦିନ ତଳେ ପିଚୁ କାର୍ଯ୍ୟ କରାଯାଉଥିଲା। କାର୍ଯ୍ୟ ନିମ୍ନମାନର ଓ ଏଷ୍ଟିମେଟ୍ ଅନୁଯାୟୀ ରାସ୍ତା କାର୍ଯ୍ୟ କରାଯାଇ ନ ଥିବାରୁ ମାଳିତୋଟା ମେଳଣ ପଡ଼ିଆଠାରେ ରାସ୍ତା ଉପରୁ ପିଚୁ ଉଠି ଯାଇଥିବା ଦେଖିବାକୁ ମିଳିଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଘଟଣାକୁ ଦୃଷ୍ଟି ଦେଇ ତଦନ୍ତ ପାଇଁ ଦାବି ହେଉଛି।

# ମହିଳାଙ୍କ ଦ୍ୱାରା ଚାଲିଛି ମଦ ବେପାର; ଅବକାରୀ ବିଭାଗ ଚୁପ୍

ନୟାହାଟ,୧୪।୩(ସମିସ): ଚୋରା ମଦ ରୋକିବା ପାଇଁ ଅବକାରୀ ବିଭାଗ ବିଫଳ ହେଉଥିବାବେଳେ ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବା ଅଦ୍ୟାବଧି ସଫଳ ହୋଇପାରୁନାହିଁ। ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ପାଇକ ସାହିର ଗଡ଼ିଆ ଉପରେ ଥିବା ମହିଳା ମଦ ଦୋକାନ ଓ ତିରୁଣାରୁ ମଦ ଜବତ କରିଥିବାବେଳେ ସେମାନଙ୍କୁ ଗିରଫ ନ କରି ହାତଗୁଞ୍ଜା ନେଇ ଛାଡ଼ି ଦେଇଥିବା ଆଲୋଚନାର ବିଷୟ ପାଲଟିଛି। ପାଇକ ସାହି ଗଡ଼ିଆ ଉପରେ ଦୀର୍ଘ ବର୍ଷ ଧରି ଚୋରା ମଦ କାରବାର ହେଉଥିଲେ ମଧ୍ୟ ଜନୈକ ମହିଳା ସନ୍ଧ୍ୟା ସମୟରେ ମଦ କାରବାର କରୁଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ଲୋକଦେଖାଣିଆ ଚଢ଼ଉ କରି ହାତଗୁଞ୍ଜା ନେଇ ସେମାନଙ୍କୁ ଜେଲ୍ ନ ପଠାଇ ଛାଡ଼ିଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମଦ ପିଇବା ପାଇଁ ସେଠାରେ ସନ୍ଧ୍ୟାବେଳେ ଲୋକମାନଙ୍କର ଭିଡ଼ ଜମୁଛି। ଯାହାଫଳରେ ଅସାମାଜିକ ଯୁବକଙ୍କ ଭିଡ଼ ଜମୁଛି। ବିଭିନ୍ନ ସମୟରେ ଗଣ୍ଡଗୋଳର ସୂତ୍ରପାତ ହେଉଛି। ମଦ ଏତେ ପରିମାଣରେ ବିକ୍ରି ହେଉଛି ଯେ, ଗାଡ଼ି ମୋଟର ରାସ୍ତା ଉପରେ ରଖି ରାସ୍ତାଜାମ୍ ହେଉଛି। ମଦ ପିଇବା ପାଇଁ ସେ ଅଞ୍ଚଳରେ ଛୋଟ ମୋଟ ଚୋରି ମଧ୍ୟ ହେଉଛି।

ଅବକାରୀ ବିଭାଗ ସବୁ ଜାଣି ମଧ୍ୟ ସେମାନଙ୍କୁ ନ ଧରିବା ପଛରେ ମଦ ବେପାରୀ ଓ ଅବକାରୀ ବିଭାଗ ମଧ୍ୟରେ ସୁସମ୍ପର୍କ ରହିଛି। ଯାହା ଫଳରେ ଜହ୍ନିମାଳିଆ ଅଞ୍ଚଳରେ ନିଶା କାରବାର କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଯୁବଗୋଷ୍ଠୀ ଏହାକୁ ସେବନ କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ନକଲି ମଦର ଅବାଧ କାରବାର ଉପରେ ଦୃଷ୍ଟି ଦେବା ପାଇଁ ପୁରୀ ଅବକାରୀ ଏସ୍‌ପିଙ୍କୁ ସ୍ଥାନୀୟ ଲୋକ ନିବେଦନ କରିଛନ୍ତି।

### ମହିଳା ବ୍ୟବସାୟୀଙ୍କୁ ହତ୍ୟା ଘଟଣାକୁ ୪ ମାସ ବିତିଲା; ପୁଲିସ ହାତ ଖାଲି

# ବଦଳି ଗଲେ ଅଧିକାରୀ; ଆଗେଇଲାନି ତଦନ୍ତ

ଡେଲାଙ୍ଗ,୧୪।୩(ସମିସ)

ଗତବର୍ଷ ନଭେମ୍ବର ୧୮ ତାରିଖ ଦିନ ଡେଲାଙ୍ଗ ଥାନା ଅଧୀନ ରେଞ୍ଚ ପଞ୍ଚାୟତର ବେଲେଶ୍ୱର ପାଟଣା ଗ୍ରାମରେ ଜଣେ ୬୩ ବର୍ଷୀୟା ମହିଳା ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମହିଳାଙ୍କ ଛାତିଠାରୁ ପେଟ ତଳ ପର୍ଯ୍ୟନ୍ତ କଟାଦାଗ ଥିବାବେଳେ ତାଙ୍କ ପେଟ ଭିତରୁ ଅନ୍ତବୁଜୁଳା ବାହାରି ଆସିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସ୍ପଷ୍ଟ କରିଥିଲା। ବ୍ୟବସାୟ କରି ଆଣିଥିବା ଟଙ୍କା ଲୁଟ୍ କରିବା ସହ ମହିଳାଙ୍କୁ କେହି ହତ୍ୟା କରିଥିବା ନେଇ ତାଙ୍କ ପୁଅ ରାଜକିଶୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହିତ ଗ୍ରାମର ଏକାଧିକ ବ୍ୟକ୍ତିବିଶେଷଙ୍କୁ ଥାନାକୁ ଡାକିଆଣି ପଚରାଉଚରା କରିଥିଲା। ସେହିପରି ମୃତଦେହ ମିଳିଥିବା ସ୍ଥାନକୁ ଯାତାୟାତ କରୁଥିବା ଅନ୍ୟ ଗ୍ରାମର କେତେକ ଯୁବକଙ୍କୁ ମଧ୍ୟ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ହେଲେ ଘଟଣାକୁ ୪ମାସ ବିତିଯାଇଥିଲେ ମଧ୍ୟ ପୁଲିସ ଅପରାଧୀର ଟେର୍ ପାଇପାରିନାହିଁ। ମୃତା ମହିଳାଙ୍କ ପରିବାର ଲୋକେ ପୁରୀ ଅରକ୍ଷୀ ଅଧୀକ୍ଷକଙ୍କୁ ଘଟଣାର ସଠିକ୍ ତଦନ୍ତ କରିବାକୁ ଦାବି କରିଥିଲେ ମଧ୍ୟ ସୁଫଳ ମିଳିପାରି ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ମାମଲାର ଦାୟିତ୍ୱ ବହନ କରିଥିବା ତତ୍କାଳୀନ ଥାନା ଅଧିକାରୀ ଶ୍ୟାମଘନ ବାରିକଙ୍କ ପୁରୀ ବଦଳି କରାଯାଇଥିବା ବେଳେ କିଛିଦିନ ପୂର୍ବେ ଓଆଇସି ମମତା ବିଶ୍ୱାଳଙ୍କୁ ଥାନାର ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଗତ କିଛିମାସ ପୂର୍ବେ ଓଡ଼ିଶାର ଶତାଧିକ ଏସ୍‌ଆଇଙ୍କୁ ଆଇଆଇସି ପଦ ମିଳିଥିବାବେଳେ ଡେଲାଙ୍ଗ ଭଳି ଏକ ସମ୍ବେଦନଶୀଳ ଥାନାର ଦାୟିତ୍ୱ ଜଣେ ମହିଳା ଓଆଇସିଙ୍କୁ ପ୍ରଦାନ କରାଯାଇଥିବା ଘଟଣା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।




ପ୍ରାପ୍ତ ସୂଚନା ମୁତାବକ, ଡେଲାଙ୍ଗ ଥାନା ଅଧୀନ ରେଞ୍ଚ ପଞ୍ଚାୟତର ରେଳ ଷ୍ଟେସନ କଡ଼ରେ ଥିବା ବେଲେଶ୍ୱର ପାଟଣା ଗ୍ରାମର ସଉରୀ ମଲ୍ଲିକ ଭୁବନେଶ୍ୱରରେ ପରିବା, କାକୁଡ଼ି, ବାଦାମ, ବୁଟ ସିଝା ଆଦି ବେପାର କରିବାକୁ ପ୍ରତିଦିନ ରେଳ ଯୋଗେ ଭୁବନେଶ୍ୱର ଯାତାୟାତ କରନ୍ତି। ସନ୍ଧ୍ୟା ହେଲେ ସଉରୀ କଟକ-ପୁରୀ ପାସେଞ୍ଜର କିମ୍ବା ବଡ଼ବିଲ-ପୁରୀ ଏକ୍ସପ୍ରେସ୍‌ରେ ଘରକୁ ଫେରୁଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଗତବର୍ଷ ନଭେମ୍ବର ୧୭ ତାରିଖ ସକାଳୁ ସଉରୀ ରେଳ ଯୋଗେ ଭୁବନେଶ୍ୱର ଯାଇଥିବାବେଳେ ରାତିରେ ଘରକୁ ଫେରି ନ ଥିଲେ। ୧୮ ତାରିଖ ସକାଳ ପ୍ରାୟ ୬.୩୦ ସମୟରେ ତାଙ୍କ ମୃତଦେହ ଗାଁ ମୁଣ୍ଡରେ ଥିବା ଏକ କୁଡ଼ିଆଘର ପଛପଟ ନୟନଜୋରୀରେ ପଡ଼ିଥିବା ଓ ତାଙ୍କ ପିନ୍ଧା ଚପଲ ସହିତ ସେ ବ୍ୟବହାର କରୁଥିବା ତଡ଼ାଟି ରାସ୍ତାକଡ଼ରେ ପଡ଼ିଥିବା ଗ୍ରାମର କିଛି ଲୋକ ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକେ ଖବର ପାଇବା ପରେ ତୁରନ୍ତ ଡେଲାଙ୍ଗ ଥାନାକୁ ଜଣାଇଥିଲେ। ଖବର ପାଇ ଡେଲାଙ୍ଗ ଥାନା ଅଧିକାରୀଙ୍କ ସମେତ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂହ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ପିପିଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ମିଶ୍ର ପ୍ରମୁଖଙ୍କ ସହିତ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ହେଲେ ଘଟଣାକୁ ୪ ମାସ ବିତିଯାଇଥିଲା ବେଳେ ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଧରିପାରି ନାହିଁ।

ଏହି ଘଟଣା ସାରା ଅଞ୍ଚଳରେ ଚହଳ ସୃଷ୍ଟି କରିଥିବାବେଳେ ଅଭିଯୁକ୍ତକୁ ଗିରଫ କରା ନ ଯାଇ ଥାନା ଅଧିକାରୀଙ୍କୁ ବଦଳି କରାଯାଇଥିଲା। ତେବେ ଥାନାଠାରୁ ମାତ୍ର ୫ଶହ ମିଟର ଦୂରରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଘଟଣାର ତଦନ୍ତ ପ୍ରକ୍ରିୟା ଆଗକୁ ନ ଯିବା ଘଟଣା ବର୍ତ୍ତମାନ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେବା ସହିତ ତଦନ୍ତ ତ୍ୱରାନ୍ୱିତ କରିବାକୁ ଦାବି ହୋଇଛି।





# ଗୋଟିଏ ଆକ୍ରାନ୍ତ ଛାଇ



ଲିପ୍ସା ପଟେଲ

ବିବେକ ନଥିଲା ସମୟତକ ଖୁବ୍ ଓଜନିଆ ଲାଗେ ଲିପିକାକୁ। ବିବେକ ବିନା ଦିନଟି ସରେନି। ତାଙ୍କ ସହ ମନ ଖୋଲି କଥା ହେବାକୁ କେତେ ଦୀର୍ଘ ପ୍ରତୀକ୍ଷା ତାହା କେବଳ ଲିପିକା ହିଁ ଜାଣେ। ବିବେକ କ'ଣ ଏତିକି ବୁଝିପାରନ୍ତିନି? ଏତେ ଦକ୍ଷ, ବୟସ୍କ ଓ ସାବଲୀଳ ମଣିଷଟିଏ କେମିତି ଏତେ ଅବୁଝା ଭଳି ବ୍ୟବହାର କରନ୍ତି ଯେ !!! ହୁଏତ ସେ ନିଜର ସବୁ ଭାବାବେଗକୁ ନିଜ ମନ ତଳେ ହିଁ ଲୁଚେଇ ରଖିବାକୁ ଚାହାନ୍ତି। ବିବେକଙ୍କର ଏଇସବୁ ଗୁଣ ପାଇଁ ଲିପିକା କଥା କଥାକେ ଚିଡ଼ି ଯାଏ। କାହିଁକି ଦେଖା ହେଲା ଏମିତି ଏକ ଅଜବ ମଣିଷ ସହ ବୋଲି ସେ ଦିନଟିକୁ ବହେ ଗାଳିଦିଏ।

ବିବେକ ସବୁବେଳେ ନିଜ ବୟସରୁ କମ୍ ହିଁ ଜଣା ପଡୁଥିଲେ। ତାଙ୍କୁ ଦେଖି କେହି ବି ତାଙ୍କର ସଠିକ୍ ବୟସ ଆକଳନ କରିପାରୁନଥିଲେ। ସ୍କୁଲ, କଲେଜ, ଚାକିରି, ଏମିତିକି ବିବାହ ପ୍ରସ୍ତାବ ପାଇଁ ଖୋଜାଖୋଜି କରି ଝିଅ ଦେଖା ବେଳେ ମଧ୍ୟ ସେଇ ସମାନ କଥା। ଅନେକ ଝିଅ ତାଙ୍କୁ ନିଜ ବୟସରୁ କମ୍ ଜଣାପଡୁଛନ୍ତି କହି ମନା କରିଦେଇଥିଲେ। ଶେଷରେ କାହା ହାତ ଧରି ସଂସାର ଗଢ଼ିବାର ସ୍ୱପ୍ନ ବି ସ୍ୱପ୍ନ ହୋଇ ରହିଗଲା। ମଜା ମଜାରେ ଲିପିକା ବି କହୁଥିଲା ବିବେକ କୁଆଡ଼େ ଖୁବ୍ ପିଲାଳିଆ ବୁଦ୍ଧିର ମଣିଷ। ତେଣୁ ତାକୁ ହିଁ ବୟସ୍କା ପାଲଟି ବିବେକଙ୍କର ସବୁ ଚିନ୍ତା କରିବାକୁ ପଡ଼ିବ। ତଥାପି ସେଇଠି ଗୋଟିଏ ପ୍ରଶ୍ନ ସାମ୍ନାରେ ସେ ଅଟକି ଯାଏ। କେଉଁ ଅଧିକାର, କେଉଁ ସମ୍ପର୍କର ଦୁହାଇ ଦେଇ ସେ ଏସବୁ କରିବ? ବିବେକ ତାଙ୍କର ସମ୍ପର୍କକୁ କେବେ ପ୍ରେମର ସ୍ୱରୂପ ଦେଇନାହାନ୍ତି କି ଅବା କୌଣସି ସାମାଜିକ ସ୍ୱୀକୃତି ଦେବା ପାଇଁ ତାଙ୍କ ପାଖରେ ଲିପିକା ଆଗ୍ରହ ଦେଖିନି। ପ୍ରତିଥର କହନ୍ତି, "ଏମିତିରେ ତ ସବୁ ଠିକ୍ ଠାକ୍ ଚାଲିଛି। ଅଯଥା କଥା ଭାବି ମୁଣ୍ଡ ଖରାପ କରନି।"

ସେ କେବେ ଲିପିକା ମୁହଁକୁ ସିଧାସଳଖ ଚାହିଁ କଥା ହୁଅନ୍ତିନି; ଯଦି କେବେ ଚାହିଁବେ, ତାହା ବି ମାତ୍ର କ୍ଷଣକ ପାଇଁ। ତାଙ୍କୁ କିଛି ପ୍ରଶ୍ନ କରିବାର ଥିଲେ ବି ସେ ଟି.ଭି. ଆଡ଼କୁ ଚାହିଁ ପଚାରୁଥିବେ। ଲିପିକାକୁ ଏସବୁ ଜମା ଭଲ ଲାଗେନି। ସେ ବି ଦେଖେଇ ଦେଖେଇ କହେ, ଜୀବନ୍ତ ମଣିଷଠୁ ଏଇ ନିର୍ଜୀବ ଟି.ଭି.ର ମୂଲ୍ୟ ବେଶୀ। ସେତିକିବେଳେ ବିବେକଙ୍କର ଲାଜୁଆ ହସରେ କାହିଁକି କେଜାଣି ଅଜଣା କମ୍ପନରେ ଲିପିକାର ଛାତି ଥରି ଉଠେ। ଅନାୟସରେ ତା' ଆଖି ବିବେକଙ୍କର ଅବୟବ ଚାରିଆଡ଼େ ଥରେ ଘୂରି ଆସେ। ମନେ ମନେ ଭାବେ, ଇଏ କ'ଣ ମୋର ସେଇ ଇପ୍ସିତ ପୁରୁଷ?

ବିବେକଙ୍କ ତା' ଉପରେ ବିଶ୍ୱାସ ଲିପିକାକୁ ଏତେ ବାଟ ଚଲେଇ ନେଉଛି। ସମାଜ ଆଗରେ ସଳଖି ଛିଡ଼ା ହେବା ଶିଖେଇଛି। ସେ ଯେବେ ଉଦାସ ହୁଏ, ଯେଉଁ ମୁହୂର୍ତ୍ତରେ ଭାଙ୍ଗି ପଡ଼େ ସେତେବେଳେ ମନେପଡ଼େ ବିବେକ ହିଁ କହନ୍ତି, "ତା'ର ନକ୍ଷତ୍ରଟିଏ ଭଳି ଜଳିବା ଥୟା।" ସେମାନେ ମାସ ମାସ ଧରି କଥା ହୁଅନ୍ତିନି। ନିଜ ନିଜ କାମର ବ୍ୟସ୍ତତା ଭିତରେ କେତେବେଳେ କେମିତି ଗୋଟେ ଦି'ଟା ମେସେଜ୍। କେବେ କେବେ ଦୁହେଁ ଦୁହିଁଙ୍କ ଉପରେ ଅଭିମାନ କରନ୍ତି ଅଥଚ ଦୁହେଁ ଜାଣନ୍ତି ଦୁହିଁଙ୍କର ଆଶା ଓ ବିଶ୍ୱାସ ସେମିତି ଅତୁଟ ଥାଏ। ବିବେକ ସବୁବେଳେ କହନ୍ତି, ଯେତେ ଦିନ ହେଉ ଯଦି କଥାବାର୍ତ୍ତା ବନ୍ଦ ହୋଇଯାଇଛି ତଥାପି ପରବର୍ତ୍ତୀ ମୁହୂର୍ତ୍ତରେ ଗୋଟିଏ ଆତ୍ମୀୟତାଭରା ଉଚ୍ଚାରଣ ବାରି ହୋଇପଡୁ। ଜୀବନକାଳରେ ଅନେକ ରାଗରୁଷା ଭିତରେ ବି ଯେତେବେଳେ କେହି କାହାକୁ ଡାକିଲେ, 'ହଁ' ବୋଲି ସ୍ୱରଟିଏ ଶୁଭୁ।

ହଠାତ୍ ସବୁ ଅନ୍ତରଙ୍ଗତାରେ ପୂର୍ଣ୍ଣଚ୍ଛେଦ ପକାଇଲା ପରି ବିବେକ ଦୂରେଇ ଯାଉଥିଲେ। ତାଙ୍କଠାରୁ ଆଉ ଫୋନ୍, ମେସେଜ୍ ଆସୁନଥିଲା। ଲିପିକା ନିଜ ଆଡୁ ଫୋନ୍ କିମ୍ବା ମେସେଜ୍ କଲେ ସେଥିରେ ବି ବିବେକଙ୍କ ଉଦାସୀନତା ଦେଖି ଲିପିକାର ଛାତି ଭିତରେ ଏକ ଅଜଣା ସୁନାମିର ଲହଡ଼ି ବାରମ୍ବାର କୂଳ ଲଙ୍ଘୁଥିଲା, ଯାହାକୁ ସମ୍ଭାଳିବା ଏବେ ତା' ପକ୍ଷେ ଅସମ୍ଭବ! ସେ ଏବେ ସିଧାସଳଖ ବିବେକ ସହ କଥାବାର୍ତ୍ତା କରିବା ପାଇଁ ଚାଲିଗଲା।

ସଫା ସଫା କହୁନ, କ'ଣ ହୋଇଛି? ହଠାତ୍ ଏମିତି କାହିଁକି ତୁମର ବ୍ୟବହାର ବଦଳିଗଲା? ବିବେକ ନିରୁପାୟ, ନିରୁତ୍ତର। ଅନେକ ସମୟର ନିରବତା ପରେ ମୁହଁ ଖୋଲିଲେ, ଏତିକି କହିବାକୁ "ତୁମେ ସବୁକିଛି ଭୁଲି ଦୂରେଇ ଯାଅ। ତୁମେ ଚାଲିଯାଅ ଲିପିକା।"

ଲିପିକାର ବାକିଥିବା କୋହତକ ଚିପୁଡ଼ି ହୋଇପଡ଼ିଲା ଦୁଇ ଆଖିରୁ। ସେ ଆଉ କିଛି କହିବା ଅବସ୍ଥାରେ ନଥିଲା। ବିବେକ ତା' ଲୁହ ପୋଛିଦେଇ କହିଲେ " ସଂସାରଯାକର ବଗିଚା ତୁମର ହେଉ। ତୁମେ ଏମିତି ହିଁ ପ୍ରଜାପତି ପରି ଉଡୁଥାଅ। ତୁମେ ଯେଉଁଠି, ଯାହା ସହିତ ଖୁସିରେ ରହିଲେ, ମୋର ବି ସେଥିରେ ଖୁସି। ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ମୁଁ ତ ଏମିତି ହିଁ ରହିଥିବି !!!"

ଲିପିକା କିଛି କହିଲାନି। ତାକୁ ଲାଗିଲା, କିଛି ସମୟ ପାଇଁ ବନ୍ଦ ହୋଇଗଲା ହୃଦୟର ସ୍ପନ୍ଦନ ଆଉ ଏଇ ଚଳନ୍ତା ପୃଥିବୀ। ସେଇ କ୍ଷଣି ହିଁ ସେ ବିବେକଙ୍କ ହାତକୁ ଚାପି ଧରିଲା। ନୀରବରେ ଅନେକ କଥା କହିଗଲା ତା' ଲୁହ ଢଳ ଢଳ ଆଖି। ଚୁପ୍‌ଚାପ୍ ଫେରିଗଲା ସେ। ବିବେକ ଦେଖୁଥିଲେ, ଭସା ବାଦଲ ସବୁ ମନ୍ଦଗତିରେ ଆଗେଇ ଯାଉ ଯାଉ ଅପସରିଗଲେ; କିନ୍ତୁ ଲିପିକା ଥରୁଟିଏ ବି ପଛକୁ ଫେରି ଚାହିଁଲାନି। ବିବେକ ମନେ ମନେ ହସି ହସି କହୁଥିଲେ, ତୁମ ପରି ସ୍ୱାଭିମାନୀ ଝିଅଟିଏକୁ ପ୍ରଥମ ଥର ଜୀବନରେ ଭେଟିଥିଲି। ତୁମ ସହିତ ବିତିଥିବା ସମୟ ମନେରହିବ ଲିପିକା।


ଆଜି ବିବେକଙ୍କର ଫଟୋ ତଳେ ଆବିର୍ଭାବ ଏବଂ ତିରୋଧାନ ତାରିଖ ମଝିରେ ହିଁ ଅଟକି ଯାଇଛି ତାଙ୍କର ବୟସ। ହଁ, ସବୁଦିନ ପାଇଁ ସେ ଅନ୍ତିମ ବୟସ ପଇଁଚାଳିଶ ବର୍ଷରେ ହିଁ ଅଟକିଗଲେ। ଲିପିକା ହାତ ଯୋଡ଼ି ବିବେକଙ୍କର ଫଟୋକୁ ଚାହିଁ କହୁଥିଲା, "ଏତେ ଦୁରାସାଧ୍ୟ ବ୍ୟାଧିରେ ବି ତୁମେ ମୋତେ ଖୋଜିଲନି। ମୋତେ ନିଜର ବୋଲି ଥରୁଟିଏ ବି ଭାବିଲନି। ସବୁ କଷ୍ଟ ଏକା ଏକା ସହିଗଲ। ମୁଁ କ'ଣ କେବେ ବି ତୁମକୁ ମନେ ପଡ଼ିଲିନି ବିବେକ? ଚିରଦିନ ପାଇଁ ତୁମେ କେବଳ ସ୍ମୃତି ହୋଇ ନୁହେଁ, ବରଂ ମୋ ମନରେ ଗୋଟିଏ ଆକ୍ରାନ୍ତ ଛାଇ ହୋଇ ରହିବ ଯାହାକୁ ମୁଁ ବଞ୍ଚିଥିବା ଭିତରେ କେବେ ସୁଦ୍ଧା ମୋ ଠାରୁ ଦୂରେଇ ଦେଇ ପାରିବିନି।" ■

ଭବାନୀପାଟଣା

## ପୁସ୍ତକ ପରିଚୟ

### ଜହ୍ନର ଲୁଚକାଳି

ତୁଷାରକାନ୍ତ ମହାନ୍ତି



ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

କେତେବେଳେ ପ୍ରକୃତିର ସୌନ୍ଦର୍ଯ୍ୟରେ କବି ମୁଗ୍ଧ ହୋଇଛନ୍ତି, ପୁଣି କେବେ ସାମାଜିକ ବିଧି ବ୍ୟବସ୍ଥା ତାଙ୍କୁ ବ୍ୟଥିତ କରିଛି। ହୃଦୟର ଅସୁମାରୀ ଆବେଗ ଓ କ୍ଷୋଭ ପ୍ରତିଫଳିତ ହୋଇଛି ତୁଷାରକାନ୍ତ ମହାନ୍ତିଙ୍କ 'ଜହ୍ନର ଲୁଚକାଳି' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକର 'ଜହ୍ନର ଲୁଚକାଳି', 'ମା' ମାଟି ଓ ମମତା', 'ପହିଲି ବରଷା', 'ପ୍ରିୟା ତୁମେ ଅନନ୍ୟା', 'ମିଳନର ଅନୁଚିନ୍ତା', 'ପିତାମାତା ବଡ଼ ଦେବତା', 'ଅରାଜକତା', 'ଫୁଲେଇ ନାନୀ', 'ସ୍ମୃତିପଥେ', 'ଚାନ୍ଦିନୀ', 'ପ୍ରତାରଣା', 'ଜନମଭୂଇଁ', 'ଦେଶ ବନ୍ଦନା', 'ମିଛ ମାୟା ସଂସାର', 'ତମେ ମୋ ମନର', 'ଷୋଳଟି ବସନ୍ତ', 'ପ୍ରେମର ସମାଧି', 'ଜହ୍ନ ତୁ ଲାଜେ ଲାଜେ', 'ସାଧବ ବୋହୂ', 'ପ୍ରେମ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ପ୍ରକୃତିପ୍ରୀତି, ମାନବୀୟ ପ୍ରେମ, ମଣିଷର ଆଶା, ଆକାଂକ୍ଷା, ସାମାଜିକ ବିଧି ବ୍ୟବସ୍ଥା, ସାଂପ୍ରତିକ ଘଟଣାବଳୀର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ଅନେକ କବିତାରେ। କବି ନିଜ ହୃଦୟର ଆନନ୍ଦ, ବ୍ୟଥା ଓ ବେଦନାକୁ ପ୍ରକାଶ କରିଛନ୍ତି କବିତା ମାଧ୍ୟମରେ। ନିଆରା ଶୈଳୀ, ସରଳ ଓ ବୋଧଗମ୍ୟ ଭାଷା କବିତାଗୁଡ଼ିକକୁ ଅଧିକ ସୁଖପାଠ୍ୟ କରିଛି। 'ଜହ୍ନର ଲୁଚକାଳି' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ମାଆ

ସଂପାଦନା

ଭାଗୀରଥି ବେହେରା ଓ ଡ. ସହଦେବ ସ୍ୱାଇଁ



ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ
ଆଙ୍କୁଲି, ବ୍ରହ୍ମପୁର-୭ ୬୦୦୧୦
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୦୦ ଟଙ୍କା

ମାଆ ହେଉଛି ସ୍ନେହମୟୀ, ମମତାମୟୀ, ବାତ୍ସଲ୍ୟମୟୀ। ମାତୃତ୍ୱ ଲାଭ କରିବା ଏକ ନିଆରା ଅନୁଭବ। ଜଗତରେ ମାଆର ବିକଳ୍ପ ନାହିଁ। ଓଡ଼ିଶାର ଅନେକ କବିଙ୍କ କଲମ ମୁନରୁ ମାଆକୁ ନେଇ ଝରି ପଡ଼ିଛି ଅଜସ୍ର କବିତା। ସେଭଳି କିଛି ମନଛୁଆଁ କବିତାକୁ ନେଇ ଭାଗୀରଥି ବେହେରା ଓ ଡ. ସହଦେବ ସ୍ୱାଇଁଙ୍କ ସଂପାଦନାରେ ପ୍ରକାଶ ପାଇଛି 'ମାଆ' ପୁସ୍ତକ। ଏହି ପୁସ୍ତକରେ ସଂକଳିତ ବିଦେଶୀ ନାୟକଙ୍କ 'ବୋଉ', ଭାଗୀରଥି ବେହେରାଙ୍କ 'ବୋଉ ମୋ ସଞ୍ଜୀବନୀ', ଡ. ମମତାରାଣୀ ନାୟକଙ୍କ 'ବାତ୍ସଲ୍ୟମୟୀ ମାଆ', ନିରାକାର ଦାସଙ୍କ 'ବୋଉ', ଦେବେନ୍ଦ୍ର କୁମାର ବାଉରୀଙ୍କ 'ମାଆ–ମୋର ସ୍ରଷ୍ଟା', ଲିପ୍ସା ପଟେଲଙ୍କ 'ଫାଳେ ଜହ୍ନ, ଫାଳେ ଜୀବନ', ରୋହିତ କୁମାର ଦାଶଙ୍କ 'ମା'ର ଋଣ', ଡ. ସ୍ୱର୍ଣ୍ଣଲତା ଲେଙ୍କାଙ୍କ 'ମା', ଡକ୍ଟର ଶୁଭେନ୍ଦୁ ମେହେରଙ୍କ 'ମା', ନିରୁପମା ବେହେରାଙ୍କ 'ବୋଉ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର କବିତାଗୁଡ଼ିକରେ ମା'ର ମହନୀୟତା, ତ୍ୟାଗ, ତିତିକ୍ଷା, ବାତ୍ସଲ୍ୟ ମମତା ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି। 'ମାଆ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଦୃଶ୍ୟାନ୍ତର

ସଂଜିତ କୁମାର ବଳ



ସେ ଦେଖେ, ଦେଖିପାରେନା।
କାଲି ତା' ସକାଳ ପିନ୍ଧିଥିଲା
କୋଉ ରଙ୍ଗର ପୋଷାକ
ଆଜି ଆସିଚି କୋଉ ରଙ୍ଗରେ,
ପବନ ଯାହା ଲେଖିଥିଲା
ତା' ଭୋରବେଳାର ପିଠିରେ
ବଦଳାଇ ଦେଲାକି
ଆଲୁଅ ବଦଳିବା ପରେ !

ଯାହାସବୁ ସେ ଦେଖିବ ବୋଲି
ଭାବିଥିଲା, ଦିଶିଲାନି, ତା' କାଲିର
ମୁହଁ ଲାଗିଥିଲା ପାଳଭୂତ ପରି
ତା' ସମୟ ମୁଣ୍ଡରୁ ଶିଙ୍ଗ ବାହାରି
ତାକୁ ମାଗିଥିଲା ମାଟି, ଯାହାକୁ
ଖୋଳି ସେଥିରେ ତା' ଶୂନ୍ୟତାକୁ
ସାଇତିବା ପରି ଗଢ଼ାଇ ପାରିବ କଳସୀ।

ସେ ଫେରେଇ ଦେଇଥିଲା ସମୟକୁ
ଯେବେ ତା'ର ମନେ ହେଇଥିଲା
ଶୂନ୍ୟତା ହିଁ ତା' ଭାବନାକୁ
ମାଟି ଫଳାଇବା ଶିଖାଇଚି,
ଯୋଉ ମାଟିର ରଙ୍ଗ ପାଇଁ ଧାଉଁଥିବା
ହରିଣ ପୋଷା ମାନିବା ପରି
ସେ ଖରାକୁ କମନୀୟ କରିପାରୁଚି।

କେବେକେବେ ପଡ଼ିଯାଏ ଭାବନାରେ
ଯେବେ ତା' ଆଲୁଅ ଓ ଛାଇ
ପହଞ୍ଚିଯାନ୍ତି ଗୋଡ଼ାଗୋଡ଼ି ହେଇ,
ମୁଣ୍ଡ ଆଡ଼କୁ ତା' ଅଧା ଦେହ ଆଲୁଅକୁ
ସେ ଦେଇଦିଏ, ବାକି ଅଣ୍ଟାରୁ
ପାଦ ଯାଏ ଅଧିକାର କରିନିଏ ଛାଇ।

ସେଥିପାଇଁ ଯାହା ଦେଖି
ତା' ପାଖେ ପହଞ୍ଚିବାକୁ ଚାହିଁଲେ
ଯାଇପାରେନା ଛାଇର ପ୍ରତିବାଦରେ,
ଯାହା ନଦେଖିବ ବୋଲି ବାରମ୍ବାର
ବୁଜିଯାଏ ଆଖି, ସେଇଠିକି
ଟାଣିନିଏ ପାଦ ଛାଇର ଆଗ୍ରହରେ।

ସେ ଦେଖେ, ଦେଖିପାରେନା
ରଙ୍ଗସବୁ କେମିତି ଓହ୍ଲାଇ ଯାଏ
ତା' ହସରୁ, ଲୁହରୁ,
ତା' ଶୋଷ ଓ ପାଣି ଭିତରେ ଥିବା
ଦୂରତାରୁ, ସେ ଆଉଥରେ
ରଙ୍ଗକୁ ଚଢ଼ାଇ ପାରେନା
ଚଢ଼ାଇବା କୌଶଳ ଶିଖି ନଥିବାରୁ।

ସେ ନିଜ ବିଶ୍ୱସ୍ତତାର
ମୁଣ୍ଡ ନୁଆଇଁ ଠିଆ ହୁଏ ତା'
ରାତିର ସୁଧାର ଶୀତଳତା ସାମ୍ନାରେ
ହୁଁ ମାରେ ତା' ପ୍ରତିଟି କଥାରେ,
ଯେମିତି ରାତି ଗାଢ଼ ହେଲେ
ସେ ଶୁଣି ପାରିବ ତା' ସ୍ୱପ୍ନ
ଆଉ ଅନ୍ଧାରର କଥାବାର୍ତ୍ତା, କାହିଁକି
ଦରଆଉଜା ରହିଯାଏ ଦୃଶ୍ୟସବୁ
କାହା ଅନ୍ତରର ଅନ୍ତରଫଳରେ। ■

ସା: ମୂଷାଙ୍ଗ, ପୋଷ୍ଟ: କୋହ୍ଲ
ତିହିଡ଼ି, ଜିଲ୍ଲା -ଭଦ୍ରକ
ମୋ: ୮୨୪୯୦୮୧୯୨୭



## ପ୍ରଶ୍ନକାଳ

ନୃସିଂହ ତରାଇ





ଢେର୍ ଦିନରୁ
ଖୋଜୁଛି ଶବ୍ଦ
ଓ ସଜେଇବାର କାଇଦା,
ସେମାନଙ୍କ ମୁହଁ ।
ଯେଉଁମାନେ ଆଲୁଅ ସବୁକୁ
ଗର୍ଭସ୍ଥ କଳାପରେ
ଘୋଡ଼େଇ ହେଇଛନ୍ତି
ଆଉ ଗୋଟେ ଅନ୍ଧାର।
ସପ୍ତମ ଶ୍ରେଣୀ
ସୁନା ଝିଅର
କ'ଣ ନାହିଁ
ଦ୍ରୌପଦୀର ଭାଗ୍ୟ?
ଶୂନ୍ୟରେ ମିଳେଇ ଯାଉଥିବା
ଚିତ୍କାର ସବୁକୁ
କେଉଁ କବି
ସଜେଇ ପାରିବ ତ ଆସ !
କିଏ ସେ
ଭରଣା କରିବ
ନିଗିଡ଼ି ଯାଇଥିବା
ପୋଷ ପୋଷ କଅଁଳ ରକ୍ତ
ବିକଳ ଅନୁନୟ ?
କିଏ ହେବ
ତା' ପକ୍ଷ ଧର,
କିଏ ହେବ
ତା' ଲୁହର ଅଂଶୀଦାର?? ■

ମୋ: ୭୯୭୮୩୮୧୨୧୩



ଡକ୍ଟର ଦିଗମ୍ବର ଗିରି

# ଆଧୁନିକ ଓଡ଼ିଆ କବିତାରେ ମିଥ୍

ମିଥ୍ ଶବ୍ଦଟି ଗ୍ରୀକ୍ ଭାଷାର 'Mythos' ରୁ ଉତ୍ପନ୍ନ। ଏହାର ଅର୍ଥ ହେଉଛି 'କଥା' ପୌରାଣିକ ଗଳ୍ପ। ସାଧାରଣ ଅର୍ଥରେ ମିଥ୍ ହେଉଛି ଏମିତି ଗଳ୍ପ, ଯାହା ସମ୍ପୂର୍ଣ୍ଣ ଇତିହାସ ନୁହେଁ କିନ୍ତୁ ସମାଜର ବିଶ୍ୱାସ, ଧାର୍ମିକ ଭାବନା, ନୀତି ଓ ସଂସ୍କୃତିକୁ ବ୍ୟକ୍ତ କରେ। ପ୍ରକୃତିର ସୃଷ୍ଟି ରହସ୍ୟ ଦେବଦେବୀ କିପରି ମନୁଷ୍ୟଙ୍କ ସହିତ ସମ୍ପର୍କିତ, ବଜ୍ରପାତ, ଭୂମିକମ୍ପ ଆଦି ପ୍ରାକୃତିକ ଘଟଣାକୁ ଲୋକମାନେ ଦେବତାଙ୍କ କ୍ରୋଧ ବୋଲି ବିଶ୍ୱାସ କରୁଥିଲେ। ରାମାୟଣ, ମହାଭାରତରେ ଦେବତା ଓ ଅସୁରମାନଙ୍କ ଯୁଦ୍ଧ, ଅବତାର ପ୍ରସଙ୍ଗ ଭଳି ବହୁ ଗଳ୍ପ ରହିଛି। ଏହିସବୁ ଗଳ୍ପ ସହିତ ରୀତି, ନୀତି, ପରମ୍ପରା, ଧର୍ମ, ଜୀବନର ମୂଲ୍ୟବୋଧର କଥା ମଧ୍ୟ ରହିଛି। ମୋଟ ଉପରେ କହିବାକୁ ଗଲେ ମିଥ୍ ଗଳ୍ପଗୁଡ଼ିକରେ ସମାଜ ନିଜ ଆସ୍ଥା ଓ ଚେତନାକୁ ପ୍ରକାଶ କରିଥାଏ।

ଆଧୁନିକ କବିତାରେ 'ମିଥ୍' ପ୍ରୟୋଗ କେବଳ ପୌରାଣିକ କାହାଣୀର ପୁନରାବୃତ୍ତି ନୁହେଁ, ବରଂ ଏହା ଏକ ସୃଜନଶୀଳ ରୂପାନ୍ତରଣ। ବେଦ, ଉପନିଷଦ, ରାମାୟଣ, ମହାଭାରତର ବିଭିନ୍ନ ଚରିତ୍ରମାନଙ୍କ ସହିତ ସାମ୍ପ୍ରତିକ ସମାଜର ସଙ୍କଟ, ଯୁଦ୍ଧ ମନୋଭାବ, ନୈତିକ ଦ୍ୱନ୍ଦ୍ୱ, ଅସ୍ଥିରତା, ମାନବିକ ମୂଲ୍ୟବୋଧକୁ ବୁଝାଇବା ପାଇଁ ଆଧୁନିକ କବି ଦ୍ରୌପଦୀ, କର୍ଣ୍ଣ, ଅର୍ଜୁନ, ଗାନ୍ଧାରୀ, ଧୃତରାଷ୍ଟ୍ର, ଭୀମ, ବେଲାଲସେନ, ଅଭିମନ୍ୟୁ ପ୍ରଭୃତି ଚରିତ୍ରଙ୍କୁ ନେଇ ମନୋବୈଜ୍ଞାନିକ ଭାବନାରେ ଉପସ୍ଥାପନ କରି ମାନବର ଅନ୍ତଃଦ୍ୱନ୍ଦ୍ୱକୁ ସାର୍ବଜନୀନ ଅର୍ଥବୋଧରେ ପ୍ରକାଶ କରିଛନ୍ତି।

ମିଥ୍ ସାଂସ୍କୃତିକ ଆତ୍ମ ପରିଚୟର ଆଧାର। ସାରଳା ମହାଭାରତରେ ସାରଳା ଦାସ ପୌରାଣିକ ମିଥ୍ (କଥା) ମାଧ୍ୟମରେ ଲୋକ ଜୀବନରେ ଅପୂର୍ବ ସମନ୍ୱୟ କରିଛନ୍ତି। ସାରଳା ଦାସଙ୍କ ମହାଭାରତୀୟ ପରମ୍ପରା, ଆଧୁନିକ କବିତାରେ ଏହାର ପୁନଃ ସୃଷ୍ଟି ଦ୍ୱାରା ଜାତୀୟ ଐତିହ୍ୟକୁ ସ୍ମରଣ କରିବା ସହିତ ସମକାଳୀନ ସମସ୍ୟା ସହିତ ଅସ୍ମିତା, ରାଜନୈତିକ ବିକୃତି, ଅବକ୍ଷୟ ମୂଲ୍ୟବୋଧ, ସତ୍ୟ, ତ୍ୟାଗ, ଆଦର୍ଶ, ସାହିତ୍ୟିକ ଓ ସାମାଜିକ ଦୃଷ୍ଟିରେ ଗଭୀର ସୂଚନା ଦେଇଥାଏ। ବଳରାମ ଦାସଙ୍କ 'ଜଗମୋହନ ରାମାୟଣ'ରେ ମିଥ୍‌ର ସୃଜନାତ୍ମକ ଦିଗ ଆଉ ଏକ ନୂତନ ରୂପ। ଠିକ୍ ସେହିପରି ମଧ୍ୟଯୁଗୀୟ ପୌରାଣିକ କାବ୍ୟ ଓ ପରେ ପରେ ଆଧୁନିକ ସାହିତ୍ୟରେ ମିଥ୍ ନିତ୍ୟ ନୂତନ ଅର୍ଥ ଓ ପ୍ରତୀକରେ ବହୁଳ ଭାବେ ପ୍ରୟୋଗ ହୋଇଛି।

ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଆଧୁନିକ ଓଡ଼ିଆ କବିତାରେ ମିଥ୍ ପ୍ରୟୋଗର ଏକ ଅପୂର୍ବ ଦୃଷ୍ଟାନ୍ତ। ରାଧାକୃଷ୍ଣ ମିଥ୍‌କୁ ସେ ପୌରାଣିକ କାହାଣୀ ଭାବେ ନୁହେଁ, ବରଂ ଆଧୁନିକ ମନୋବୈଜ୍ଞାନିକ ଓ ଅସ୍ତିତ୍ୱବାଦୀ ପ୍ରସଙ୍ଗରେ ପୁନଃସୃଷ୍ଟି କରିଛନ୍ତି। ରମାକାନ୍ତଙ୍କ ଦୃଷ୍ଟି ଓ ସୃଷ୍ଟିରେ ରାଧା-କୃଷ୍ଣ ଦିବ୍ୟପ୍ରେମର ପ୍ରତୀକ। ତାଙ୍କ ମାଧ୍ୟମରେ ମାନବୀୟ ଆଶା, ଉଦ୍ଦୀପନା, ସନ୍ଦେହ, ବିଶ୍ୱାସ, ଅନିଶ୍ଚିତତା, ପ୍ରେମ ସହିତ ମନରେ ଅସୁମାରୀ ପ୍ରଶ୍ନ, ସଂଶୟ ଆଦି ରହିଛି। ପୌରାଣିକ ରାଧା ହୋଇଛନ୍ତି ଆତ୍ମ ସଚେତନ, କୃଷ୍ଣଙ୍କ ପ୍ରତି ଭଲପାଇବାରେ ରହିଛି ନିର୍ବାକ୍ ବେଦନା, ଅପୂର୍ଣ୍ଣତା ଓ ଅସ୍ତିତ୍ୱ ଜିଜ୍ଞାସା। ରାଧା କେବଳ ପ୍ରେମିକା ନୁହଁନ୍ତି ଜଣେ ସାଧାରଣ ନାରୀର ସ୍ୱର। ଠିକ୍ ସେହିପରି କୃଷ୍ଣ ଆଉ ଦେବତା ହୋଇ ନ ରହି ବରଂ ଚିରନ୍ତନ ଆକାଂକ୍ଷାର ପ୍ରତୀକ। 'ଶ୍ରୀରାଧା' ମିଥ୍ କାବ୍ୟଟି ହେଉଛି ଆଧୁନିକ ମନୋବୃତ୍ତି ନାରୀ ଚେତନା ଓ ଅସ୍ତିତ୍ୱ ଜିଜ୍ଞାସାର ଅଭିବ୍ୟକ୍ତି ସମକାଳୀନ ସମାଜର ସୃଜନଶୀଳ ନୂତନ ବ୍ୟାଖ୍ୟା।

ସୀତାକାନ୍ତଙ୍କ କବିତାରେ ପୌରାଣିକ ଓ ଲୋକକଥା, ଲୋକମିଥ୍ ଆଧୁନିକ ଜୀବନବୋଧ ସହିତ ଏକାତ୍ମ ହୋଇଛି। ଆଧୁନିକ ମଣିଷର ଅସ୍ତିତ୍ୱ ସଙ୍କଟ, ନିର୍ଜନତା ଓ ଆତ୍ମସନ୍ଧାନକୁ ପୌରାଣିକ ଚରିତ୍ର ମାଧ୍ୟମରେ ପୁନଃସୃଷ୍ଟି କରିଛନ୍ତି। ପାରମ୍ପରିକ ମିଥ୍‌କୁ ନୂତନ ପଦ ପ୍ରଦାନ କରିବାରେ ସୀତାକାନ୍ତଙ୍କ ସ୍ୱତନ୍ତ୍ରତା ବାରି ହୋଇପଡ଼େ। ତାଙ୍କ କବିତାଗୁଡ଼ିକରେ ଜୀବନର ସମସ୍ୟା ଓ ଅସ୍ତିତ୍ୱବାଦୀ ଚେତନାକୁ ମିଥ୍ ପ୍ରୟୋଗ ମାଧ୍ୟମରେ ଗଭୀର ପ୍ରତୀକାତ୍ମକ ଓ ଦାର୍ଶନିକ ଦୃଷ୍ଟିରେ ଆଧୁନିକ ଓଡ଼ିଆ କାବ୍ୟ ଧାରାରେ ସ୍ୱତନ୍ତ୍ର ଓ ମୌଳିକ ସ୍ଥାନକୁ ଉନ୍ନୀତ କରିପାରିଛନ୍ତି।

ହରପ୍ରସାଦ ଦାସଙ୍କ 'ବଂଶ' କେବଳ ମହାଭାରତର ପୌରାଣିକ ଆଶ୍ରୟ ନୁହେଁ। ଆଧୁନିକ ମାନବ ଅସ୍ତିତ୍ୱର ଗଭୀର ଚେତନାର ଅନୁସନ୍ଧାନ। 'ବଂଶ' ଶବ୍ଦଟି ପରିବାର କିମ୍ବା କୁଳର ଅର୍ଥରେ ନୁହେଁ। ମାନବ ସଭ୍ୟତାର ଉତ୍ସ, ସ୍ମୃତି ଓ ପାରମ୍ପରିକତାର ଏକ ସାଙ୍କେତିକ ମିଥ୍ ରୂପେ କାବ୍ୟରେ ବ୍ୟବହୃତ। ବଂଶ ହେଉଛି ରକ୍ତର ସ୍ମୃତି, ପୂର୍ବଜଙ୍କର ଅନୁଭବ, ଐତିହ୍ୟ ତଥା ମନୁଷ୍ୟର ମନୋବୃତ୍ତିର ଗୁପ୍ତଧାରା। ମିଥ୍ ଏଠାରେ କୌଣସି ଅଲୌକିକ କଥା ନୁହେଁ, ବରଂ ସାମୂହିକ ଚେତନାର ପ୍ରତୀକ।

ପ୍ରତିଭା ଶତପଥୀଙ୍କ କବିତାରେ ମିଥ୍ ପୌରାଣିକ ଗାଥା ନୁହେଁ, ସୀତା, ଦ୍ରୌପଦୀ, କୁନ୍ତି, ଶବରୀ ଚରିତ୍ରମାନେ ସାମ୍ପ୍ରତିକ କାଳର ନାରୀ ଅସ୍ତିତ୍ୱ, ମାନସିକ ଯନ୍ତ୍ରଣା ଓ ସାମାଜିକ ସଙ୍କଟର ପ୍ରତୀକ। ତାଙ୍କ କବିତାରେ ମିଥ୍ ଅତ୍ୟନ୍ତ ସୃଜନାତ୍ମକ ଓ ଚୈତନ୍ୟମୟ। ଭାଷା ସଂକ୍ଷିପ୍ତ, ସ୍ପର୍ଶ ଓ ଅନ୍ତର୍ମୁଖୀ। ଏହି କାରଣରୁ ମିଥ୍ ମାଧ୍ୟମରେ ଅତୀତ ସହିତ ବର୍ତ୍ତମାନକୁ ସେତୁବନ୍ଧ ସଦୃଶ୍ୟ ଯୋଡ଼ା ଯାଇଛି।

ଉତ୍ତର ଆଧୁନିକ କବିତାରେ ମିଥ୍‌ର ପ୍ରୟୋଗ ଏକ ଗୁରୁତ୍ୱପୂର୍ଣ୍ଣ କବିତାତ୍ମକ ପ୍ରବୃତ୍ତି ଭାବେ ଦେଖାଯାଏ। ପୁରାଣ, ଇତିହାସ, ଲୋକକଥା, ବିଭିନ୍ନ ଘଟଣା ତଥା ଚରିତ୍ରମାନଙ୍କୁ ଆଧାର କରି ନୂତନ ମିଥ୍ ଓ ନୂତନ ଅର୍ଥ ସୃଷ୍ଟି ହୋଇଛି। ସାମାଜିକ, ଦାର୍ଶନିକ ଓ ମାନବୀୟ ପରିପ୍ରେକ୍ଷୀରେ ଜୀବନର ସତ୍ୟ ଓ ବାସ୍ତବତାକୁ ପ୍ରକାଶ କରିବାରେ ମିଥ୍ ଏକ ଶକ୍ତିଶାଳୀ କାବ୍ୟାଂଶ ରୂପେ ବ୍ୟବହାର ହେଉଛି। ପୁରାତନ ପରମ୍ପରାକୁ ଆଧୁନିକ ଚେତନା ସହିତ ସମନ୍ୱିତ ତଥା ଜୀବନର ପ୍ରତୀକ ରୂପେ ବ୍ୟବହୃତ। ଦ୍ରୌପଦୀ ପାଣ୍ଡବମାନଙ୍କ ପତ୍ନୀ କେବଳ ନୁହଁନ୍ତି, ବରଂ ସେ ଆଧୁନିକ ସମାଜରେ ନାରୀ ଅପମାନର ପ୍ରତୀକ। ପୁରାଣ ଓ ଇତିହାସ ମାଧ୍ୟମରେ ଜାତୀୟ ଓ ସାଂସ୍କୃତିକ ଚେତନାକୁ ସାମ୍ପ୍ରତିକ କବିତାରେ ଉଦ୍ଭାସିତ କରାଯାଉଛି। ଜୟନ୍ତ ମହାପାତ୍ରଙ୍କ କବିତାରେ ମିଥ୍ ଓ ଇତିହାସର ଗଭୀର ପ୍ରୟୋଗ ଇତିହାସ ଓ ପୁରାଣ, ଅନ୍ତର୍ମୁଖୀଚିନ୍ତା ଓ ସାମାଜିକ ବାସ୍ତବତାର ଚିତ୍ରଣ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ପ୍ରାଣତାର ଆତ୍ମିକ ପରିପ୍ରକାଶ ରହିଛି। ସୌଭାଗ୍ୟ କୁମାର ମିଶ୍ର ପୁରାଣ ଚରିତ୍ର ମାଧ୍ୟମରେ ଆଧୁନିକ ସମାଜର ଅସମାନତା ଓ ଦୁର୍ନୀତିକୁ ଦର୍ଶାଇଛନ୍ତି। ମିଥ୍ ବ୍ୟବହାରର ପ୍ରତୀକାତ୍ମତା, ସାଂସ୍କୃତିକ ଚେତନା ମିଥ୍ ପ୍ରୟୋଗ ଦ୍ୱାରା ଏକ ଗଭୀର ସୃଜନଶୀଳ ପ୍ରବୃତ୍ତି ଯାହା ଜୀବନ ତଥା ଜାତୀୟ ସମସ୍ୟା ଓ ଅନୁଭୂତି ସହିତ ଯୋଡ଼ି ନୂତନ କାବ୍ୟ ଆନ୍ଦୋଳନ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

ଏକବିଂଶ ଶତାବ୍ଦୀର ମିଥ୍‌ଧର୍ମୀ କବିତାଗୁଡ଼ିକ ମଧ୍ୟରେ ଶରତ ପ୍ରଧାନଙ୍କ 'ଯଯାତି', ହୃଷିକେଶ ମଲ୍ଲିକଙ୍କ 'ବସୁଷେଣ', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ପୂତନା', ସୌରୀନ୍ଦ୍ର ବାରିକଙ୍କ 'ଉପଭାରତ', 'ଅନୁଭାରତ', ଦିଲିପ ଦାସଙ୍କ 'ନୀଳମାଧବ', ଶତ୍ରୁଘ୍ନ ପାଣ୍ଡବଙ୍କ 'ଶ୍ରାବସ୍ତୀରୁ ଶ୍ରାବସ୍ତୀ, 'ମିଶ୍ର ଧ୍ରୁପଦ', ଦେବଦାସ ଛୋଟରାୟଙ୍କ 'ରେବତୀ', ଫନୀ ମହାନ୍ତିଙ୍କ 'ପ୍ରିୟତମା' ପ୍ରଭୃତି କବିତା ସଙ୍କଳନଗୁଡ଼ିକରେ ମିଥ୍‌କୁ ଆଧୁନିକତାର ସମନ୍ୱୟ ଦ୍ୱାରା ମାନବ ଜୀବନର ଗଭୀର ସତ୍ୟକୁ ପ୍ରବେଶ କରିବା ପାଇଁ ମିଥ୍ ପ୍ରୟୋଗ ଅତ୍ୟନ୍ତ ପ୍ରାସଙ୍ଗିକ ମନେ ହୁଏ। ତେବେ ଆଧୁନିକ କବିତାରେ ମିଥ୍ ପ୍ରୟୋଗ ଓ ପ୍ରାସଙ୍ଗିକତାକୁ ଭିତ୍ତି କରି ଯେଉଁ କବିମାନେ ଓଡ଼ିଆ କବିତାର ଶ୍ରୀ ଓ ସମୃଦ୍ଧି ବିକାଶ କରିଛନ୍ତି ସେମାନେ ହେଲେ ସଚ୍ଚି ରାଉତରାୟ, ବେଣୁଧର ରାଉତ, ଗୁରୁପ୍ରସାଦ ମହାନ୍ତି, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ରାଜେନ୍ଦ୍ର କିଶୋର ପଣ୍ଡା, ସୌଭାଗ୍ୟ କୁମାର ମିଶ୍ର, କମଳାକାନ୍ତ ଲେଙ୍କା, ସରୋଜ ରଞ୍ଜନ ମହାନ୍ତି, ଦୀପକ ମିଶ୍ର, ମନମୋହନ ମିଶ୍ର, ଶ୍ରୀନିବାସ ଉଦ୍‌ଗୀତା, ମନୋରମା ମହାପାତ୍ର, ପ୍ରତିଭା ଶତପଥୀ, ବିଭୁଦତ୍ତ ମିଶ୍ର, ବଂଶୀଧର ଷଡ଼ଙ୍ଗୀ, ଦେବଦାସ ଛୋଟରାୟ, ବସନ୍ତ ମୁଦୁଲି, ପ୍ରସନ୍ନ କୁମାର ମିଶ୍ର, ବିପିନ ନାୟକ ଏବଂ ସାମ୍ପ୍ରତିକ କାଳର ତରୁଣ ପିଢ଼ି କବିମାନଙ୍କ କବିତାରେ ମଧ୍ୟ ମିଥ୍ ପ୍ରୟୋଗର ପ୍ରବଣତା ଓ ନବ ମୂଲ୍ୟାୟନର ଦିଗ ନୂଆ ନୂଆ ସମ୍ଭାବନା ସୃଷ୍ଟି ପାରିପାରୁଛି।

ପୁରାଣ ଓ ଆଧୁନିକତାର ସମନ୍ୱୟ ଦ୍ୱାରା ମାନବ ଜୀବନର ଗଭୀର ସତ୍ୟକୁ ପ୍ରବେଶ କରିବା ପାଇଁ ମିଥ୍ ପ୍ରୟୋଗ ଏକ ଅତ୍ୟନ୍ତ ପ୍ରାସଙ୍ଗିକ ଓ ସୃଜନଶୀଳ କବିତାତ୍ମକ ପ୍ରବୃତ୍ତି ଭାବେ ପରିଗଣିତ ହୋଇପାରୁଛି। ମିଥ୍ ପ୍ରୟୋଗ ଓଡ଼ିଆ କବିତାରେ ଗବେଷଣାର ଏକ ସମୃଦ୍ଧି କ୍ଷେତ୍ର ଭାବେ ଗ୍ରହଣୀୟ। ■

ରାଇରଙ୍ଗପୁର, ମୟୂରଭଞ୍ଜ
ମୋ: ୯୪୩୭୩୮୦୯୨୭

# ଅଣାୟତ୍ତ ସ୍ଥିତିରେ ଜଙ୍ଗଲ ନିଆଁ



ନୟାଗଡ଼, ୧୪।୩(ସମିସ)

ନୟାଗଡ଼ ଜିଲ୍ଲା ଘଞ୍ଚ ଜଙ୍ଗଲ ଓ ପାହାଡ଼ ପର୍ବତ ଘେରା। ଜଙ୍ଗଲ ସୁରକ୍ଷା ପାଇଁ ୩ଟି ବନଖଣ୍ଡ ଜିଲ୍ଲାରେ କାର୍ଯ୍ୟ କରୁଛି। ରଣପୁର ଅଞ୍ଚଳ ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା ବେଳେ ନୟାଗଡ଼, ମହିପୁର, ଦଶପଲ୍ଲା, ଗଣିଆ, ଖଣ୍ଡପଡ଼ା, ପଞ୍ଚରିଡ଼ା ଓ ଓଡ଼ଗାଁ ବନାଞ୍ଚଳକୁ ନେଇ ନୟାଗଡ଼ ବନଖଣ୍ଡ କାର୍ଯ୍ୟ କରୁଛି। ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ବାଣିଗୋଛା ପୂର୍ବ, ବାଣିଗୋଛା ପଶ୍ଚିମ ଓ ଛାମୁଣ୍ଡିଆ ବନାଞ୍ଚଳ ରହିଛି। ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ବନ କର୍ମଚାରୀମାନେ ଏକରକମ ଢିଲା ମାରୁଥିବା ବେଳେ ଜଙ୍ଗଲ ନିଆଁ ସମୟରେ ମଧ୍ୟ ଆୟତ୍ତ କରି ପାରୁନାହାନ୍ତି। ସାଟେଲାଇଟରେ ନିଆଁ ଚିହ୍ନଟ ହେଲେ ନିଆଁ ଲିଭାଇବା ପରିବର୍ତ୍ତେ ନିଆଁ ଲାଗିବା ସ୍ଥାନକୁ ଯାଇ କେବଳ ପଏଣ୍ଟ କାଟୁଛନ୍ତି। ଫଳରେ ଜଙ୍ଗଲ ନିଆଁ ଭୟାନକ ସ୍ଥିତି ସୃଷ୍ଟି କରିଛି। ନିଆଁ ପ୍ରଭାବରେ ଜିଲ୍ଲାର ଆକାଶ ଧୂଆଁଳିଆ ହୋଇଯାଇଛି। ଶନିବାର ସକାଳୁ ସକାଳୁ କୁହୁଡ଼ିର ଭ୍ରମ ସୃଷ୍ଟି କରିଛି। ସବୁଠାରୁ ଭୟାନକ ସ୍ଥିତି ଦଶପଲ୍ଲା ବନାଞ୍ଚଳରେ ରହିଛି। ଆଜି ଦଶପଲ୍ଲା ବନାଞ୍ଚଳର ୧୬ ସ୍ଥାନରେ ନିଆଁ ଲାଗିଥିବା ଜଣାପଡ଼ିଛି। ନିଆଁ ଆୟତ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଏପରିକି ଅଗ୍ନିଶମ ବିଭାଗ କିମ୍ବା ଅନ୍ୟ କାହାରି ସହାୟତା ନିଆଯାଉନାହିଁ। ବର୍ଷା ନ ଥିବାରୁ ଜଙ୍ଗଲରେ ପଡ଼ିଥିବା ଶୁଖିଲା ପତ୍ରଗୁଡ଼ିକରେ ନିଆଁଲାଗି ପ୍ରବଳ ବେଗରେ ବ୍ୟାପୁଛି। ଅନେକ ସ୍ଥାନରେ ବନକର୍ମଚାରୀ ଫାୟାର ଲାଇନ କରୁ ନ ଥିବା ମଧ୍ୟ ଅଭିଯୋଗ ହେଉଛି। ଜଙ୍ଗଲ ନିଆଁ ଆୟତ କରା ନ ଗଲେ ପରିସ୍ଥିତି ଭୟାବହ ହେବ ବୋଲି ଅନୁମାନ କରାଯାଉଛି। ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ତାପମାତ୍ର ମଧ୍ୟ ବୃଦ୍ଧି ପାଉଛି। ଜିଲ୍ଲା ପ୍ରଶାସନ ୩ଟି ବନଖଣ୍ଡ ଅଧିକାରୀଙ୍କୁ ନେଇ ସମୀକ୍ଷା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଜଙ୍ଗଲରୁ ବ୍ୟାପିଲା ନିଆଁ
## ଛାରଖାର ହୋଇଗଲା ଗରିବ କୁଡ଼ିଆ



ନୟାଗଡ଼, ୧୪।୩(ସମିସ): ନୟାଗଡ଼ ଜିଲ୍ଲାରେ ଜଙ୍ଗଲ ନିଆଁ ଅଣାୟତ୍ତ ସ୍ଥିତି ସୃଷ୍ଟି କଲାଣି। ସାରା ଜିଲ୍ଲାରେ ଆକାଶ ଧୂଆଁମୟ ହୋଇଗଲାଣି। ଯାହା କୁହୁଡ଼ିର ଭ୍ରମ ସୃଷ୍ଟି କରୁଛି। ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗି ପରିସ୍ଥିତି ଭୟାବହ ହେଲାଣି। ନୟାଗଡ଼ ବନାଞ୍ଚଳ ଖେଡ଼ପଡ଼ା ସେକ୍ସନ ଅଧୀନ ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ଜଣେ ଗରିବ ଲୋକର କୁଡ଼ିଆକୁ ଜାଳିପୋଡ଼ି ଛାରଖାର କରିଦେଇଛି। ଜଙ୍ଗଲରୁ ନିଆଁ ବ୍ୟାପି ଗୋଛାବାରୀ ବିଟ ନିକଟରେ ଚାଳ କୁଡ଼ିଆ କରି ରହୁଥିବା ମାଧବ ସାହୁଙ୍କ ଘର ପୋଡ଼ି ଛାରଖାର ହୋଇଯାଇଛି। ଦୁଇଦିନ ତଳେ ଏହି ଅଘଟଣ ଘଟିଛି। ଅଗ୍ନିକାଣ୍ଡରେ ମାଧବଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଜଙ୍ଗଲରେ ଲାଗିଥିବା ନିଆଁ ବିଟ୍ ନିକଟସ୍ଥ ବୁଦୁବୁଦୁକିଆ ଜଙ୍ଗଲକୁ ବ୍ୟାପିଥିଲା। ଏହି ନିଆଁ ମାଧବଙ୍କ ଘରକୁ ମଧ୍ୟ ଲାଗିଥିଲା। ଖବର ପାଇ ନୂଆଗାଁ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଜଙ୍ଗଲରୁ ନିଆଁ ବ୍ୟାପି ମାଧବଙ୍କ ଘର ପୋଡ଼ିଥିବା ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ, ବନବିଭାଗ ନିଆଁ ଆୟତ୍ତ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଥିବା ଖେଡ଼ପଡ଼ା ବନପାଳ କହିଛନ୍ତି।

## ଏଲ୍‌ପିଜି ଗ୍ୟାସ୍ କଳାବଜାରୀରେ ଲୋକେ ଅତିଷ୍ଠ

ରଣପୁର, ୧୪।୩(ସମିସ): ରଣପୁର ଓ ରାଜସୁନାଖଳା ଅଞ୍ଚଳରେ ରନ୍ଧନ ଗ୍ୟାସ (ଏଲପିଜି) ବଣ୍ଟନକୁ ନେଇ ବିଭିନ୍ନ ଅନିୟମିତତା ଓ କଳାବଜାରୀ ହେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଗ୍ୟାସ ସିଲିଣ୍ଡର ମିଳିବା ନିୟମ ଥିବା ସତ୍ତ୍ୱେ ଅନେକ ସ୍ଥାନରେ ଗ୍ରାହକଙ୍କଠାରୁ ଅଧିକ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ଉଠିଛି।

ଗ୍ରାହକଙ୍କ କହିବା ଅନୁସାରେ, ଗ୍ୟାସ ସିଲିଣ୍ଡର ଘରେ ପହଞ୍ଚାଇବା ସମୟରେ କେତେକ କର୍ମଚାରୀ ସରକାରୀ ଦରଠାରୁ ଅଧିକ ଟଙ୍କା ନେଉଛନ୍ତି। ଡେଲିଭେରି ଚାର୍ଜ କିମ୍ବା ଅନ୍ୟାନ୍ୟ ଖର୍ଚ୍ଚ ଦର୍ଶାଇ ଗ୍ରାହକଙ୍କୁ ଅଧିକ ଟଙ୍କା ଦେବାକୁ ବାଧ୍ୟ କରାଯାଉଛି। ଲୋକେ ଅସୁବିଧା ଏଡ଼ାଇବା ପାଇଁ ବାଧ୍ୟ ହୋଇ ଅଧିକ ଟଙ୍କା ଦେଉଛନ୍ତି। ଅନେକ ଗ୍ରାହକ ସିଲିଣ୍ଡର ବୁକିଂ କରିବା ପରେ ମଧ୍ୟ ନିର୍ଦ୍ଧାରିତ ସମୟରେ ଗ୍ୟାସ ପାଉନାହାନ୍ତି। ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଅନ୍ୟପଟେ କେତେକ ବ୍ୟକ୍ତି ସହଜରେ ଶୀଘ୍ର ସିଲିଣ୍ଡର ପାଇ ଯାଉଥିବାରୁ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ଗ୍ରାହକଙ୍କୁ ଦେବାକୁ ଥିବା ସିଲିଣ୍ଡର ଅନ୍ୟ ମାର୍ଗରେ ଅଧିକ ଦରରେ ବିକ୍ରି କରାଯାଉଛି। ଏ ଦିଗରେ ସମ୍ପୃକ୍ତ ବିଭାଗ ଓ ପ୍ରଶାସନ କାହିଁକି ନିରବ ବୋଲି ପ୍ରଶ୍ନ ଉଠୁଛି। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ନୀଳମାଧବ ମନ୍ଦିର ସମସ୍ୟା ନେଇ ଆଇନ ମନ୍ତ୍ରୀଙ୍କୁ ଭେଟିଲେ ପୂଜକ ସମାଜ ପ୍ରତିନିଧି



କଣ୍ଟିଲୋ, ୧୪।୩(ସମିସ): ନୀଳମାଧବ ମନ୍ଦିର ସମସ୍ୟା ନେଇ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଅବଗତ କରିଛନ୍ତି ପୂଜକ ସମାଜର ଏକ ପ୍ରତିନିଧି ଦଳ। ସିଂହଦ୍ୱାରସ୍ଥିତ ଅରୁଣ ଖମ୍ବ ମୂଳ ଦୁର୍ବଳ ହୋଇ ଏହା ପବନ ହେଲେ ଦୋହଲୁଛି। ପାର୍ଶ୍ୱଦେବ ଜଗନ୍ନାଥ ମନ୍ଦିର ଗରୁଡ଼ ସ୍ତମ୍ଭ ମଧ୍ୟ ଭାଙ୍ଗିଯାଇଛି। ମନ୍ଦିର ପରିସରରେ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା ନ ଥିବାରୁ ଶ୍ରଦ୍ଧାଳୁମାନେ ମନ୍ଦିର ବେଢ଼ାରେ ଖରା, ବର୍ଷାରେ ବସି ପ୍ରସାଦ ସେବନ କରୁଛନ୍ତି। ମନ୍ଦିର ପରିଚାଳନା ପାଇଁ ନିୟୋଜିତ ମ୍ୟାନେଜର ୨ବର୍ଷ ତଳୁ ଇସ୍ତଫା ଦେଇଥିବାରୁ ପରିଚାଳନା ତଥା ନୀଳମାଧବଙ୍କ ବିଭିନ୍ନ ଯାତ୍ରା ପାଳନରେ ଅବ୍ୟବସ୍ଥା ଦେଖାଦେଉଛି। ଏଣୁ ଶୃଙ୍ଖଳିତ ପରିଚାଳନା ପାଇଁ ଜଣେ ଓଏଏସ ଅଧିକାରୀଙ୍କୁ ନିଯୁକ୍ତି ସହ ଆବଶ୍ୟକ କର୍ମଚାରୀ ନିୟୋଜନ ପାଇଁ ଦାବି କରିଛନ୍ତି। ଏଥିସହ ମନ୍ଦିର ପରିଚାଳନା ପାଇଁ ସ୍ୱତନ୍ତ୍ର କର୍ପସ ଫଣ୍ଡ ଗଠନ ଏବଂ ଆଲୋକ ବ୍ୟବସ୍ଥା ସହ ମନ୍ଦିର ପରିସର ପରିବେଶର ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ ଦାବି କରାଯାଇଛି। ପୂଜକ ସମାଜ ସଭାପତି ନୀହାର ରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଏହି ଦାବି ଉପସ୍ଥାପନ କରିଛନ୍ତି।

## ରଣପୁରରେ ଅନ୍ତର୍ଜାତୀୟ ମହିଳା ଦିବସ




ରଣପୁର, ୧୪।୩(ସମିସ): ସ୍ଥାନୀୟ ମା' ମଣିନାଗସ୍ଥିତ କଲ୍ୟାଣୀ ମଣ୍ଡପରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ରଣପୁର ଏନ୍‌ଏସି ଅଧକ୍ଷା ରଙ୍ଗୀନ ମହାନ୍ତି ମଞ୍ଚାସୀନ ଥିଲେ। ମହିଳାମାନଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଏବଂ ଅନ୍ୟକ୍ଷେତ୍ରରେ ସଫଳତା ଓ ପାରଦର୍ଶିତାକୁ ପାଳନ କରିବା ଏହି ଦିନର ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ଡିଜିଟାଲ ଜନଗଣନା ପାଇଁ ପ୍ରସ୍ତୁତି ବୈଠକ



ଓଡ଼ଗାଁ, ୧୪।୩(ସମିସ): ଓଡ଼ଗାଁ ତହସିଲ କାର୍ଯ୍ୟାଳୟରେ ଭାରତର ପ୍ରଥମ ଡିଜିଟାଲ ଜନଗଣନା ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ତହସିଲଦାର ଜି. ଶ୍ରୀନୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ନିରୀକ୍ଷକମାନେ ଯୋଗଦେଇ ଗୃହ ଗଣନା ପାଇଁ ଗ୍ରାମସ୍ତରୀୟ ମ୍ୟାପ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ଏପ୍ରିଲ ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଗୃହ ଗଣନା ତାଲିକା ପ୍ରସ୍ତୁତି କାମ ଚାଲିବ। ଜଣେ ସୁପରଭାଇଜରଙ୍କ ତତ୍ତ୍ୱାବଧାନରେ ୬ ଜଣ ଗଣନାକାରୀ କାର୍ଯ୍ୟ କରିବେ। ପ୍ରତ୍ୟେକ ଗଣନାକାରୀ ପ୍ରାୟ ୭୦୦ରୁ ୮୦୦ ଜନସଂଖ୍ୟା କିମ୍ବା ପ୍ରାୟ ୧୫୦ଟି ଘର ଗଣନା କରିବେ ବୋଲି ସୂଚନା ମିଳିଛି। ସେହିପରି ନାଗରିକମାନେ ଚାହିଁଲେ ଏପ୍ରିଲ ୧ରୁ ୧୫ ତାରିଖ ମଧ୍ୟରେ ପୋର୍ଟାଲ ମାଧ୍ୟମରେ ଅନଲାଇନ୍‌ରେ ନିଜ ସମ୍ପର୍କିତ ତଥ୍ୟ ଅପଲୋଡ୍ କରି ସେଲଫ ଏନ୍ୟୁମେରେସନ୍ କରିପାରିବେ।

## କଣ୍ଟିଲୋରୁ ବଙ୍ଗୀୟ ମହିଳା ପର୍ଯ୍ୟଟକ ନିଖୋଜ

କଣ୍ଟିଲୋ, ୧୪।୩(ସମିସ): ନୀଳମାଧବ ପୀଠ ପରିଦର୍ଶନ ପାଇଁ ବସ୍ ଯୋଗେ ଆସିଥିବା ପର୍ଯ୍ୟଟନ ଗ୍ରୁପର ଜଣେ ବୟସ୍କା ମହିଳା ଶନିବାର ନିଖୋଜ ହୋଇଯାଇଛନ୍ତି। ନିଖୋଜ ମହିଳାଙ୍କ ବୟସ ୫୦ରୁ ୬୦ ବର୍ଷ ମଧ୍ୟରେ ହେବ ବୋଲି ସାଥୀ ପର୍ଯ୍ୟଟକ କହିଛନ୍ତି। ସକାଳ ପ୍ରାୟ ୧୦ଟାରେ ପଶ୍ଚିମବଙ୍ଗ ମାଲଦା ଜିଲ୍ଲାର ପ୍ରାୟ ୫୦ ପର୍ଯ୍ୟଟକ ବସ୍ ଯୋଗେ ଆସି ଏଠାରେ ପହଞ୍ଚିଥିଲେ। ସେମାନେ ସିଂହଦ୍ୱାର ପାର୍କିଂରେ ବସ ରଖି ନୀଳମାଧବ ମନ୍ଦିର ଦର୍ଶନ ପାଇଁ ଯାଇଥିଲେ। କେତେକ ପର୍ଯ୍ୟଟକ ଉତ୍ତର ଦ୍ୱାର ମହାନଦୀରେ



ଗାଧୋଇଥିଲେ। ନିଖୋଜ ମହିଳା ଜଣକ ମଧ୍ୟ ସେଠାକୁ ଯାଇଥିଲେ ମଧ୍ୟ ଗାଧୋଇ ନ ଥିଲେ। ପରେ ଖାଇବା ସମୟରେ ତାଙ୍କୁ ନ ପାଇ ଖୋଜା ଖୋଜି କରି ପାଇ ନ ଥିଲେ। ତେବେ ଏ ସମ୍ପର୍କରେ କୌଣସି ସୂଚନା ନ ଥିବା କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ କହିଛନ୍ତି।

## ମନରାଜିରେ ଚାଲିଯିବାରୁ ପରିବାର ବାସନ୍ଦ

ଓଡ଼ଗାଁ, ୧୪।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅଧୀନ ବାହାଡ଼ାଖୋଲା ଫାଣ୍ଡି ଭାଟସାହି ଗ୍ରାମରେ ଜଣେ ଝିଅ ଗୋଟିଏ ପୁଅ ସହ ମନରାଜିରେ ଚାଲିଯିବା ଘଟଣାକୁ ନେଇ ଗ୍ରାମରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଗ୍ରାମବାସୀ ଝିଅର ପରିବାରକୁ ବାସନ୍ଦ କରିଥିବା ଅଭିଯୋଗ ଉଠିଛି। ନ୍ୟାୟ ପାଇଁ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୁଲିସ ଝିଅକୁ ଖୋଜି ସମସ୍ତ ପ୍ରକ୍ରିୟା ପରେ ପରିବାର ଲୋକଙ୍କ ଜିମା ଦେଇଛି। ତେବେ ଏହି ଘଟଣା ପରେ ଝିଅର ବାପାମାଆ ଜାଣିଶୁଣି ଏଭଳି ସୁଯୋଗ ଦେଇଥିବା ଅଭିଯୋଗ କରି କିଛି ଗ୍ରାମବାସୀ ତାଙ୍କ ଉପରେ ୨ ଲକ୍ଷ ଟଙ୍କା ଜରିମାନା ଲାଗୁ କରିଥିଲେ। ଜରିମାନା ଦେବାକୁ ଅସମର୍ଥ ହେବାରୁ ପରିବାରକୁ ଗାଁରୁ ବାସନ୍ଦ କରାଯାଇଥିବା ଅଭିଯୋଗ ଆସିଛି। ଏହି ପରିସ୍ଥିତିରେ ଝିଅ ଥାନାରେ ଅଭିଯୋଗ କରିଛି ଯେ ତାଙ୍କ ବାପାମାଆଙ୍କର କୌଣସି ଭୁଲ ନାହିଁ। କିଛି ଲୋକଙ୍କ ପ୍ରରୋଚନାରେ ସେ ମନରାଜିରେ ଉକ୍ତ ପୁଅ ସହ ଚାଲିଯାଇଥିଲେ। ତେଣୁ ତାଙ୍କ ପରିବାରକୁ ଅଯଥାରେ ଦଣ୍ଡିତ ନ କରି ନ୍ୟାୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି। ଏନେଇ ପୁଲିସ ତଦନ୍ତ ଜାରି ରଖିଛି।

**ନ୍ୟାୟ ପାଇଁ ଥାନାରେ ଅଭିଯୋଗ**

## ଓଡ଼ଗାଁ ଅଦାଲତରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ
# ୪୨୮ ମାମଲାରୁ ୧୨୫ର ଫଇସଲା

**୭.୪୪ ଲକ୍ଷ ଟଙ୍କା ଅସୁଲ**



ଓଡ଼ଗାଁ, ୧୪।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଅଦାଲତରେ ତାଲୁକ ଆଇନ ସେବା କମିଟି ଦ୍ୱାରା ଶନିବାର ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଲୋକ ଅଦାଲତରେ ମୋଟ ୪୨୮ଟି ବିଭିନ୍ନ ମାମଲା ଉପସ୍ଥାପିତ ହୋଇଥିଲା। ୧୨୫ ମାମଲାର ଫଇସଲା ହୋଇ ୭ ଲକ୍ଷ ୪୪ ହଜାର ଟଙ୍କା ଅସୁଲ କରାଯାଇଛି। ମୋଟର ଯାନ ଦୁର୍ଘଟଣା ସମ୍ବନ୍ଧୀୟ ୭ ମାମଲାରୁ ୨ଟିର ସମାଧାନ ହୋଇ ୫ ଲକ୍ଷ ୮୦ ହଜାର ଟଙ୍କା ଅସୁଲ ହୋଇଛି। ସେହିପରି ୨୭୩ଟି ବ୍ୟାଙ୍କ ଋଣ ସମ୍ବନ୍ଧୀୟ ମାମଲାରୁ ୧୭ଟିର ଫଇସଲା ହୋଇ ଋଣ ଖିଲାପକାରୀଙ୍କଠାରୁ ୧ ଲକ୍ଷ ୬୪ ହଜାର ଟଙ୍କା ଅସୁଲ କରାଯାଇଛି। କ୍ରିମିନାଲ କମ୍ପାଉଣ୍ଡେବୁଲ ୭ ମାମଲାରୁ ଗୋଟିଏର ଫଇସଲା ହୋଇଥିବା ବେଳେ ଏନ୍‌ଆଇ ଆକ୍ଟ ସମ୍ବନ୍ଧୀୟ ୨ ମାମଲାରୁ କୌଣସି ମାମଲାର ସମାଧାନ ହୋଇନାହିଁ। ଅନ୍ୟପଟେ ୭୧ଟି ସିଭିଲ ମାମଲାରୁ ୬୬ଟି ଏବଂ ୬୮ଟି ବିଭିନ୍ନ ଅପରାଧିକ ମାମଲାରୁ ୩୯ଟିର ଫଇସଲା ହୋଇଛି। ଓଡ଼ଗାଁ ଅଦାଲତର ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଦେୱାନୀ ବରିଷ୍ଠ ବିଭାଗ ବିଚାରପତି ଜନ୍ମେଜୟ ଦାସ, ଦେୱାନୀ କନିଷ୍ଠ ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ ଓ ଗ୍ରାମ ନ୍ୟାୟାଳୟର ନ୍ୟାୟାଧିକାରୀ ସୌମ୍ୟାଶ୍ରୀ ମହାପାତ୍ର ମାମଲାଗୁଡ଼ିକର ପରିଚାଳନା କରିଥିଲେ।

ବାରଆସୋସିଏସନ ସଭାପତି ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ସାହୁ, ସରକାରୀ ଓକିଲ ମନୋଜ କୁମାର ପଟ୍ଟନାୟକ, ଚିତ୍ତରଞ୍ଜନ ଦାଶ, ବରିଷ୍ଠ ଅଧିବକ୍ତା ଇନ୍ଦୁଭୂଷଣ ମିଶ୍ର ଓ ଅଧିବକ୍ତା ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସମେତ ଆଇନଜୀବୀମାନେ ସହଯୋଗ କରିଥିଲେ। ଶ୍ରଦ୍ଧାଞ୍ଜଳି ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବସ୍‌ଷ୍ଟାଣ୍ଡ ପାଚେରି ନିର୍ମାଣକୁ ୩ ମୌଜାର ବିରୋଧ



ଓଡ଼ଗାଁ, ୧୪।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଓଡ଼ିଶା ପରିବହନ ନିଗମ ଦ୍ୱାରା ନିର୍ମାଣାଧୀନ ବସଷ୍ଟାଣ୍ଡର ପୂର୍ବ ପାର୍ଶ୍ୱରେ ପାଚେରି ନିର୍ମାଣକୁ ୩ ମୌଜର ଗ୍ରାମବାସୀ ବିରୋଧ କରିଛନ୍ତି। ଶନିବାର ସନ୍ଧ୍ୟାରେ ପୁଲିସ ହାଉସିଂ କର୍ପୋରେସନର ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର ଶୁଭେନ୍ଦୁ କୁମାର ମହାନ୍ତି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ପରିଦର୍ଶନ ପାଇଁ ଆସିଥିବା ବେଳେ ଏନ୍‌ଏସିର ଖଜୁରିଆ, ମଠଖଜୁରିଆ ଓ କୁମ୍ଭିଆପଲ୍ଲୀ ଗ୍ରାମର ଶତାଧିକ ଲୋକ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ଗ୍ରାମବାସୀ କହିଥିଲେ ଯେ ବସଷ୍ଟାଣ୍ଡ ନିର୍ମାଣକୁ ସେମାନେ ସମର୍ଥନ କରୁଛନ୍ତି। କିନ୍ତୁ ପାଚେରି ନିର୍ମାଣ ପୂର୍ବରୁ ସେହି ଅଞ୍ଚଳରେ ଓସାରିଆ ରାସ୍ତା ବ୍ୟବସ୍ଥା କରାଯିବା ଆବଶ୍ୟକ। ନଚେତ ପାଚେରି ନିର୍ମାଣ ସମୟରେ ସେମାନେ ବାଧା ସୃଷ୍ଟି କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରତିଦିନ ସକାଳେ ଏହି ତିନି ମୌଜାର ଚାଷୀମାନେ ଫସଲ ଅମଳ କରି ଏହି ରାସ୍ତାଦେଇ ଓଡ଼ଗାଁ ବଜାରକୁ ଯାଆନ୍ତି। ନିକଟସ୍ଥ ଏକ ଘରୋଇ କଲେଜକୁ ପ୍ରତିଦିନ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯାଉଥିବାରୁ ଏଠାରେ ଚଉଡ଼ା ରାସ୍ତା ନିର୍ମାଣ ହେବା ଅତ୍ୟାବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି। ପରେ ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର ଗ୍ରାମବାସୀଙ୍କୁ ଏହି ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ତହସିଲଦାର, ଏନ୍‌ଏସି କର୍ତ୍ତୃପକ୍ଷ ଓ ଓଡ଼ିଶା ସଡ଼କ ପରିବହନ ନିଗମକୁ ଲିଖିତ ଭାବେ ଅଭିଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।

**ଆଗେ ରାସ୍ତା ଦେଇ ପରେ ପାଚେରି କରିବାକୁ ଦାବି**

## ରାଷ୍ଟ୍ରୀୟ ଲୋକ ଅଦାଲତ, ୪୨୮୩ ମାମଲା ଫଇସଲା




ନୟାଗଡ଼, ୧୪।୩(ସମିସ): ନୟାଗଡ଼ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ୧୦ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦ ୫୭ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୧୦୩ ଦେୱାନି ମାମଲା ଫଇସଲା କରାଯାଇଥିଲା। ଏନଆଇ ଆକ୍ଟ କେସ ୭ ଟି ଫଇସଲା କରାଯାଇ ୧୦ ଲକ୍ଷ ୪୪ ହଜାର ୬୦୮ ଟଙ୍କା ଆଦାୟ କରଯାଇଥିଲା ଏବଂ ବିବାହ ଜନିତ ୧୬ ଟି ମାମଲା ଫଇସଲା କରାଯାଇଥିଲା। ଅନ୍ୟାନ୍ୟ ଫୌଜଦାରୀ ୧୭୫ ଟି ମାମଲା ଫଇସଲା କରାଯାଇଥିଲା। ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରିନଥିବା ୧୪୦ ଜଣ ଋଣ ଗ୍ରହିତାଙ୍କଠାରୁ ୬୪ ଲକ୍ଷ ୧୯ ହଜାର ୯୬୬ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା। ସେହିପରି ୩୮୨୨ ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୬ ଲକ୍ଷ ୭୬ ହଜାର ୩୮୩ ଟଙ୍କା ଆଦାୟ କରଯାଇଥିଲା ଏବଂ ରଫାଯୋଗ୍ୟ ଫଉଜଦାରି ମାମଲା ୩ ଟି ଫଇସଲା କରାଯାଇଥିଲା। ବିଦ୍ୟୁତ ସମ୍ବନ୍ଧୀୟ ୭ ଟି ମାମଲା ଫଇସଲା ହୋଇ ୩ ଲକ୍ଷ ୪୨ ହଜାର ୨୭୧ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ଡଃ ଇନ୍ଦୁ ଶର୍ମା, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ରିଜା ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୃତିସ୍ନିଗ୍ଧା ଦାସ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ଉପଖଣ୍ଡ ଫୌଜଦାରୀ ବିଚାରପତି ସମାପିକା ସମଦର୍ଶିନୀ, ଜେଏମଏଫସି ଲଳିତା ପାତ୍ର ଏବଂ ଶୁଶ୍ରିତା ମିଶ୍ର ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ, ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରାଜଜ ସ୍ୱର୍ଣ୍ଣ ପ୍ରଭା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତକୁ ସଫଳ କରିବା ପାଇଁ ସମସ୍ତ ନ୍ୟାୟଅଧିକାର ମିତ୍ର, ବରିଷ୍ଠ ଅଧିବକ୍ତା ଦଣ୍ଡପାଣି ସ୍ୱାଇଁ, ରମେଶ ଚନ୍ଦ୍ର ମହାରଣା ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ବାଲୁଗାଁ-ମହିପୁର ରାସ୍ତା
# କାମ ବିକ୍ରି କରିଛି ଠିକାସଂସ୍ଥା

ନୟାଗଡ଼, ୧୪।୩(ସମିସ)

ନୟାଗଡ଼ ଜିଲ୍ଲା ବାଲୁଗାଁ-ମହିପୁର ରାସ୍ତାରେ କାମ ପୂର୍ତ୍ତ ବିଭାଗରୁ ରଘୁନାଥ କନଷ୍ଟ୍ରକସନ୍ ଟେଣ୍ଡର ଜରିଆରେ ପାଇବା ପରେ ଏହାକୁ ଅନ୍ୟ ଜଣେ ଠିକାଦାରଙ୍କୁ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। କାମ କିଣିଥିବା ଠିକାଦାର ଅବଧି ପରେ ବି ୫୦ ପ୍ରତିଶତ ଶେଷ କରିନାହାନ୍ତି। ୩ ବର୍ଷ ପରେ ବି ରାସ୍ତା କାମ ତ୍ୱରାନ୍ୱିତ ହୋଇପାରୁ ନ ଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଅହେତୁକ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି। ଏଯାଏଁ ଉଦ୍ଦିଷ୍ଟ କଂକ୍ରିଟ କାମ ଶେଷ ହୋଇ ନ ଥିବା ବେଳେ କୌଣସି ସ୍ଥାନରେ ପିଚୁ ପଡ଼ିନି। ଅନେକ ସ୍ଥାନରେ କାମ କେବଳ ଉଭୟ ପାର୍ଶ୍ୱର ସଫେଇରେ ସୀମିତ ରହିଛି। ଏହି ରାସ୍ତା ପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନ ଥିବା ସୁଯୋଗ ନେଇ ଠିକାଦାର ଓ ପେଟି ଠିକାଦାର ଦିଅଁ ଖାଇ ଖଟୁଲି ଖାଇବାକୁ ବସିଲେଣି।

୨୦୨୩ ଜାନୁଆରୀରୁ କାମ ଆରମ୍ଭ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ୫୦ ପ୍ରତିଶତ ନିର୍ମାଣ ଶେଷ ହୋଇନାହିଁ। ନିର୍ମାଣ ସରିଥିବା କଂକ୍ରିଟ ରାସ୍ତାରୁ ଗୋଡ଼ି ଉଠିଲାଣି। କ୍ରିଦାଶପୁର ପଞ୍ଚାୟତ କଞ୍ଚନବିଲି ଗ୍ରାମ ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ନୂଆ କଂକ୍ରିଟ ରାସ୍ତା ଉପରେ ଶତାଧିକ ଖାଲ ନିମ୍ନମାନର କାମର ପ୍ରମାଣ ଭାବେ ଦୃଶ୍ୟମାନ ହେଉଛି। କଂକ୍ରିଟ କାମ ଅତ୍ୟନ୍ତ ନିମ୍ନ ମାନର କରୁଥିବା ଠିକାଦାର ପିଚୁ କାମ କେଉଁ ଭଳି କରିବ ବୋଲି ପ୍ରଶ୍ନ ଉଠିଛି। ୧୪ କିଲୋମିଟର ରାସ୍ତା ନିର୍ମାଣ ଆଉ କେତେ ବର୍ଷ ଲାଗିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଠିକାଦାର ଓ ପେଟି ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ୮ ପଞ୍ଚାୟତବାସୀ। ପୂର୍ତ୍ତ ବିଭାଗର ଅବହେଳା ଏବଂ ଠିକାସଂସ୍ଥାର ମନମାନୀ ପାଇଁ ରାସ୍ତା ନିର୍ମାଣ ଅଧା ଅଧୁରା ଅବସ୍ଥାରେ ରହିଛି। ଉକ୍ତ ରାସ୍ତା ଉପରେ ବାଲୁଗାଁ, କ୍ରିଦାଶପୁର, ମାଳିସାହି, ଢେଙ୍କେଣା, ଚାହାଳୀ, ବଡ଼ଗୋଠ, ଦୁରଦୁରା, ମହୀପୁର ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ବିଭିନ୍ନ ସ୍ଥାନରେ କଂକ୍ରିଟ ରାସ୍ତା ଅଧା ନିର୍ମାଣ ଦ୍ୱାରା ବଡ଼ ଗାଡ଼ିଗୁଡ଼ିକ ଯାତାୟାତରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ୧୯ କୋଟି ୯୯ ଲକ୍ଷ ଟଙ୍କା ବ୍ୟୟରେ ୧୩ କୋଲୋମିଟର ୭୪୦ ମିଟର ରାସ୍ତା ନିର୍ମାଣ ପାଇଁ ରଘୁନାଥ କନଷ୍ଟ୍ରକସନ୍ ନାମକ ଠିକାସଂସ୍ଥା କାମ ହାତେଇଥିଲା। ଉକ୍ତ ଠିକାସଂସ୍ଥା ୧୬ କୋଟି ୮୦ ଲକ୍ଷ ବ୍ୟୟରେ ରାସ୍ତା ନିର୍ମାଣ କରିବାକୁ ବିଭାଗ ସହ ଚୁକ୍ତି କରିଥିବା ବେଳେ ନିର୍ମାଣ କାମ ପେଟି ଠିକାଦାରଙ୍କ ହାତକୁ ଟେକି ଦେଇଥିଲା। ଫଳରେ ରାସ୍ତା ନିର୍ମାଣରେ ବ୍ୟାପକ ମନ୍ଥରତା ସୃଷ୍ଟି ହୋଇଛି। ୨୦୨୪ ଅଗଷ୍ଟ ୩୧ ତାରିଖ ନିର୍ମାଣ ଶେଷ କରିବାର ଧାର୍ଯ୍ୟ ସମୟ ରହିଥିଲା। ଠିକାସଂସ୍ଥା ମାଲିକଙ୍କ ପରଲୋକ ଘଟିବା କାରଣରୁ ମାଲିକାନା ପରିବର୍ତ୍ତନ ପାଇଁ ପ୍ରଥମେ ବିଳମ୍ବ ହୋଇଥିଲା। ମାଲିକାନା ପରିବର୍ତ୍ତନ ପରେ ମଧ୍ୟ କାମରେ ଅଗ୍ରଗତି ହୋଇପାରୁନାହିଁ। ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ନିର୍ମାଣ ସରିବା ବେଳକୁ ଅଧା ରାସ୍ତା ନଷ୍ଟ ହୋଇ ସାରିଥିବ ବୋଲି ଅନୁମାନ କରାଯାଉଛି। ଏହି ରାସ୍ତା ନିର୍ମାଣର ଭିଜିଲାନ୍ସ ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏଭଳି ସ୍ଥିତିରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ଏପ୍ରିଲ ସୁଦ୍ଧା କାମ ଶେଷ କରିବାକୁ ତାଗିଦ୍ କରାଯାଇଥିବା ସେ କହିଛନ୍ତି।



- **ନିର୍ମାଣରେ ଅନିୟମିତତା, ଭିଜିଲାନ୍ସ ତଦନ୍ତ ଦାବି**
- **ଅଧପନ୍ତରିଆ କଂକ୍ରିଟ ରାସ୍ତାରେ ଶତାଧିକ ଖାଲ**

## କନିଅର ଫଳ ଖାଇ ଦୁଇ ଛାତ୍ର ଗୁରୁତର

ନୟାଗଡ଼, ୧୪।୩(ସମିସ): ନୂଆଗାଁ ଥାନା ମାଇଛେଳି ପଞ୍ଚାୟତ କାଣିଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଅର ଫଳ ଖାଇ ଦୁଇ ଛାତ୍ର ଗୁରୁତର ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୟାଗଡ଼ ଡାକ୍ତରଖାନା ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗୁରୁତର ଛାତ୍ର ଦ୍ୱୟ ହେଲେ ରାଜକିଶୋର ପ୍ରଧାନଙ୍କ ପୁଅ ରବୀନ୍ଦ୍ର ପ୍ରଧାନ ଏବଂ ରଞ୍ଜନ ନାଥଙ୍କ ପୁଅ ପ୍ରକାଶ ନାଥ। ଦୁହେଁ ଯଥାକ୍ରମେ ୨ୟ ଓ ୩ୟ ଶ୍ରେଣୀରେ ପଢୁଥିଲେ। ବିଦ୍ୟାଳୟରେ କନିଅର ଫଳ ଖାଇ ଦେଇଥିଲେ। ଏ ସମ୍ପର୍କରେ ସେମାନେ ବିଦ୍ୟାଳୟରେ କାହାକୁ କିଛି କହି ନ ଥିଲେ। ଘରକୁ ଆସିବା ପରେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ଘରୋଇ ଚିକିତ୍ସା କରିଥିଲେ। ହେଲେ ଅପରାହ୍ନରେ ପିଲାମାନେ ପ୍ରବଳ ବାନ୍ତି କରିବାରୁ ପରିବାର ଲୋକ ଉଭୟଙ୍କୁ ଚିକିତ୍ସାଳୟ ଆଣିଥିଲେ। ନୟାଗଡ଼ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

## ୧୧୨ ବର୍ଷରେ ଜରିପୁଟ ଦଶଦୋଳ ମେଳଣ

# ଏକାଠି ହେଲେ ୧୬ ଖଣ୍ଡ ଗାଁ ଠାକୁର

ଖୋର୍ଦ୍ଧା,୧୪।୩ (ସମିସ)



ଖୋର୍ଦ୍ଧା ସହର ଉପକଣ୍ଠ ଜରିପୁଟ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଛି ଦଶଦୋଳ ମେଳଣ। ଜରିପୁଟ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ ଦିନ ଧରି ଆଡମ୍ବରରେ ଆୟୋଜିତ ହୋଇଥାଏ। ଜରିପୁଟ ସମେତ ଆଖପାଖ ୧୬ଟି ଗାଁର ଠାକୁର ଏକାଠି ହୋଇଛନ୍ତି। ଗ୍ରାମର ଚନ୍ଦ୍ରଶେଖର ମହାଦେବ ହେଉଛନ୍ତି ଥାନପତି। ରୀତିନୀତି ପରମ୍ପରା ଅନୁସାରେ ରାତିରେ ପଟୁଆରରେ ଚନ୍ଦ୍ରଶେଖର ମହାଦେବ ବାଦ୍ୟ ବାଜଣା, ପାମ୍ପରିକ ଲୋକନୃତ୍ୟ ମଧ୍ୟରେ ଭକ୍ତଙ୍କ ଗହଳରେ ଏକ ବିଶାଳ ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ମେଳଣ ପଡିଆରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦୋଳ ମଣ୍ଡପରେ ବିଜେ କରିଥିଲେ। ଚନ୍ଦ୍ରଶେଖର ମହାଦେବଙ୍କ ପଛରେ ନିମନ୍ତ୍ରିତ ଅନ୍ୟ ଗାଁର ଠାକୁର ମାନେ ଶୋଭାଯାତ୍ରାରେ ସାମିଲ ହୋଇ ମେଳଣ ପଡିଆରେ ପ୍ରବେଶ କରି ନିଜ ଆସନରେ ବିଜେ କରିଥିଲେ।

ଏହି ମେଳଣ ଉତ୍ସବରେ ଶିଆଳିଆର ମଦନ ମୋହନ, କଦଳିବାଡିର ଭଗବତ ବାସୁଦେବ, ବେରୁହାଁ ର ଶ୍ରୀ ଭଗବତ ବାସୁଦେବ, ଦଳେଇପୁଟ ର ମଦନମୋହନ ଦେବ, ଦେଉଳଟାଙ୍ଗିର ସୋମନାଥ ଦେବ, ଦଧିମାଛଗାଡିଆର ରାଧାମୋହନ ଦେବ, ଭାଟପଡାର ସୋମନାଥ, ଜରିପୁଟର ରଘୁନାଥ ଦେବ, ରାଧାମୋହନ ଦେବ, ଗୋପିନାଥ ଦେବ, କଙ୍କଣହାରର ଐଶାନେଶ୍ୱର, ପାଟପୁରର ରାଧାକାନ୍ତ ଦେବ, ପାନବରଜର ବାଲୁଙ୍କେଶ୍ୱର, ଭାଲିଆବାଡିର ରାଧାକାନ୍ତ ଦେବ, କଲ୍ୟାଣପୁରର ସ୍ୱପ୍ନେଶ୍ୱର, ଜକରା ର ଲୋକନାଥ ଦେବ, ହଳଦିପଦାର ବାବା ମଲ୍ଲକେଶ୍ୱର ଏବଂ ବୋତଲମା ଗ୍ରାମର ଧବଳେଶ୍ୱର ମହାଦେବ ଦୋଳବେଦୀ ରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ଲୋକକଥା ଅନୁସାରେ, ପ୍ରାୟ ୧୧୨ବର୍ଷ ହେବ ଏହି ମେଳଣ ଆୟୋଜନ ହୋଇ ଆସୁଛି। ପୂର୍ବରୁ ସ୍ୱର୍ଗତ ମୋହନ ସାମନ୍ତରାୟ ମାନସିକ ରଖି ମେଳଣ ଆରମ୍ଭ କରିଥିଲେ। ତାଙ୍କ ଅନ୍ତେ ତାଙ୍କ ପୁଅ କାହ୍ନୁଚରଣ ସାମନ୍ତରାୟ ଏହାକୁ ବଜାୟ ରଖିଥିଲେ। କିଛିବର୍ଷ ଚାଲିବା ପରେ ଏହାକୁ ବନ୍ଦ କରିଦେବାକୁ ସ୍ଥିର କରିଥିଲେ। କିନ୍ତୁ ଏହି ମେଳଣ ଯାତ୍ରା ଜାରି ରଖିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ସେବେଠାରୁ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଏହି ଯାତ୍ରା ଆୟୋଜିତ ହୋଇଆସୁଛି।

ପ୍ରଥମ ଦିନ ରାତିରେ ଠାକୁର ମାନଙ୍କ ଜମାଣ ହୋଇଥାଏ। ତା ପରଦିନ ମେଳଣ ଏବଂ ତାପରଦିନ ଭୋର ସମୟରେ ହରିହର ଭୋଟ ନୀତି ସମ୍ପର୍ଣ୍ଣ ହୋଇଥାଏ। ଅଗଣତି ଶ୍ରଦ୍ଧାଳୁ ଭକ୍ତିଭାବରେ ଏକତ୍ର ସମସ୍ତଙ୍କ ଦେବାଦେବୀଙ୍କ ଦର୍ଶନରେ ଭାବବିହ୍ୱଳ ହୋଇ ଏକାଠି ଫଗୁ, ରଙ୍ଗଠାକୁରଙ୍କ ନିକଟରେ ଅର୍ପଣ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଥାନ୍ତି। ଏହି ସମୟରେ ଭକ୍ତ ଓ ଭଗବାନଙ୍କ ଦିବ୍ୟ ସମାହାର ଦୃଶ୍ୟ ଅବର୍ଣ୍ଣନୀୟ। ପରେ ନିମନ୍ତ୍ରିତ ଠାକୁର ଦୋଳ ବିମାନରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତନ କରିଥାନ୍ତି। ତିନିଦିନ ବ୍ୟାପି ମେଳଣ ପଡିଆରେ ପ୍ରବଳ ସମାଗମ ହୋଇଥାଏ। ଲୋକଙ୍କ ମନୋରଞ୍ଜନ ଲାଗି ଏଠାରେ ଅପେରା ଚାଲିଥିବାବେଳେ ମୀନାବଜାର, ଘର କରଣା ସାମଗ୍ରୀ, ବିଭିନ୍ନ ଖାଦ୍ୟ ଷ୍ଟଲ ମଧ୍ୟ ଖୋଲିଥାଏ। ଜରିପୁଟ ମେଳଣ ଏକ ଭାଇଚାରାର ବାର୍ତ୍ତା ଦେଇଥାଏ। ଆଖପାଖ ଗାଁ ଗଣ୍ଡାର ଲୋକ ମେଳଣ ସମୟରେ ଏକାଠି ହୁଅନ୍ତି।

ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ ଶ୍ରୀଚନ୍ଦନ କୁହନ୍ତି ପୂର୍ବବର୍ଷ ଭଳି ଚଳିତ ବର୍ଷ ଶାନ୍ତିଶୃଙ୍ଖଳାର ସହ ମେଳନ ଉତ୍ସବ ସମାପନ ଲାଗି ଲକ୍ଷ୍ୟ ରଖାଯାଇଛି। ଗ୍ରାମବାସୀ ଓ ଯୁବକମାନଙ୍କ ସହାୟତାରେ ଜମାଣ ଉତ୍ସବ ଜାକଜମକରେ କରାଯାଇଥିବାବେଳେ ଚଳିତ ବର୍ଷ ଗ୍ରାମ୍ୟ କମିଟିର ସମସ୍ତ କର୍ମକର୍ତା ଓ ଗାଁ ର ଯୁବଗୋଷ୍ଠି ମେଳଣ ପରିଚାଳନା ରେ ସହଯୋଗ କରୁଛନ୍ତି। ଶାନ୍ତି ଶୃଙ୍ଖଳା ଲାଗି ଆଦର୍ଶଥାନା ପୁଲିସ ପକ୍ଷରୁ ଗୋଟିଏ ସେକ୍ସନ ଫୋର୍ସ ନିୟୋଜିତ ରହିଛନ୍ତି।

## ଆରମ୍ଭ ହେଲା ମାଣିବନ୍ଧ ଦଶ ଦୋଳଯାତ୍ରା



ବେଗୁନିଆ,୧୪।୩ (ସମିସ): ବୋଲଗଡ ବ୍ଲକ ଅନ୍ତର୍ଗତ ମାଣିବନ୍ଧ ଗ୍ରାମରେ ଶୁକ୍ରବାର ଦିନ ମଧ୍ୟ ରାତ୍ରରୁ ଦଶଦୋଳ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରାଟି ବିଗତ ୧୫୧ ବର୍ଷ ଧରି ପୁରୁଷାନୁକ୍ରମେ ଚାଲିଥିବା ବେଳେ ଦୀର୍ଘ ୧୫ ବର୍ଷରୁ ଅଧିକ ହେବ ଗ୍ରାମର ବରିଷ୍ଠ ନାଗରିକ ଦିଲ୍ଲୀପ ଛୋଟରାୟଙ୍କ ଆବାହକତ୍ୱ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ହେଉଛି। ଏଥିରେ ମାଣିବନ୍ଧ, ବଡପଦର୍, କୋଲୁହା ପାଟଣା, ଗୌଡନୂଆଗାଁ, ସୁଆଁଳ, ଧାନଘର ନୂଆଗାଁ, ଗେଡିଆପଲୀ, ଶାମୁକା ପାଟଣା, ସାଲତରା, କଢ଼ାମଲ ଆଦି ୩୬ଟି ଗ୍ରାମର ୪୦ଟି ସୁସଜ୍ଜିତ ଦୋଳରେ ଆରାଧ୍ୟ ଦେବତା ମାନେ ଏକତ୍ରିତ ହୋଇ ଅଧିପତି ବାବା ମାଣିକେଶ୍ୱର୍ ଅବସ୍ଥାନ ପରେ ଅନ୍ୟ ସମସ୍ତ ଦେବ ଆସ୍ଥାନ ଉପରେ ବିରାଜମାନ କରିଥାନ୍ତି। ଚଳିତ ବର୍ଷ ପାଞ୍ଚ ଦିନ ଲାଗିବ ମେଳା ଲାଗି ଥିବା ବେଳେ ଅନ୍ତିମ ଦିବସରେ ହରିହରଙ୍କ ଅପୂର୍ବ ମିଳନର ସମାଗମ ହୋଇ ଉଦଯାପନ ହୋଇଥାଏ। ଏହି ମେଳା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରୁ ଜନ ସାଧାରଣଙ୍କ ସମାଗମ ହୋଇ ଥିବା ବେଳେ ଅସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ଖୋଲା ଯାଇ କ୍ରୟ ଓ ବିକ୍ରୟ ହୋଇଥାଏ।

## ନଈରୀ ଦଶଦୋଳ ମେଳଣ ଉଦ୍‌ଯାପିତ

ଚିଲିକା,୧୪।୩ (ସମିସ): ଚିଲିକା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଐତିହାସିକ ଶୈବପୀଠ ନଈରୀସ୍ଥିତ ଶ୍ରୀ ଶ୍ରୀ ହରିହରେଶ୍ୱର ଦେବଙ୍କ ପୀଠରେ ଚଳିତ ବର୍ଷର ଦଶଦୋଳ ମେଳଣ ଉଦ୍‌ଯାପିତ ହୋଇ ଯାଇଛି। କାହିଁ କେଉଁ ଆବହମାନ କାଳରୁ ଫୁଲ ଦୋଳ ରୂପେ ପ୍ରଖ୍ୟାତ ଏହି ଦଶଦୋଳ ମେଳଣ ପଡ଼ିଆରେ ନବମୀ ଦିନ ବିଳମ୍ବିତ ରାତ୍ରୀରେ ପୀଠାଧିପତି ଶ୍ରୀ ଶ୍ରୀ ହରିହରେଶ୍ୱର ଦେବଙ୍କ ଆମନ୍ତ୍ରଣ କ୍ରମେ ଚିଲିକା ଓ ବାଣପୁର ବ୍ଲକ ର ବିଭିନ୍ନ ଗ୍ରାମରୁ ଶିବ, ବିଷ୍ଣୁ ଓ ଦେବୀଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ଦୋଳ ବିମାନ, ବୃଷଭ, ଗରୁଡ଼ ଓ ସିଂହ ବାହନ ଉପରେ ବିରାଜମାନ କରି ବର୍ଣ୍ଣାଢ଼୍ୟ ପଟୁଆର ଓ ଆତସବାଜି ପ୍ରଦର୍ଶନ ମଧ୍ୟରେ ଆସି ମେଳଣ ପଡିଆ ଆସ୍ଥାନ ଉପରେ ଆସୀନ ହୋଇଥିଲେ। ଦଶମୀ ଦିନ ବିଭିନ୍ନ ବୈଦିକ ପୂଜା ଉପଚାର ମାଧ୍ୟରେ ଆଜି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସନ୍ଧ୍ୟାରେ ଠାକୁର ମାନଙ୍କର ମହା ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣରେ ପୀଠାଧିପତି ଶ୍ରୀ ଶ୍ରୀ ହରିହରେଶ୍ୱର ଦେବଙ୍କ ସମେତ ହରିପୁର ଶାସନ ସ୍ଥିତ ପଶ୍ଚିମାଭିମୁଖୀ ଶମ୍ଭୁ ଶ୍ରୀ ଶ୍ରୀ ପ୍ରତାପେଶ୍ୱର ଦେବ, ଛୋଟରାୟ ପୁରସ୍ଥିତ ଶ୍ରୀ ଶ୍ରୀ ଲୋକନାଥ ଦେବ, ଗଙ୍ଗାଧରପୁରସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ, ସୁନାଖଳା ସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ପ୍ରମୁଖ ୩୫ ଦେବା ଦେବୀଙ୍କ ସମାବେଶ ହୋଇଥିଲା।ଦଶଦୋଳ କମିଟି ପକ୍ଷରୁ କର୍ମକର୍ତ୍ତା ସଭାପତି ଲଳିତ ମୋହନ ପଟ୍ଟନାୟକ, ସଂପାଦକ ହାଡିବନ୍ଧୁ ପଟ୍ଟନାୟକ, କାର୍ଯ୍ୟକାରୀ ସଂପାଦକ ପ୍ରମୋଦ କୁମାର ଦାସ,ଅଜୟ କୁମାର ଖୁଣ୍ଟିଆ, ପ୍ରମୁଖଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅଞ୍ଚଳବାସୀ ସକ୍ରିୟ ସହଯୋଗ କରିଥିଲେ। ନାଚୁଣୀ ଥାନା ପୁଲିସ ପକ୍ଷରୁ ବ୍ୟାପକ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ଥିଲା। ମେଳଣ ସମୟରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା। ଏହି ମେଳଣ ଅବସରରେ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଯାତ୍ରା ନାଟକ ଓ ମେଲୋଡି କାର୍ଯ୍ୟକ୍ରମ ପରିବେଷିତ ହେଉଛି।



## ଠାକୁରାଣୀଙ୍କ ଭୋଗଖିଆକୁ ନେଇ ହଟ୍ଟଗୋଳ

ଟାଙ୍ଗୀ,୧୪।୩ (ସମିସ): ଗତକାଲି ବିଳମ୍ବିତ ରାତିରେ ଚାନ୍ଦପୁର ଗୋପବନ୍ଧୁନଗର ରେ ଠାକୁରଙ୍କ ଭୋଗଖିଆକୁ ନେଇ ବିବାଦରୁ ହଟ୍ଟଗୋଳ। ଠେଲାପେଲା ଯୋଗୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ମା' ରାମଚଣ୍ଡୀ ଦେବୀଙ୍କ ସମେତ ତିନି ଠାକୁରାଣୀ ଠାକୁରଙ୍କୁ ସାହି ରାସ୍ତାରେ ଦେଢ ଘଣ୍ଟା ଅଟକିବାକୁ ପଡିଥିଲା। ଘଟଣାସ୍ଥଳରେ ପୁଲିସ, ଗ୍ରାମ୍ୟ କମିଟି ପହଞ୍ଚିବା ପରେ ଦୋଳ ରେ ଆସିନ ଠାକୁରଙ୍କୁ ବଳପୂର୍ବକ ନେଇଯିବାକୁ ପଡିଥିଲା। ସୂଚନାଯୋଗ୍ୟ ଦୋଳ ପର୍ବ ସମୟରେ ଠାକୁର ଠାକୁରାଣୀ ପ୍ରତି ସାହି ସାହିକୁ ଦୋଳରେ ଆସି ଚାଚେରୀ ଭୋଗ ବିଧି ଭୋଗ ଲାଗି ହେବା ପରମ୍ପରା ରହିଛି ତେବେ ପରମ୍ପରା ଅନୁସାରେ କିଛି ନିର୍ଦ୍ଦିଷ୍ଟ ଜାତିର ଦୁଆରେ ଠାକୁର ଭୋଗ ଖାଇବା ପରମ୍ପରା ନଥିବାରୁ ନିକଟସ୍ଥ ତୁଳସୀ ଚଉରାରେ ସେହି ଜାତି ଲୋକେ ରଖିଥିବା ଭୋଗ ଲାଗି ହୋଇଥାଏ। ତେବେ ବ୍ୟବସ୍ଥାରେ ପକ୍ଷପାତିତା ନ ରଖିବା ମହତ ଉଦ୍ଦେଶ୍ୟରେ ଚାନ୍ଦପୁର ସରପଞ୍ଚ ରଂଜିତା ସେନାପତିଙ୍କ ସ୍ୱାକ୍ଷରିତ ଏକ ପତ୍ର ଗତ ବର୍ଷ ଆରଡିସି କଟକ, ନୟାଗଡ ଜିଲ୍ଲାପାଳ, ରଣପୁର ବିଡିଓ, ରଣପୁର ତହସିଲଦାର, ଚାନ୍ଦପୁର ଥାନା ଆଇଆଇସି, ଚାନ୍ଦପୁର ଗ୍ରାମ୍ୟ କମିଟି ସଭାପତି ସୁକାନ୍ତ କିଶୋର ସେନାପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ତେବେ ଇତିମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ପ୍ରତିକାର ହୋଇପାରିଲା ନାହିଁ। ଗତକାଲି ବିଳମ୍ବିତ ରାତିରେ ଆଡମ୍ବର ପୂର୍ଣ୍ଣ ପାଟ ପଟୁଆର ସହିତ ମା' ରାମଚଣ୍ଡୀ ଦେବୀ, ଗୋପୀନାଥ ଦେବ ଓ ରାଧାମୋହନ ଦେବ ଗ୍ରାମରେ ଭୋଗ ଖାଉଥିବା ବେଳେ ନିର୍ଦ୍ଦିଷ୍ଟ ଜାତିର ବ୍ୟକ୍ତି ତୁଳସି ଚଉରାରେ ନୁହେଁ ସାଧାରଣର ବର୍ଗ ଙ୍କ ଦୁଆରେ ଖୁଆଯାଉଥିବା ଭଳି ସେମାନଙ୍କ ଦୁଆରେ ମଧ୍ୟ ବଢାଯାଇଥିବା ଭୋଗ ଖୁଆଇବା ପାଇଁ ଅଡି ବସିଥିଲେ। ପୁରାତନ ଅମଳରୁ ପ୍ରଚଳିତ ପ୍ରଥାରେ ବ୍ୟତିକ୍ରମ କରିବୁ ନାହିଁ ବୋଲି ଜିଦ ଧରିବାରେ ତିନି ଠାକୁରାଣୀ ଠାକୁରଙ୍କୁ ଛାଡି ଦିଆଗଲା ନାହିଁ। ଫଳରେ ଘଟଣାସ୍ଥଳରେ ଠେଲାପେଲା, ମାରପିଟ ଭଳି ଘଟଣା ଦେଖିବାକୁ ମିଳିଲା। ଚାନ୍ଦପୁର ଆଇଆଇସି ଅଭୟ ବେହେରା, ଗାଁ ସଭାପତି ସୁକାନ୍ତ କିଶୋର ସେନାପତି, ପୂର୍ବତନ ସରପଞ୍ଚ ଅଶୋକ କୁମାର ସାହୁ, ଉପସଭାପତି ଶିବପ୍ରସାଦ ସାହୁ, ଗୋପାଳ ନାୟକଙ୍କ ସମେତ ବହୁ ବ୍ୟକ୍ତି ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଘଟଣାର କୌଣସି ସମାଧାନ ପରିବର୍ତେ ଠାକୁର ମାନଙ୍କୁ ବଳପୂର୍ବକ ନିଆ ଯାଇଥିଲା। ଏଭଳି ସମ୍ବେଦନଶୀଳ ପରମ୍ପରାର ନିରପେକ୍ଷ ବିଚାର କରାଯିବାକୁ ଚାନ୍ଦପୁର ସରପଞ୍ଚଙ୍କ ସ୍ୱାମୀ ଦିପକ କୁମାର ସେନାପତିଙ୍କ ସମେତ ଏହି ପ୍ରଥାରେ ଶିକାର ହେଉଥିବା ବ୍ୟକ୍ତି ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି।

## ଦେଶୀ ମଦ ଜବତ, ତିନି ଗିରଫ

ବେଗୁନିଆ,୧୪।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ୱାବଧାନରେ ବେଗୁନିଆ ଅବକାରୀ ପୁଲିସ ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଥିଲା। ଏଥିରୁ ମୋଟ ୫୩୩ ଲିଟର ଦେଶୀ ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ନୟାଗଡ ଜିଲ୍ଲା ସୁରୁକାବାଡି ଗ୍ରାମର ମନ ମୋହନ ମହାନ୍ତିଙ୍କଠାରୁ ୫୧୦ ଲିଟର ମଦ ସହ ସ୍କୁଟି ଓ ମୋବାଇଲ, ବୋଲଗଡ ଥାନା ଅନ୍ତର୍ଗତ ଖାରଡପଲ୍ଲୀ ଗ୍ରାମର ମାଧବ ନାୟକଙ୍କ ଠାରୁ ୧୫ ଲିଟର ଓ ବାଘମାରୀ ଥାନା ଅନ୍ତର୍ଗତ ଗଁପୁର ଗ୍ରାମର ଗଣେଶ ସେଠୀଙ୍କଠାରୁ ଆସ୍କା ଫର୍ଟି ୮ ଲିଟର ଜବତ ହୋଇଛି।

## ବାଲୁଗାଁ ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



ବାଲୁଗାଁ, ୧୪।୩ (ସମିସ) : ବାଲୁଗାଁ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ମହାବିଦ୍ୟାଳୟ ପରିସର ସ୍ଥିତ ପ୍ରଜ୍ଞା ଭବନରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଶାସ୍ତ୍ରୀୟଓଡ଼ିଆଭାଷାଦିବସରେମୁଖ୍ୟବକ୍ତା ଭାବେ ଡ. ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ଓଡ଼ିଆ ଭାଷାର ପ୍ରାମାଣିକ ତଥ୍ୟ ପ୍ରଦାନ ପୂର୍ବକ ଭାଷା ବିଜ୍ଞାନ ଓ ଭାଷାତତ୍ତ୍ୱ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଅନ୍ୟତମ ଅତିଥି ଭାବେ ସୁବାଷ ଶ୍ରୀଚନ୍ଦନ, ଡ. କୈଳାସ ଚନ୍ଦ୍ର ମହାରଣା, ଡ. ମୋନାଲିସା ମାନସିଂହ, ବିଦ୍ୟାଧର ଯୁଝାରସିଂହ ଓ ଡ. ମନସ୍ୱିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିବା ସହିତ ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ଓ ସାଂପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷାର ବିକଶିତ ରୂପ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଧୋବୀ ଚରଣ ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ଦେଇଥିବା ବେଳେ ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ ମଞ୍ଚ ସଂଯୋଜନା କରିଥିଲେ। ଛାତ୍ରୀ ଶାଶ୍ୱତୀ ମିଶ୍ର କବିତା ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

## ବିଶିଷ୍ଟ ରାମଲୀଳା ଓ ସଂକୀର୍ତ୍ତନ ଗାୟକ ଧରଣୀଧରଙ୍କ ପରଲୋକ

ବୋଲଗଡ଼, ୧୪।୩ (ସମିସ): ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମର ବିଶିଷ୍ଟ ସାଂସ୍କୃତିକ ପୁରୋଧା, ସଂକୀର୍ତ୍ତନ ଗାୟକ ତଥା ରାମଲୀଳା ନିର୍ଦ୍ଦେଶକ ଧରଣୀଧର ଉତ୍ତରରାୟଙ୍କ ୯୭ ବର୍ଷ ବୟସରେ ମହାପ୍ରୟାଣ ଘଟିଛି। ଶନିବାର ଭୋର ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଧରଣୀଧର ଉତ୍ତରରାୟ ଅନଙ୍ଗ ନରେନ୍ଦ୍ର କୃତ ରାମଲୀଳା ଏବଂ ସଂକୀର୍ତ୍ତନ ଗାୟନରେ ଜଣେ ଧୂରିଣ ବ୍ୟକ୍ତିତ୍ୱ ଥିଲେ। ଚମ୍ପାଇଲୋର ପ୍ରସିଦ୍ଧ ରାମଲୀଳା ପରମ୍ପରାକୁ ଦୀର୍ଘ ବର୍ଷ ଧରି ଜୀବନ୍ତ ରଖିବାରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ଜଣେ ସଂସ୍କୃତି ସାଧକ ଭାବେ ତାଙ୍କର ଶେଷ ସମୟ ମଧ୍ୟ ବେଶ୍ ଆଧ୍ୟାତ୍ମିକମୟ ଥିଲା। ମୃତ୍ୟୁର ମାତ୍ର ୨ ଘଣ୍ଟା ପୂର୍ବରୁ ସେ ରାମଲୀଳା ଗାନ କରିଥିଲେ। ଧରଣୀଧରଙ୍କୁ ପୁରୁଣା ପିଢ଼ିର ଶେଷ ସନ୍ତକ ବୋଲି ଗ୍ରାମବାସୀ ଅଭିହିତ କରିଛନ୍ତି। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁତ୍ର ବିରଞ୍ଚି ଉତ୍ତରରାୟ ମୁଖାଗ୍ନି ଦେଇଥିଲେ।



## ଶନିଶ୍ଚର ଦେବଙ୍କ ବାର୍ଷିକ ମେଳା

ବେଗୁନିଆ,୧୪।୩ (ସମିସ): ବୋଲଗଡ ବ୍ଲକ ଅନ୍ତର୍ଗତ ଆରିକମା ପଞ୍ଚାୟତ ଅନ୍ତର୍ଗତ ଭବାନୀପୁର ଗ୍ରାମର ଦେଶୁଆ ସାହିସ୍ଥିତ ଶନିଶ୍ଚର୍ ଦେବଙ୍କ ୪୧ ତମ ବାର୍ଷିକ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଯାଜ୍ଞିକ ବ୍ରାହ୍ମଣ ରମେଶ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ବୈଦିକ ରୀତି ନୀତି ଅନୁଯାଇ ଭକ୍ତି ଓ ନିଷ୍ଠାର ସହ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶରତ କୁମାର ପରିଡ଼ା, ରଙ୍କନିଧି ଜେନା,ରମେଶ ଚନ୍ଦ୍ର ବିଶ୍ୱାଳ, ନିରଞ୍ଜନ ଜେନା, ମାନସ ରଞ୍ଜନ ବିଶ୍ୱାଳ ଓ ସାମ୍ବାଦିକ ଶରତ ଚନ୍ଦ୍ର ବାରିକଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାଣପୁରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଣପୁର,୧୪।୩ (ସମିସ) : ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଲୁକ ଆଇନ ସେବା ସମିତିର ଅଧକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଇପ୍‌ସିତା ପ୍ରିୟା ଏକ୍କା ଯୋଗଦେଇ ୨୨ଟି ଫୌଜଦାରୀ, ୧୦ଟି ଦେୱାନୀ, ୫୭ଟି ମୋଟର ଯାନ ଏବଂ ଗୋଟିଏ ବୈବାହିକ ବିବାଦ ମକଦ୍ଦମା ସମେତ ସମୁଦାୟ ୯୨ଟି ବିଭିନ୍ନ ମାମଲାର ଫଇସଲା କରିଥିଲେ। ଗୋଟିଏ ବ୍ୟାଙ୍କର ପ୍ରାକ୍ ବିବାଦୀୟ ମୋକଦ୍ଦମାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ୭୦ ହଜାର ୬୨୦ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଓକିଲ ସଂଘର ସଭାପତି ବୃନ୍ଦାବନ ପ୍ରଧାନ, ସମ୍ପାଦକ ଜଗଦିଶ ପଟ୍ଟନାୟକ, ରିଟେନର ରାମଚନ୍ଦ୍ର ପଲାଇ, ମନୋଜ ମହାପାତ୍ର, ସୁନିଲ ମହାପାତ୍ର, ସରତ ପଟ୍ଟନାୟକ, ଜଳନ୍ଧର ପ୍ରଧାନ, ମହେନ୍ଦ୍ର ସାମନ୍ତସିଂହାର, ବିପ୍ଳବ ମୁଦୁଲିଙ୍କ ସମେତ ବହୁ ସଦସ୍ୟ, ଅଦାଲତ କର୍ମଚାରୀ ଏବଂ ବାଣପୁର ଓ ବାଲୁଗାଁ ଅଞ୍ଚଳର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ରହି ଅଦାଲତ ପରିଚାଳନାରେ ସହାୟତା କରିଥିଲେ।

## ବିଶ୍ୱ କଳା ମୋତିଆ ସପ୍ତାହ ପାଳିତ

ଟାଙ୍ଗୀ,୧୪।୩ (ସମିସ): କଳାମୋତିଆ ବା ଗ୍ଲକୋମା ଅନ୍ଧତ୍ୱର କାରଣ ମାନଙ୍କ ମଧ୍ୟରେ ଅନ୍ୟତମ। ସାଧାରଣତଃ ଚକ୍ଷୁର ଏହି ରୋଗରେ ଲକ୍ଷଣ ଜଣାପଡ଼େ ନାହିଁ ମାତ୍ର ଦୃଷ୍ଟି ଶକ୍ତି ସମୟକ୍ରମେ କମି କମି ଯାଇଥାଏ । ଏହି ରୋଗରେ ଚାଲିଯାଇଥିବା ଦୃଷ୍ଟି ଫେରି ପାରେ ନାହିଁ। ଚିହ୍ନଟ ବେଳକୁ ଯେଉଁ ଦୃଷ୍ଟି ଥାଏ ସଠିକ୍ ଚିକିତ୍ସା ଦ୍ୱାରା ତାହା ବଞ୍ଚାଇବା ସମ୍ଭବ। ଏଣୁ ରୋଗ ଚିହ୍ନଟ ସଅଳ ହେବା ଆବଶ୍ୟକ। ପ୍ରତିବର୍ଷ ଭଳି ମାର୍ଚ୍ଚ ୨ୟ ସପ୍ତାହକୁ ବିଶ୍ୱ ଗ୍ଲକୋମା ସପ୍ତାହ ଭାବେ ଆଲ୍ଟ୍ରାନ୍ୱତ ଆଇ କେୟାର ହସ୍ପିଟାଲ ଟ୍ରଷ୍ଟ ଭୁବନେଶ୍ୱର ଦ୍ୱାରା ଟାଙ୍ଗୀ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ କଳା ମୋତିଆ ଚିହ୍ନଟ ଶିବିର ଆୟୋଜିତ ହୋଇଯାଇଛି। ଆଖପାଖି ଗ୍ରାମାଞ୍ଚଳରେ ଗ୍ଲକୋମା ରୋଗ ସମ୍ପର୍କରେ ସଚେତନତା ଓ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟ ରଂଜନ ନନ୍ଦ, ଅଫ୍ଥାଲ୍ମିକ ଅଧିକାରୀ ଦୁର୍ଗାପ୍ରସାଦ ମହାପାତ୍ର, ଆଲ୍ଟ୍ରାନ୍ୱଡ ଆଇକେୟାର କୟାର ହସ୍ପିଟାଲର ଦୃଷ୍ଟି ବିଶାରଦ ଡଃ ନିରଞ୍ଜନ ରାଜ, ନିର୍ମଳ, ରଶ୍ମି, ଗିରିଜା, ପ୍ରମୋଦ ଉପସ୍ଥିତ ରହିଥିଲେ।

## ମା' ବିମଳାକ୍ଷୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବୋଲଗଡ଼,୧୪।୩ (ସମିସ): ବୋଲଗଡ଼ ବ୍ଲକ ଅସରଳା ଗ୍ରାମରେ ଆଜି ସନ୍ଧ୍ୟାରେ ମା' ବିମଳାକ୍ଷୀ ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ବିମଳାକ୍ଷୀ କ୍ଲବର ସ୍ୱେଚ୍ଛାସେବୀ ଯୁବକମାନଙ୍କ ଦ୍ୱାରା ଏହି ଜିଲ୍ଲା ସ୍ତରୀୟ ଦିବାରାତ୍ର ଭଲି ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବଛାବଛା ୮ଟି ଭଲି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ ଶିଳ୍ପପତି ରବିନ୍ଦ୍ର କୁମାର ସୁବୁଦ୍ଧି ଯୋଗ ଦେଇଥିବା ଉକ୍ତ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିବା ବେଳେ ଗ୍ରାମାଞ୍ଚଳରେ ଖେଳର ବିକାଶ ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯୋଧନ ସ୍ୱାଇଁ, ଶିକ୍ଷାବିତ ସୁବଳ ଜେନା, ରାଜକିଶୋର ବେହେରା, କଂଗ୍ରେସ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ନଟବର ପାଣ୍ଡେ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ କ୍ଲବର ସଭାପତି କସ୍ତୁରୀ ଚରଣ ମହାପାତ୍ର, ସଦସ୍ୟ ସୁଶାନ୍ତ ସାମନ୍ତରାୟ, ଦେବାଶିଷ ସାମନ୍ତରାୟ ବିଶୁ ନନ୍ଦ, ଆକାଶ ମହାପାତ୍ର, ବିଭୂ ପ୍ରସାଦ ମାର୍ଥା, ଶିବରାମ ମହାପାତ୍ର, ସୀତାରାମ ମହାପାତ୍ର, ରଂଜନ ସାହୁ, ପାର୍ଥ ସାରଥୀ କର, ବିବେକ କର, ଲିପୁନ ମଙ୍ଗରାଜ ସହ ଗୁରୁ ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅସରଳା ଗ୍ରାମବାସୀ ସହଯୋଗ କରିଥିଲେ।

## ନିରାକାରପୁର କଲେଜ ପଡ଼ିଆ

# ସାମରିକ ବିଭାଗକୁ ଯିବା ପାଇଁ ଯୁବପିଢ଼ିଙ୍କ ସଫଳତାର ପାହାଚ

ନିରାକାରପୁର,୧୪।୩ (ସମିସ)



କୁହାଯାଏ, ଯଦି ସ୍ୱପ୍ନ ଦେଖିବାର ସାହସ ଅଛି, ତେବେ ପରିଶ୍ରମ କରିବାର ଶକ୍ତି ମଧ୍ୟ ରହିବା ଦରକାର। ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଶତାଧିକ ଯୁବକଯୁବତୀଙ୍କ ପାଇଁ ଏହି ଉକ୍ତିଟି ବେଶ୍ ପ୍ରାସଙ୍ଗିକ। ସ୍ଥାନୀୟ କଲେଜ ପଡ଼ିଆ ଆଜି କେବଳ ଏକ ଖେଳ ପଡ଼ିଆ ହୋଇ ରହିନାହିଁ, ବରଂ ଏହା ସାମରିକ ଓ ପୁଲିସ ବିଭାଗରେ ଚାକିରି ପାଇବା ପାଇଁ ଏକ 'ତାଲିମ କେନ୍ଦ୍ର' ପାଲଟିଛି। ପ୍ରତିଦିନ ସକାଳ ହେବା ମାତ୍ରେ ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରୁ ଯୁବକଯୁବତୀମାନେ ଏହି ପଡ଼ିଆରେ ଏକତ୍ରିତ ହୁଅନ୍ତି। ଦେଶ ମାତୃକାର ସେବା କରିବା ପାଇଁ ମନରେ ଇଚ୍ଛା ରଖି ସେମାନେ ଏଠାରେ ଦୌଡ଼, ଉଚ୍ଚ ଡିଆଁ ଓ ଲମ୍ବ ଡିଆଁ, ରୋପ୍ଫ ଓ ବିଭିନ୍ନ ବ୍ୟାୟାମ ଆଦି କଠିନ ଅଭ୍ୟାସ କରନ୍ତି। ବର୍ଷ ବର୍ଷ ଧରି ଏହି ପଡ଼ିଆ ଅନେକଙ୍କୁ ସେନା ଓ ପୁଲିସ ବିଭାଗରେ ନିଯୁକ୍ତି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ପଡ଼ିଆର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଯେଉଁମାନେ ଏଠାରୁ ଅଭ୍ୟାସ କରି ସେନାରେ କାର୍ଯ୍ୟରତ ଅଛନ୍ତି, ସେମାନେ ଯେତେବେଳେ ଛୁଟିରେ ଘରକୁ ଆସନ୍ତି, ସେମାନେ ନିଜ ସମୟକୁ ନଷ୍ଟ ନ କରି ପଡ଼ିଆକୁ ଆସି ନୂଆ ପିଢ଼ିର ଯୁବକଯୁବତୀଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଅନ୍ତି। ୧୦ରୁ ୧୫ କିଲୋମିଟର ଦୂରରୁ ଆଶାୟୀମାନେ ଆସି ଏଠାରେ ଟିପ୍ସ ଗ୍ରହଣ କରନ୍ତି। 'ସଫଳତାର ଏହି କ୍ଷେତ୍ର' ଅନେକଙ୍କୁ ରୋଜଗାର ଓ ସମ୍ମାନ ଦେଇଥିବା ଏହି ପଡ଼ିଆ କିନ୍ତୁ ଆଜି ବିକାଶ ଅପେକ୍ଷାରେ। ସ୍ଥାନୀୟ ବାସିନ୍ଦା ଓ ଖେଳାଳିଙ୍କ କହିବା ଅନୁଯାୟୀ ପଡ଼ିଆର ଉନ୍ନତିକରଣ ପାଇଁ କୌଣସି ରାଜନୈତିକ ବା ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉ ନାହିଁ। ବର୍ଷା ଦିନେ କିମ୍ବା ସାଧାରଣ ସମୟରେ ପଡ଼ିଆର ରକ୍ଷଣାବେକ୍ଷଣ ଅଭାବରୁ ଅଭ୍ୟାସରେ ବାଧା ସୃଷ୍ଟି ହେଉଛି। ଏହି ପଡ଼ିଆରେ ପ୍ରଶିକ୍ଷଣ ନେଉଥିବା କିଛି ପିଲା କୁହନ୍ତି ଆମ ପାଇଁ କେବଳ ମାଟି ନୁହେଁ, ଏହା ଆମର ମନ୍ଦିର। ଏଠାରୁ ବାହାରି ଅନେକ ପିଲା ଆଜି ଦେଶ ସେବା କରୁଛନ୍ତି। ସରକାର ଯଦି ଏହି ପଡ଼ିଆ ପ୍ରତି ଦୃଷ୍ଟି ଦିଅନ୍ତେ ଏବଂ ଏଠାରେ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଅନ୍ତେ, ତେବେ ଆଗାମୀ ଦିନରେ ନିରାକାରପୁର ଅଞ୍ଚଳରୁ ଆହୁରି ଅଧିକ ସଂଖ୍ୟକ ଯୁବକଯୁବତୀ ଦେଶର ସୁରକ୍ଷା ବାହିନୀରେ ସାମିଲ ହୋଇ ଓଡ଼ିଶାର ଗୌରବ ବଢ଼ାଇ ପାରନ୍ତେ।

## ସିପିଆଇ(ଏମ୍) କାର୍ଯ୍ୟାଳୟରେ ଦଣ୍ଡେଶ୍ୱର

# ଦିଲ୍ଲୀପ ଭୋଟ୍ ପାଇଁ ଫୋନ୍ କରିଥିଲେ, ମନା କଲି: ଲକ୍ଷ୍ମଣ ମୁଣ୍ଡା

ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭାର ଚତୁର୍ଥ ଆସନ ପାଇଁ ମିଳିତ ପ୍ରାର୍ଥୀ ଡାକ୍ତର ଦଣ୍ଡେଶ୍ୱର ହୋତା ଶନିବାର ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ସିପିଆଇ(ଏମ୍) ରାଜ୍ୟ ଅଫିସରେ ରାଜ୍ୟ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ରାଜ୍ୟସଭା ନିର୍ବାଚନ ସମ୍ବନ୍ଧୀୟ ଆଲୋଚନା ସହ ପାର୍ଟିର ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ପାର୍ଟି କେନ୍ଦ୍ରୀୟ ସମ୍ପାଦକମଣ୍ଡଳୀ ସଦସ୍ୟା କମ୍ରେଡ୍ ଡାକ୍ତର କେ. ହେମଲତା ଓ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଲୋକତନ୍ତ୍ରର ସୁରକ୍ଷା, ସାମ୍ବିଧାନିକ ମୂଲ୍ୟବୋଧ, ଧର୍ମନିରପେକ୍ଷତା ଏବଂ ସଂସଦୀୟ ଗଣତନ୍ତ୍ରର ବିଧି ବ୍ୟବସ୍ଥାକୁ ରକ୍ଷା କରିବା ପାଇଁ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଆସନ୍ତା ରାଜ୍ୟସଭା ନିର୍ବାଚନରେ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପକ୍ଷରେ ମତଦାନ



କରିବେ ବୋଲି ପୂର୍ବରୁ ପାର୍ଟି ଘୋଷଣା କରିଛି।

ଏହି ଅବସରରେ ଆବଶ୍ୟକ ବିଧାୟକ ସଂଖ୍ୟା ନଥିବା ସତ୍ତ୍ୱେ ବିଜେପି ପ୍ରାୟୋଜିତ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ମଞ୍ଚକୁ ଆଣିବାକୁ ଦଳ ସମାଲୋଚନା କରିଛି। ପାର୍ଟି ପକ୍ଷରୁ କୁହାଯାଇଛି, ଏହି ଗଣତାନ୍ତ୍ରିକ ବ୍ୟବସ୍ଥାକୁ କଳୁଷିତ କରୁଛି। ଗଣତନ୍ତ୍ର ଓ ସଂସଦୀୟ ବ୍ୟବସ୍ଥା ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ଅତୁଟ ରଖିବା ପାଇଁ ସମସ୍ତ ଧର୍ମନିରପେକ୍ଷ ଦଳର ବିଧାୟକମାନେ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପକ୍ଷରେ ମତଦାନ କରିବାକୁ ସିପିଆଇ(ଏମ୍) ଆହ୍ୱାନ ଦେଇଛି।

ଅନ୍ୟପଟେ ରାଜ୍ୟସଭା ନିର୍ବାଚନ ପାଇଁ ମକ୍ ପୋଲିଂରେ ସାମିଲ ହେବା ଅବସରରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା କହିଛନ୍ତି, ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମୋତ ଫୋନ୍ କରିଥିଲେ। ମୁଁ ସିଧାସିଧା ମନା କରିଛି। ଆମର ପାର୍ଟି ଯାହା ନିଷ୍ପତ୍ତି ନେଇଛି, ତାଙ୍କୁ ଭୋଟ୍ ଦେବି। ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ମିଳିତ ପ୍ରାର୍ଥୀ କରାଯାଇଛି। ଆମ ଦଳ ତାଙ୍କୁ ସମର୍ଥନ ଦେଇଛି। ସେଥିପାଇଁ ତାଙ୍କୁ ଭୋଟ୍ ଦେବି ବୋଲି ସେ କହିଛନ୍ତି।

ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ପାର୍ଟିର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ, ବିଷ୍ଣୁ ମହାନ୍ତି, ଦୁଷ୍ମନ୍ତ କୁମାର ଦାସ, ପ୍ରମୋଦ କୁମାର ସାମଲ, ପୁଷ୍ପା ଦାସ, ବଦ୍ରି ନାରାୟଣ ଦାସ ଓ ଜମେଶ୍ୱର ସାମନ୍ତରାୟ ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ୧୯ ଦିନ ଜେଲରେ ରହିଲେ; ଦୋଷ କ'ଣ ଜାଣିଲେନି

ଭୁବନ, ୧୪।୩ (ସମିସ): ଢେଙ୍କାନାଳ ଜିଲ୍ଲାରେ ନ୍ୟାୟ ବ୍ୟବସ୍ଥାକୁ ନେଇ ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ୧୯ଦିନ ଜେଲ୍‌ରେ ରହିବା ପରେ ମଧ୍ୟ ତାଙ୍କ ଦୋଷ କ'ଣ ତାହା ଜାଣିପାରିଲେନି ବୋଲି ଅଭିଯୋଗ କରିଛନ୍ତି। ସେ ଏବେ ନ୍ୟାୟ ପାଇଁ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତ ହେଉଥିବା ବେଳେ ମାନବାଧିକାର ପ୍ରତିରକ୍ଷା କାଉନସିଲ



ସଦସ୍ୟ ଭଜମନ ବିଶ୍ୱାଳ ଏକ ମାମଲା ଦାୟର କରିଛନ୍ତି। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଭୂଷଳ ପଞ୍ଚାୟତ ସାଇରାମପୁର ଗ୍ରାମରେ ଏଭଳି ଘଟଣା ଆଲୋଚନାର ବିଷୟ ହୋଇଛି।

ଗ୍ରାମର ସ୍ୱର୍ଗତ ବିଶ୍ୱନାଥ ମଲ୍ଲିକଙ୍କ ଝିଅ ସୁମିତ୍ରା ବେହେରା କଟକ ଜିଲ୍ଲା ମାହାଙ୍ଗା ଥାନା କୁସୁପୁର ଗ୍ରାମରେ ବିବାହ କରିଥିଲେ। ପାରିବାରିକ ସମସ୍ୟା କାରଣରୁ ସେ ଗତ ୩ ବର୍ଷ ଧରି ନିଜ ୧୪ ବର୍ଷର ପୁଅକୁ ନେଇ ବାପଘରେ ରହୁଥିଲେ। ୨୦୨୬ ଜାନୁଆରୀ ୧୯ରେ ଭୁବନ ଥାନା ପୁଲିସ ସୁମିତ୍ରାଙ୍କ ନାମରେ ଆରେଷ୍ଟ ୱାରେଣ୍ଟ ଥିବା କହି ତାଙ୍କୁ ଥାନାକୁ ନେଇଥିଲା। ଦିନସାରା ଥାନାରେ ବସାଇ ରଖିବା ପରେ କୌଣସି ସ୍ପଷ୍ଟ କାରଣ ନଦର୍ଶାଇ ତାଙ୍କୁ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ତଥା ଭୁବନ ତହସିଲଦାରଙ୍କ ନିକଟରେ ହାଜର କରାଯାଇଥିଲା। ସେଠାରେ ମାମଲା ଖାରଜ ହୋଇଥିଲେ ମଧ୍ୟ ସନ୍ଧ୍ୟାରେ ତାଙ୍କୁ କାମାକ୍ଷାନଗର କୋର୍ଟ ଚାଲାଣ କରାଯାଇଥିଲା। ପରେ କାମାକ୍ଷାନଗର ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ସେ ୧୯ଦିନ ଜେଲରେ ରହିବା ପରେ ଜାମିନ ପାଇଥିଲେ। ତଥାପି ସେ ନିଜ ବିରୋଧରେ ଥିବା ଅଭିଯୋଗ କିମ୍ବା ୱାରେଣ୍ଟର କାରଣ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ପାଇ ନ ଥିବା କହିଛନ୍ତି।

### ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହେବେ ମହିଳା

ପରେ ଓକିଲଙ୍କ ପରାମର୍ଶ ଅନୁସାରେ ଦୌରାଜଜ୍ କୋର୍ଟରେ ସେ ଭୁବନେଶ୍ୱରରେ ହାଜର ହୋଇଥିଲେ। ସେଠାରେ ମଧ୍ୟ କୋର୍ଟ ତାଙ୍କ ବିରୋଧରେ କୌଣସି ଅଭିଯୋଗ ସଂକ୍ରାନ୍ତ ତଥ୍ୟ ନ ଥିବା କହି ତାଙ୍କୁ ଯିବାକୁ କହିଥିବା ସୁମିତ୍ରା ଦାବି କରିଛନ୍ତି। କୌଣସି ସ୍ପଷ୍ଟ କାରଣ ନ ଥାଇ ୧୯ ଦିନ ଜେଲ୍‌ରେ ରଖାଯିବାକୁ ନେଇ ସୁମିତ୍ରା ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ନେବା ସହ ନ୍ୟାୟ ପାଇଁ ସେ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଥାନା ଆଇଆଇସିଙ୍କୁ ପଚାରିବାରେ ୱାରେଣ୍ଟ ଥିବାରୁ ଗିରଫ କରାଯାଇଥିଲା ବୋଲି କହିଛନ୍ତି। ତେବେ କେଉଁ ଘଟଣାରେ ୱାରେଣ୍ଟ ଥିଲା, ତାହା ସ୍ପଷ୍ଟ କରିପାରିନାହାନ୍ତି।

## ଷଷ୍ଠ ଛାତ୍ରୀଙ୍କୁ ଅସଦାଚରଣ

# ମଦ୍ୟପ ଶିକ୍ଷକଙ୍କୁ ନିର୍ଘୁମ୍ ଛେଚିଲେ ଗ୍ରାମବାସୀ

କଟକ/କଣ୍ଟାପଡ଼ା, ୧୪।୩ (ସମିସ): ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉରାଡ ପଞ୍ଚାୟତସ୍ଥିତ ମଣିକୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଗୋଟିଏ ରୁମକୁ ଏକାକୀ ଡାକି ସେହି ସ୍କୁଲର ଶିକ୍ଷକ ଜ୍ୟୋତିରଞ୍ଜନ ଭୋଇ ଅସଦାଚରଣ କରିଥିଲେ। ଏହି କଥା କାହାକୁ ଜଣାଇଲେ ଜୀବନରୁ ମାରିବାକୁ ଧମକ ଦେଇଥିଲେ। ତେବେ ଛାତ୍ରୀଙ୍କ ଚୁପ୍ ନ ରହି ଜୋରରେ ଚିତ୍କାର କରିବାରୁ ସ୍କୁଲର ଅନ୍ୟ ଛାତ୍ରଛାତ୍ରୀ ଉକ୍ତ ରୁମ୍ ପାଖରେ ପହଞ୍ଚି ଯାଇଥିଲେ। ଘଟଣା ସମ୍ପର୍କରେ ସେମାନେ ଗ୍ରାମବାସୀଙ୍କୁ ଜଣାଇବା ପରେ ସ୍କୁଲ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକମାନେ ଉତ୍ତ୍ୟକ୍ତ ହୋଇ ମଦ୍ୟପ ଶିକ୍ଷକଙ୍କୁ ଏକ ଚେୟାର୍‌ରେ ବାନ୍ଧି ମାଡ଼ ମାରିଥିଲେ। ଅନ୍ୟ

**■ ସ୍ଥାନୀୟ ଲୋକଙ୍କ ଦ୍ୱାରା ପୀଡ଼ିତା ଉଦ୍ଧାର**
**■ ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ଉଠାଇ ନେଲା ପୁଲିସ**

ଚିତ୍କାର ଶୁଣି ସ୍କୁଲର କିଛି ଛାତ୍ରଛାତ୍ରୀ ଗ୍ରାମବାସୀଙ୍କୁ ଡାକିଥିଲେ। ଏହାପରେ ସମ୍ପୃକ୍ତ ଶିକ୍ଷକଙ୍କୁ ସ୍ଥାନୀୟ ଲୋକେ କାବୁ କରି ନିର୍ଘାତ ମାଡ଼ ମାରି ଚେୟାର୍‌ରେ ବାନ୍ଧି ପକାଇଥିଲେ। ପୁଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଭିଯୁକ୍ତ ଶିକ୍ଷକଙ୍କୁ କାବୁ କରି ଥାନାକୁ ନେଇଥିଲା। ଶିକ୍ଷକ ଜ୍ୟୋତି ପ୍ରଚୁର ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ତା'ର ବୟାନ୍ ରେକର୍ଡ କରାଯାଇଛି।

ପୀଡ଼ିତା ଛାତ୍ରୀଙ୍କ ବାପା ଏନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ସେହି ସ୍କୁଲର ଶିକ୍ଷକ ଶ୍ରୀ ଭୋଇ ପୀଡ଼ିତା ଛାତ୍ରୀଙ୍କୁ ଗୋଟିଏ ରୁମକୁ ଡାକି ଅସଦାଚରଣ କରିଥିଲେ। ଛାତ୍ରୀଜଣଙ୍କ ଚିତ୍କାର କରି ଘରେ କହିଦେବି ବୋଲି କହିବାରୁ, ତାଙ୍କୁ ଶିକ୍ଷକ ଜଣଙ୍କ ମାରିଦେବାର ଧମକ ଦେଇଥିଲେ। ଛାତ୍ରୀଜଣଙ୍କ ଶିକ୍ଷକ ପୁଲିସକୁ ଘଟଣା ସମ୍ପର୍କରେ ଜଣାଇବା ପରେ ପୁଲିସ ପହଞ୍ଚି ଅଭିଯୁକ୍ତ ଶିକ୍ଷକଙ୍କୁ କାବୁ କରି ଥାନାକୁ ନେଇଥିଲା। ତେବେ ଶିକ୍ଷକଜଣଙ୍କ ପ୍ରତ୍ୟେକ ଦିନ ମଦ ପିଇ ସ୍କୁଲ ଆସୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

ପୂର୍ବରୁ ସ୍କୁଲରେ ଅନେକ ଛାତ୍ରୀଙ୍କୁ ସେ ଅଶ୍ଳୀଳ ଇଙ୍ଗିତ କରିବା ସହିତ ବିଭିନ୍ନ ପ୍ରକାର ଅପରାଧମୂଳକ କାଣ୍ଡ କରୁଥିବା ଅଭିଯୋଗ ଉଠିଛି। ମଦ୍ୟପାନ କରି ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରୁଥିଲେ। କେହି ତାଙ୍କ ବିରୋଧରେ ମୁହଁ ଖୋଲୁ ନଥିଲେ। ଆଜି ଏହି ଘଟଣା ସାମ୍ନାକୁ ଆସିବା ପରେ ଅଭିଯୁକ୍ତ ଶିକ୍ଷକଙ୍କ କଳା କାରନାମା ପଦାରେ ପଡ଼ିଛି। ପୁଲିସ ତଦନ୍ତ ଜାରି ରହିଛି। ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଘଟଣାସ୍ଥଳରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କ ବୟାନ୍ ରେକର୍ଡ କରାଯିବ ବୋଲି ପୁଲିସ କହିଛି।

## ନାବାଳିକା ଅସଦାଚରଣରୁ ପୁଲିସକୁ ମାଡ଼ ଘଟଣା

# ୫୯ଜଣଙ୍କ ନାଁରେ ମାମଲା; ୩୪ ଗିରଫ

ରାଇରଙ୍ଗପୁର, ୧୪।୩ (ସମିସ): ଜଣେ ନାବାଳିକାକୁ ଅସଦାଚରଣ ଘଟଣାକୁ ନେଇ ପୁଲିସକୁ ଗୋଡ଼ାଇ ଆକ୍ରମଣ ଓ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ବହଳଦା ଥାନା ପୁଲିସ ଆଜି ୩୪ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଥିମଧ୍ୟରେ ୨୮ ଜଣ ମହିଳା ଥିବା ବେଳେ ୬ଜଣ ପୁରୁଷ ରହିଛନ୍ତି। ଏହି ଘଟଣାରେ ପୁଲିସ ୫୯ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଥିବାରୁ ଆଗାମୀ ଦିନରେ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି କୁହାଯାଉଛି। ଗିରଫଦାରୀ ଭୟରେ କିଛି ଗ୍ରାମବାସୀ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଆଜି ଗିରଫ ସମସ୍ତ ଅଭିଯୁକ୍ତମାନଙ୍କୁ ରାଇରଙ୍ଗପୁରସ୍ଥିତ ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରାଇରଙ୍ଗପୁର ଉପଖଣ୍ଡ କାରାଗାର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

**■ ବଢ଼ିବ ଗିରଫଦାରୀ ସଂଖ୍ୟା**
**■ ଆହତ ପୁଲିସଙ୍କ ଚିକିତ୍ସା ଜାରି**

ସୂଚନାଯୋଗ୍ୟ, ଗତ ଗୁରୁବାର ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାକୁ ସଂଖ୍ୟାଲଘୁ ସଂପ୍ରଦାୟର ଜଣେ ଯୁବକ ଅସଦାଚରଣ କରିଥିଲା। ଏ ସଂପର୍କରେ ଜଣାପଡ଼ିବା ପରେ ନାବାଳିକାର ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶୁକ୍ରବାର ତୁମୁଳକାଣ୍ଡ ଘଟିଥିଲା। ଉତ୍ତ୍ୟକ୍ତ ଲୋକେ ବହଳଦା ବାଇପାସ୍‌ରେ ୨୨୦ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପରିସ୍ଥିତି କ୍ରମଶଃ ଜଟିଳ ହେବାରୁ ପୁଲିସ ଓ ତହସିଲଦାର ଘଟଣାସ୍ଥଳକୁ ଆସି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ କୌଣସି କଥାକୁ ନେଇ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପୁଲିସ ଲାଠିଚାର୍ଜ କରିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ପ୍ରଶାସନିକ ଅଧିକାରୀ ଓ ପୁଲିସକୁ ଇଟା, ପଥର ଫିଙ୍ଗିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏପରିକି, ସ୍ଥାନୀୟ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ରାସ୍ତାରେ ଓଲଟାଇ ଦେଇଥିଲେ। ପୁଲିସକୁ ମଧ୍ୟ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏଥିରେ ୧୦ରୁ ଉର୍ଦ୍ଧ୍ୱ ପୁଲିସ ଆହତ ହୋଇଥିଲେ। ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ଜାରି ରହିଛି। ଫଟୋ ଓ ଭିଡିଓ ଆଧାରରେ ପୁଲିସ ୫୯ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ଆଜି ୩୪ଜଣଙ୍କୁ ଗିରଫ କରିଛି। ଆଗକୁ ଗିରଫଦାରୀ ବୃଦ୍ଧି ପାଇ ବୋଲି ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି କହିଛନ୍ତି। ଅପରପକ୍ଷେ, ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ପୁଲିସ ଫୋର୍ସ ମୁତୟନ ରହିଛନ୍ତି।

## ରାଜ୍ୟର ୩୦ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୩୧୧୬୯୦ ମାମଲା ଫଇସଲା

କଟକ, ୧୪।୩ (ସମିସ): ଜାତୀୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ୩୦ଗୋଟି ଜିଲ୍ଲା ଓ ବିଭିନ୍ନ ତାଲୁକସ୍ତରରେ ଆଜି ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩,୧୧,୬୯୦ଟି ମାମଲା ଫଇସଲା ହୋଇଛି ଓ ମୋଟ ୧୬୬କୋଟି ୨୩ଲକ୍ଷ ୧୩ହଜାର ୯୨୫ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି। ସମାଧାନ ହୋଇଥିବା ମାମଲାଗୁଡ଼ିକ ମଧ୍ୟରେ ପ୍ରାକ୍ ମକଦ୍ଦମାସ୍ତରୀୟ ୧୦୨୭୭ଟି ମାମଲା ଓ ବିଚାରାଧୀନ କୋର୍ଟ ମାମଲା ୩୦୧୪୧୩ଟି ଫଇସଲା କରାଯାଇଛି। ଫଇସଲା ହୋଇଥିବା ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରେ ୩୦୬ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ଏନ୍‌ଆଇ ଆକ୍ଟ ମାମଲା ୧୭୯୯ଟି, ଟଙ୍କା ଅସୁଲି ମାମଲା ୪୭୧ଟି ଓ ୯୨୮ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇଛି। ସେହିଭଳି ୪୬୭ଟି ପାରିବାରିକ ଓ ବୈବାହିକ ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ), ୨ଟି ଜମି ଅଧିଗ୍ରହଣ ବିବାଦ, ୬ଟି ବିଦ୍ୟୁତ୍, ଜଳ ବିଲ୍ ସଂପର୍କିତ, ୪୮ଟି ଶ୍ରମ ଓ ନିୟୋଜନ ସଂପର୍କିତ, ୨୮୧୬୧୨ଟି ରାଜସ୍ୱ ମାମଲା, ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୩୧୬୭ଟି, ଖାଉଟି ଓ କ୍ୱାସି ଜୁଡିସିଆଲ ମାମଲା ୧୭ଟି, ୧୫୬୬ଟି ଅନ୍ୟାନ୍ୟ ଦେୱାନୀ ମାମଲା, ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ମାମଲା ୬ଟି, ଡିଆରଟି ମାମଲା ୭ଟି, ଭୁବନେଶ୍ୱର ଶ୍ରମ ଅଦାଲତ ମାମଲା ୩ଟି, ପେନସନ୍ ମାମଲା ୮ଟି, ଶିଳ୍ପ ଟ୍ରିବ୍ୟୁନାଲ ମାମଲା ୧୨ଟି ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ ହରୀଶ ଟଣ୍ଡନ, ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଂଜନ ପାଠକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା, ତାଲୁକ ଓ ଟ୍ରିବ୍ୟୁନାଲସ୍ତରରେ ଅନୁଷ୍ଠିତ ହୋଇଥିଲା।

# ଶଶୁର ଘର ଗାଁ ନିକଟ କୂଅରୁ ଜ୍ୱାଇଁଙ୍କ ମୃତଦେହ ଉଦ୍ଧାର

କଣ୍ଟାବାଞ୍ଜି,୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ସାହାଜୋଟ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗାଁର ଚାଷ ଜମିରେ ଥିବା ଏକ ପରିତ୍ୟକ୍ତ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି।



ମୃତ ବ୍ୟକ୍ତିଜଣଙ୍କ ହେଲେ, ରାୟପୁର ରାଜେନ୍ଦ୍ରନଗର ଥାନା ତେଲିବନ୍ଧା ପୁରେନା ଗାଁର ପରମାନନ୍ଦ ଯାଦବ। ସାହାଜୋଟ ନିକଟ ପାତଲପଡ଼ାରେ ତାଙ୍କ ଶଶୁର ଘର। ପୁଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀ କୂଅରୁ ମୃତଦେହ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ, ସେ କାମ କରିବା ପାଇଁ ଗତ ୭ତାରିଖ ଦିନ ଶଶୁର ଘର ଗାଁ ପାତଲପଡ଼ା ଆସିଥିଲେ। ବୁଧବାର ଶଶୁରଘରୁ ବାହାରି ଥିଲେ ମଧ୍ୟ ଘରେ ପହଞ୍ଚିନଥିଲେ। ଏନେଇ ତାଙ୍କ ଶଶୁର ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

## ଧରା ହେଲା ଗରିଆପାଲି ଟ୍ରିପଲ ମର୍ଡର୍ ମୁଖ୍ୟ ଅଭିଯୁକ୍ତ

# ପାଣି ଟାଙ୍କି ଉପରେ ଆତ୍ମହତ୍ୟା ଉଦ୍ୟମ

ଦେବଗଡ଼, ୧୪।୩(ସମିସ): କୁଣ୍ଢେଇଗୋଳା ଥାନା ଗରିଆପାଲି ଗାଁରେ ଗତ ଗୁରୁବାର ଘଟିଥିବା ଟ୍ରିପଲ୍-ମର୍ଡର୍ ଘଟଣାର ଏକମାତ୍ର ଅଭିଯୁକ୍ତ ରମେଶ ଗରିଆକୁ ତିନି ଦିନ ପରେ ଶନିବାର ପୁଲିସ କାବୁ କରିଛି। ଆଜି ସକାଳେ ଗ୍ରାମବାସୀ ତାକୁ ଗାଁ ପାଣିଟାଙ୍କି ଉପରେ ଠାବ କରିଥିଲେ। ଗୁରୁବାର ବିଳମ୍ବିତ ରାତ୍ରିରେ ସେ ନିଜ ସ୍ତ୍ରୀ ଗୁଲ ଗରିଆ, ବୋହୂ ଲିପି ମହାକୁଳ ଓ ୪ବର୍ଷୀୟ ନାତୁଣୀ ଇଶାନୀକୁ ହାତୁଡ଼ିରେ ପିଟି ହତ୍ୟା କରିବା ପରଠାରୁ ଫେରାର୍ ହୋଇଯାଇଥିଲା। ଆଜି ଗାଁ ପାଣିଟାଙ୍କିର ୫୦ଫୁଟ୍ ଉପରେ ରମେଶ ଏକ କୁରାଢ଼ୀ ଧରି ଚଢ଼ିଥିବା କିଛି ଗ୍ରାମବାସୀ ଦେଖିଥିଲେ।

ସୂଚନା ପାଇ କୁଣ୍ଢେଇଗୋଳା ପୁଲିସ ପାଣିଟାଙ୍କି ତଳେ ଜଗିରହି ଅଭିଯୁକ୍ତକୁ ତଳକୁ ଓହ୍ଲାଇବାକୁ ଅନୁରୋଧ କରିଥିଲା। ହେଲେ ରମେଶ କାହାରି କଥା ଶୁଣି ନଥିଲା ଏବଂ ଉପରେ ସେ



କିଛି ଖାଇ ଦେଇଥିବା ଗ୍ରାମବାସୀ କହିଥିଲେ। ପରେ ପୁଲିସ ଦମକଳବାହିନୀର ସହାୟତା ଲୋଡ଼ିଥିଲା। ଦୀର୍ଘ ୨ ଘଣ୍ଟା ଧରି ପରିଶ୍ରମ କରିବା ପରେ ପୁଲିସ ଓ ଅଗ୍ନିଶମ କର୍ମଚାରୀ ମିଶି ପାଣିଟାଙ୍କି ଉପରୁ ରମେଶକୁ ଟେକି ଆଣିଥିଲେ।

ପାଣିଟାଙ୍କି ନିକଟରେ ଅଭିଯୁକ୍ତର ହାଇଡ୍ରାମା ଖବର ଶୁଣି ଅତିରିକ୍ତ ଏସ୍‌ପି ଧୀରଜ ଚୋପଦାର, ଏସ୍‌ଡିପିଓ ରମେଶ ମାହାନା ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ।

**■ ୨ ଘଣ୍ଟାର ହାଇଡ୍ରାମା ପରେ କାବୁ କଲେ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ**
**■ ବିଷପାନ କରି ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ**

ରମେଶକୁ ପାଣିଟାଙ୍କି ଉପରୁ ଆଣି ଥାନାକୁ ନେବା ପରେ ସେ ବିଷ ପିଇଥିବା ଜଣାପଡ଼ିଥିଲା। ପୁଲିସ ତାକୁ କୁଣ୍ଢେଇଗୋଳା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଥିଲା। ତା' ଅବସ୍ଥା ଗୁରୁତର ରହିଛି। ସେ ସୁସ୍ଥ ହେବା ପରେ ଗଣହତ୍ୟାକାଣ୍ଡର ରହସ୍ୟ ଉପରୁ ପର୍ଦ୍ଦା ଉଠିବ ବୋଲି ପୁଲିସ କହିଛି।

# ଦିବ୍ୟାଙ୍ଗ ନାବାଳିକା ୬ ମାସର ଗର୍ଭବତୀ

## ସମ୍ପର୍କୀୟ ଦାଦା ସହ ୨ ଥାନାରେ ଅଟକ

କୋରାପୁଟ/ବନ୍ଧୁଗାଁ,୧୪।୩(ସମିସ): ବନ୍ଧୁଗାଁ ବ୍ଲକ କେ. ଜାଗୁଗୁଡା ପଞ୍ଚାୟତ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକା ୬ମାସର ଗର୍ଭବତୀ ହେବା ଘଟଣା ପଦାକୁ ଆସିବା ପରେ ଏହାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ ଦିବ୍ୟାଙ୍ଗ ନାବାଳିକାଙ୍କ ସମ୍ପର୍କୀୟ ଦାଦା ଓ ଅନ୍ୟ ଜଣକୁ ଅଟକ ରଖି ତଦନ୍ତ କରୁଥିବା ଜଣାପଡ଼ିଛି। ଘଟଣା ପ୍ରଘଟ ହେବା ପରେ ପାଞ୍ଚ ଦିନ ଧରି ଗ୍ରାମରେ ଭଦ୍ର ବ୍ୟକ୍ତିଙ୍କୁ ନେଇ ସତ୍ୟତା ଜାଣିବାକୁ ବିଚାରବିମର୍ଶ ଚାଲିଥିଲା। ସେଠାରେ ନାବାଳିକାଜଣକ ଦୁଇ ଯୁବକଙ୍କ ଫଟୋ ଦେଖାଇ ଚିହ୍ନଟ କରିଥିଲେ। ଚିହ୍ନଟ ଦୁଇଜଣ ସେମାନଙ୍କ ନା କହିଲେ ବେକ କାଟି ହତ୍ୟା କରିବାକୁ ଧମକ ଦେଇଥିବା ନାବାଳିକାଜଣଙ୍କ ହାତ ଠାରି ସାଂକେତିକ ଭାଷାରେ ଜଣାଇଥିଲେ। ନାବାଳିକାଙ୍କ ପିତାମାତା ଓ ଗ୍ରାମବାସୀ ଆଜି ବନ୍ଧୁଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଉକ୍ତ ଦୁଇ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଲକ୍ଷ୍ମୀପୁର ଏସଡିପିଓ ଏବଂ ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ଜଣେ ବରିଷ୍ଠ ଅଧିକାରୀ ବନ୍ଧୁଗାଁ ଗସ୍ତ କରି ଘଟଣାର ତଦନ୍ତ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

# ଗହୀରମଥାରେ ୫ ଶହରୁ ଉର୍ଦ୍ଧ୍ୱ ଅଲିଭ୍-ରିଡ୍‌ଲେଙ୍କ ବିକ୍ଷିପ୍ତ ଅଣ୍ଡାଦାନ

ରାଜନଗର, ୧୪।୩ (ସମିସ): ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଏନ୍ଟୁଡିଶାଳ ରୂପେ ପରିଚିତ ଗହୀରମଥାରେ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗହୀରମଥାର ସାତଭାୟା, ନାସୀ-୨, ପେଣ୍ଠ, ଯଉଡିଆ, ଚିଙ୍ଗିରି ମୁହାଣ ଆଦି ସ୍ଥାନରେ ଅଲିଭ୍‌ରିଡ୍‌ଲେ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଆଜି ସୁଦ୍ଧା ୫୦୦ରୁ ଅଧିକ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡା ଦେଇସାରିଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେତେକ ଅଣ୍ଡାକୁ ସଂଗ୍ରହ କରାଯାଇ ବନବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ରଖାଯାଇଥିବା ବେଳେ ଆଉ କେତେକ ଅଣ୍ଡାକୁ ବିଲୁଆ, କୁକୁର ଓ ପକ୍ଷୀ ନଷ୍ଟ କରିଦେଉଥିବା ଦେଖିବାକୁ ମିଳିଛି।

ଯେଉଁ ଆକୃତିର ଗାତ ଖୋଳି ଓ ଯେତିକି ଗଭୀର ଗାତ ଖୋଳି କଇଁଛମାନେ ଅଣ୍ଡା ଦେଇଥା'ନ୍ତି, ବନ ବିଭାଗ ପକ୍ଷରୁ ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ





ଅଣ୍ଡାଗୁଡ଼ିକୁ ରଖାଯାଇ ବାଲି ଘୋଡ଼ାଇ ଦେଇ ଯତ୍ନ ନେଇଥା'ନ୍ତି। ଯେପରି ମା' କଇଁଛ ଗାତ ଖୋଳି ଅଣ୍ଡା ଦେଇଥିଲା ଓ ଗାତକୁ ବାଲି ଘୋଡ଼ାଇଥିଲା, ଠିକ୍ ସେହିପରି ଭାବେ ବନ ବିଭାଗ କର୍ମଚାରୀମାନେ ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ଗାତ ଖୋଳି ରଖୁଛନ୍ତି ଓ ମାର୍ଚ୍ଚ ୧୪ ତାରିଖ ହୋଇଥିଲେ ମଧ୍ୟ ଏଯାଏଁ ଅଲିଭ-ରିଡଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ସମୁଦ୍ର କୂଳଠାରୁ ୫୦୦ ମିଟର ମଧ୍ୟରେ ସାତସଭାୟାରୁ ନାସୀ-୨ ଯାଏଁ ଲକ୍ଷାଧିକ କଇଁଛ ଭିଡ଼ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି ଓ ପାଗ ଅନୁକୂଳ ସହ କୂଳକୁ ଅଲିଭରିଡଲେ କଇଁଛ ଆସୁଥିବାରୁ ଗଣଅଣ୍ଡାଦାନ ପ୍ରକ୍ରିୟା ଯେକୌଣସି ମୁହୂର୍ତ୍ତରେ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ବଡ଼ କଥା ହେଲା, କଇଁଛମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗହୀରମଥାର ସାତଭାୟା ଓ ଅନ୍ୟ କେତେକ ସ୍ଥାନରେ ଶହଶହ କଇଁଛ ମରିବା ଘଟଣା ବନ ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଓବିସିସି କାମର ସମୀକ୍ଷା କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

# ରଥଯାତ୍ରା ପୂର୍ବରୁ ସରିବ ଗୁଣ୍ଡିଚା ମନ୍ଦିର କାମ

ପୁରୀ, ୧୪।୩ (ସମିସ): ଆଗକୁ ରଥଯାତ୍ରା। ଏହା ପୂର୍ବରୁ ପୁରୀରେ ଚାଲିଥିବା କେତେକ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଜଗନ୍ନାଥ ମନ୍ଦିର ଓ ରଥଯାତ୍ରା ସମ୍ପର୍କିତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକୁ ଓବିସିସି ଦ୍ୱାରା କାର୍ଯ୍ୟାନ୍ୱୟନ କରାଯାଉଛି। ସମୀକ୍ଷା ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଥିବା ବିଭିନ୍ନ କାର୍ଯ୍ୟ, ଯଥା ବଲ୍ଲଭ ଘର, ତୁଣିଆ ମହଲ ଏବଂ ରୋଷଘର ଆନେକ୍ସି ନିର୍ମାଣ କାର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଘୋଷଯାତ୍ରା ପୂର୍ବରୁ ଏହି ସମସ୍ତ କାର୍ଯ୍ୟ ସମାପ୍ତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସମସ୍ତ ନୂତନ ନିର୍ମାଣ କାର୍ଯ୍ୟ ପାରମ୍ପରିକ କଳିଙ୍ଗଶୈଳୀର ସ୍ଥାପତ୍ୟକଳା ଅନୁସାରେ କରାଯିବାକୁ ଉଲ୍ଲେଖ କରାଯାଇଥିଲା।

ବୈଠକରେ ଜଗନ୍ନାଥ ବଲ୍ଲଭ ପିଲଗ୍ରିମ ସେଣ୍ଟର (ଜେବିପିସି) ଏବଂ ବାସେଳି ସାହି ଧର୍ମଶାଳାର ବକେୟା କାର୍ଯ୍ୟମାନଙ୍କ ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଥିଲା। ଓବିସିସି ପକ୍ଷରୁ ଏହି କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରାଯିବ ବୋଲି କୁହାଯାଇଛି। ଏଥିସହ ଜଗନ୍ନାଥବଲ୍ଲଭ ପ୍ରମୋଦ ଉଦ୍ୟାନ ଓ ମାଟିତୋଟାରେ ଆଦର୍ଶ ଗୁରୁକୁଳ ପାଇଁ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳଗୁଡ଼ିକରେ ଶୀଘ୍ର ବାଉଣ୍ଡାରୀ ବାଡ଼ ଲଗାଇବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପମାନଙ୍କ ସମୟୋପଯୋଗୀ ସମାପ୍ତି ପାଇଁ ସମ୍ପୂର୍ଣ୍ଣ ସହଯୋଗ ଓ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ। ଆସନ୍ତା ସପ୍ତାହରେ ଗଜପତି ମହାରାଜା ଏବଂ ଅନ୍ୟାନ୍ୟ ବୈଷୟିକ କମିଟି ସଦସ୍ୟମାନେ ଏହି କାର୍ଯ୍ୟମାନଙ୍କର ଅଗ୍ରଗତି ସମୀକ୍ଷା କରିବେ। ଏହି ବୈଠକରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ ଶାହା, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ‘ଶିକାର’ର ଫାଷ୍ଟ୍ ଲୁକ୍ ରିଲିଜ୍

ଅଭିନେତା ଅମ୍ଲାନ ପୁଣି ଥରେ ଫେରିଛନ୍ତି ବଡ଼ ପରଦାକୁ । ଏଥର ରଜରେ ମୁକ୍ତିଲାଭ କରିବ ତାଙ୍କ ଅଭିନୀତ ଓଡ଼ିଆ ସିନେମା ‘ଶିକାର’ । ନିକଟରେ ତାଙ୍କ ଜନ୍ମଦିନ ଅବସରରେ ଦର୍ଶକଙ୍କ ସାମ୍ନାକୁ ଆସିଛି ଏହାର ଫାଷ୍ଟ ଲୁକ୍ । ଯେଉଁଥିରେ ତାଙ୍କର ଲୁକ୍ ଆଉ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି । ଦମଦାର ପ୍ରଚ୍ଛଦ ସଙ୍ଗୀତ ସାଙ୍ଗକୁ ଶବକୁ ଟାଣି ନେଉଥିବାର ଦୃଶ୍ୟ ଓ ତା’ ସହିତ ଅମ୍ଲାନଙ୍କ ଭଏସ୍ ଯେମିତି ଶିହରଣ ସୃଷ୍ଟି କରିଛି । ନୂଆ ପିଢ଼ିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିବା ଏହି ସିନେମା ରଜ ବଜାରରେ ସଫଳ ହେବ ବୋଲି ଆଶା ରଖିଛି ପ୍ରଯୋଜନା ସଂସ୍ଥା । ଏହି ସିନେମାର ପ୍ରଯୋଜକ ସଚ୍ଚିକାନ୍ତ ଜେନା ରହିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ, କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ଗୀତଗୁଡ଼ିକକୁ କୋରିଓଗ୍ରାଫି କରିଛନ୍ତି ଅମିତ୍ ନାୟକ । ଅମ୍ଲାନଙ୍କ ସହ ପ୍ରମୁଖ ଭୂମିକାରେ ଏଲିନା, ସୁପ୍ରିୟା ଓ ଅଙ୍କିତ୍ ଅଭିନୟ କରିଛନ୍ତି ।





## ମୋନଷ୍ଟର: ଦ ଅଲଟିମେଟ୍

ବଲିଉଡ୍ ଓ ଟଲିଉଡ୍ ଭଳି ବଡ଼ ବଜେଟ୍ ସିନେମାର ଆକର୍ଷଣକୁ ନଜରରେ ରଖି ଏବେ ଓଲିଉଡ୍ ମଧ୍ୟ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବା ପାଇଁ ପ୍ରସ୍ତୁତ ହେଉଛି । ଆକ୍ସନ୍ ଓ ନବୀନ ଟେକ୍ନୋଲୋଜିର ସମ୍ମିଶ୍ରଣରେ ୩ କୋଟି ଟଙ୍କାରୁ ଅଧିକ ବଜେଟ୍‌ରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା ‘ମୋନଷ୍ଟର: ଦ ଅଲଟିମେଟ୍’ । ଏହି ସିନେମାର ବିଶେଷତା ହେଉଛି ଏଥିରେ ଆଧୁନିକ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି । ପ୍ରଥମଥର ପାଇଁ ଓଡ଼ିଆ ସିନେମାରେ ଦର୍ଶକମାନେ ଦେଖିବେ ରୋବଟିକ୍ ଆର୍ମ ମେସିନ୍‌ର ବ୍ୟବହାର । ଯାହା ଓଲିଉଡ୍‌ରେ ଏକ ନୂଆ ପ୍ରୟୋଗ ଭାବେ ଦେଖାଯିବ । ‘ଗୋପୀନାଥ ମୋସନ୍ ପିକଚର୍ସ’ ନିବେଦିତ ଏହି ଆକ୍ସନ୍ ଫିଲ୍ମ ଦଶହରା ଅବସରରେ ଦର୍ଶକଙ୍କୁ ଏକ ନୂତନ ଚମତ୍କାରୀ ଅନୁଭବ ଦେବାକୁ ଯାଉଛି । ଓଡ଼ିଆ ସିନେମା “ଆଇ ଲଭ୍ ୟୁ-୨” ସଫଳତା ପରେ ଅଭିନେତା ଆଦିତ୍ୟ ଏହି ସିନେମା ମାଧ୍ୟମରେ ପୁଣିଥରେ ଓଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି । ଆଧୁନିକ ଟେକ୍ନୋଲୋଜି, ରୋମାଞ୍ଚକର ଆକ୍ସନ୍ ଏବଂ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମ ସିନେମାପ୍ରେମୀଙ୍କୁ ଏକ ନୂଆ ଅନୁଭବ ଦେବ ବୋଲି ଆଶା କରାଯାଉଛି ।






## ପ୍ରେକ୍ଷାଳୟରେ ‘ଚରକ’

‘ଦ କେରଳ ଷ୍ଟୋରୀ’ର ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍ ତାଙ୍କ ଆଗାମୀ ଲୋକକଥା ଆଧାରିତ ଥ୍ରିଲର୍ ସିନେମା ‘ଚରକ: ଫେଥ୍ ଅଫ୍ ଫେଥ୍’ର ଟ୍ରେଲର୍ ଉନ୍ମୋଚନ କରିଛନ୍ତି । ଏହି ଚଳଚ୍ଚିତ୍ରରେ ସେ ପ୍ରଯୋଜକ ଭାବେ ଜଡ଼ିତ । ଏହି ଚଳଚ୍ଚିତ୍ରରେ ଅଞ୍ଜଳି ପାଟିଲ୍, ସାହିଦୁର ରହମାନ, ସୁବ୍ରତ ଦତ, ଶଶିଭୂଷଣ, ନଲନୀଶ ନୀଳ, ଶଂଖଦୀପ ଓ ଶୌନକ ଶ୍ୟାମଲ ଅଭିନୟ କରିଛନ୍ତି । ଗ୍ରାମୀଣ ଭାରତରେ ଅନ୍ଧବିଶ୍ୱାସ ଓ ତାନ୍ତ୍ରିକ ପ୍ରଥାକୁ କେନ୍ଦ୍ର କରି ଗଢ଼ାଯାଇଥିବା ଏହି କାହାଣୀ ଯଥାର୍ଥ ଘଟଣାରୁ ଅନୁପ୍ରାଣିତ ଏହି ନିର୍ମାଣ କରାଯାଇଛି । ଟ୍ରେଲର୍ ମୁକ୍ତି ଅବସରରେ ସେ ‘ଚରକ’ ଓ ‘ଦ କେରଳ ଷ୍ଟୋରୀ’ ସମ୍ପର୍କିତ ବିବାଦ ନେଇ ନିର୍ଦ୍ଦେଶକ ସେନ୍ ପ୍ରକାଶ କରିଥିଲେ । ତେବେ ଏହି ସିନେମାଟି ଚଳିତ ମାର୍ଚ୍ଚ ୬ ତାରିଖରେ ପ୍ରେକ୍ଷାଳୟରେ ରିଲିଜ ହୋଇଯାଇଛି । ଚଳଚ୍ଚିତ୍ରଟିକୁ ପେନ୍ ଷ୍ଟୁଡିଓଜ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଶିଳାଦିତ୍ୟ ମୌଳିକ ଏହାର ନିର୍ଦ୍ଦେଶନାରେ ଅଛନ୍ତି । ସେହିପରି ‘ଚରକ’କୁ ସିଫିଂ ଟି ସିନେମାସ୍ ଓ ସୁଦୀପ୍ତୋ ସେନ୍ ପ୍ରଡକ୍ସନ ସଂଯୁକ୍ତ ଭାବେ ପ୍ରଯୋଜନା କରିଛନ୍ତି । ଏଥିରେ ରାଜେଶ ଭଟ୍ ସହ-ପ୍ରଯୋଜକ ଭାବେ ସାମିଲ ଅଛନ୍ତି ।





## ଏପ୍ରିଲ୍‌ରେ ଲାଇନ୍‌ବାଲା

ଏକ ସତ ଅନୁଭୂତିକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା ‘ଲାଇନ୍‌ବାଲା’ । ଜୀବନର ଖଟାମିଠା ଘଟଣାକୁ ଏଥିରେ ସୁନ୍ଦର ଭାବରେ ଅବତାରଣା କରାଯାଇଛି । ସୁଶାନ୍ତ କୁମାର ମହାନ୍ତି ଏହାର କାହାଣୀ ରଚନା କରିବା ସହିତ ପ୍ରଯୋଜନା ମଧ୍ୟ କରିଛନ୍ତି । ଫିଲ୍ମଟିର ଟାଇଟଲ୍ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ ଆଚାର୍ଯ୍ୟ । ସିନେମାର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ଏହାର ସଂଳାପ ରଚନା ଏବଂ ନିର୍ଦ୍ଦେଶନା ସମୟରେ କାହାଣୀକୁ କିପରି ଠିକ୍ ଭାବରେ ଦୃଶ୍ୟାୟିତ କରାଯାଇପାରିବ, ସେନେଇ ଯଥେଷ୍ଟ ଧ୍ୟାନ ଦେଇଛି ବୋଲି କହନ୍ତି ନିର୍ଦ୍ଦେଶକ । ଗୋଟିଏ ଗାଁର ଜଣେ ଖଳପ୍ରକୃତିର ଲୋକ ଲାଇନ୍‌ବାଲାଙ୍କୁ ସମସ୍ୟା ମୁହଁକୁ ଠେଲି ଦେଉଛି । ଏଭଳି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଅଶ୍ରୁମୋଚନ ମହାନ୍ତି । ‘ଶ୍ରୀହରି ମୋସନ ପିକ୍ଚର୍ସ’ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ସୁଟିଂ ନିକଟରେ ଶେଷ ହୋଇଛି । ଏଥିରେ ସମ୍ବିତଙ୍କ ନାୟିକା ସାଜିଛନ୍ତି ସ୍ୱପ୍ନା ପ୍ରିୟଦର୍ଶିନୀ । ସିନେମାଟିରେ ଅନେକ ସାମାଜିକ ବାର୍ତ୍ତା ରହିଛି ।

ପରଦା ପଛର କାହାଣୀ

## ଟ୍ରକ୍ ପଛରେ ଲେଖା ଧାଡ଼ିରୁ ଗୀତ ରଚନା



ଅଶି ନବେ ଦଶକରେ ବଲିଉଡ୍‌ର ଅନେକ ଗୀତ ସୁପରହିଟ୍ ହୋଇଥିଲା । ସେଭଳି ଗୀତକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି । ଦିନ ଥିଲା ଗୀତିକାରମାନେ ଗୋଟିଏ ଗୀତ ଲେଖିବା ପାଇଁ ଖୁବ୍ କଷ୍ଟ କରୁଥିଲେ । ଏହି କ୍ରମରେ ଏକ ଫିଲ୍ମ ଗୀତ ଥିଲା ଯାହା ଟ୍ରକ୍ ପଛରେ ଲେଖାଥିବା ଧାଡ଼ିରୁ ରଚନା କରାଯାଇଥିଲା । ଗୀତଟି ମଧ୍ୟ ସୁପରହିଟ୍ ହୋଇଥିଲା । ୧୯୮୯ ମସିହାରେ ମୁକ୍ତିଲାଭ କରିଥିଲା ରୋମାଣ୍ଟିକ ଚଳଚ୍ଚିତ୍ର ‘ମୈନେ ପ୍ୟାର୍ କିୟା’ । ଏଥିରେ ମୁଖ୍ୟ ଅଭିନେତା ଭାବେ ସଲ୍‌ମାନ୍ ଖାନ ଚମତ୍କାର ଅଭିନୟ କରିଥିଲେ । ଏହି ଫିଲ୍ମର ପ୍ରତିଟି ଗୀତ ଲୋକପ୍ରିୟ ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ଥିଲା ‘ଆଜ ଶାମ୍ ହୋନେ ଆୟି’ । ପ୍ରସିଦ୍ଧ ସଙ୍ଗୀତକାର ରାମଲକ୍ଷ୍ମଣ ଥରେ ଗାଡ଼ିରେ କୌଣସି ସ୍ଥାନକୁ ଯାଉଥିଲେ । ସେହି ସମୟରେ ତାଙ୍କ ନଜର ଏକ ଟ୍ରକ୍ ଉପରେ ପଡ଼ିଥିଲା । ଏହି ଟ୍ରକ୍ ପଛରେ ଲେଖା ଥିଲା “ତୁ ଚଲ୍ ଆଇ, ମୈ ଆଇ...” । ଏହି ଧାଡ଼ିଟି ତାଙ୍କୁ ଖୁବ୍ ପସନ୍ଦ ଆସିଥିଲା । ଏ ସଂପର୍କରେ ସେ ସିଧାସଳଖ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ସୁରଜ ବଡ଼ଜାତ୍ୟାଙ୍କୁ ଆଉ ଏକ ଗୀତ କରିବା ପାଇଁ କହିଥିଲେ । ଅବଶ୍ୟ ଏହା ପୂର୍ବରୁ ଫିଲ୍ମରେ ୯ - ୧୦ ଟି ଗୀତ ତିଆରି ହୋଇସାରିଥିଲା । ଏପରି ସ୍ଥଳେ ଆଉ ଏକ ଗୀତ ପାଇଁ ସ୍ଥାନ ନଥିଲା । ଏହାସତ୍ତ୍ୱେ ସେ ଆଉ ଏକ ଗୀତ ସେଟିଂ କରିବାକୁ କହିଥିଲେ । ଟ୍ରକ୍ ପଛରେ ଲେଖାଥିବା ଧାଡ଼ି ଅନୁସାରେ ସେ ଧୁନ୍ ତିଆରି କଲେ । ଏହାପରେ ଜୟଦେବ କୋହଲିଙ୍କ ପାଖକୁ ଯାଇଥିଲେ । ସେ ଏହା ଉପରେ ଗୀତ କରିଥିଲେ । ଅବଶ୍ୟ ପ୍ରଥମେ ଏହି ଗୀତରେ “ଆଜ୍ ରାତ୍ ହୋନେ ଆୟି ଥା...” ରହିଥିଲା । ପରବର୍ତ୍ତୀ ସମୟରେ ସୁରଜ ବଡ଼ଜାତ୍ୟାଙ୍କ ବାପା ଏହାକୁ “ଆଜ୍ ଶ୍ୟାମ୍ ହୋନେ ଆୟି...” କରିଥିଲେ । ଏହାପରେ ଏହି ଗୀତ ପ୍ରସ୍ତୁତ କରାଯାଇଥିଲା । ଏକ ସାକ୍ଷାତକାରରେ ସୁରଜ ଏ ସଂପର୍କରେ କହିଥିଲେ । “ଆଜ୍ ଶ୍ୟାମ୍ ହୋନେ ଆୟି...” ଗୀତରେ ଏସ୍.ପି. ବାଲାସୁବ୍ରମଣ୍ୟମ୍ ଏବଂ ଲତା ମଙ୍ଗେସ୍‌କର୍ କଣ୍ଠଦାନ କରିଥିଲେ । ଗୀତଟିରେ ସଲମାନ୍ ଖାନ୍ ଏବଂ ଭାଗ୍ୟଶ୍ରୀଙ୍କୁ ଦେଖିବାକୁ ମିଳିଥିଲା । ଫିଲ୍ମରେ ଏହି ଗୀତଟି ସୁପରହିଟ୍ ହୋଇଥିଲା ।

ସାକ୍ଷାତକାର

## “ପ୍ରତ୍ୟେକ ଚରିତ୍ରକୁ ନିଖୁଣ ଭାବେ ଫୁଟାଇବା କଳାକାରର ଧର୍ମ”

**ଚିନ୍ମୟ କୁମାର ପଣ୍ଡା, ଅଭିନେତା**



ମଞ୍ଚ ନାଟକ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରେ । ସେ ମଞ୍ଚନାଟକରେ ଅଭିନୟ କରୁଥିଲେ । ରାଜ୍ୟ ବାହାରେ ଅନେକ ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେଉଥିଲେ । ଏହା ପରେ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ । ‘ଅପରାଜିତା’ ତାଙ୍କର ପ୍ରଥମ ଅଭିନୀତ ଧାରାବାହିକ । ଏହା ପରେ ନାୟକ ଓ ଖଳନାୟକ ଉଭୟ ଭୂମିକାରେ ଅଭିନୟ କରି ସେ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ପ୍ରତିଭାବାନ କଳାକାର ହେଉଛନ୍ତି ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗରର ଚିନ୍ମୟ କୁମାର ପଣ୍ଡା । ‘ଆଶା’, ‘ସିନ୍ଦୂରର ଅଧିକାର’ ଆଦି ଧାରାବାହିକରେ ସେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜୟ କରି ପାରିଛନ୍ତି । ଏବେ ସେ ‘କେଦାର ଗୌରୀ’ ଧାରାବାହିକରେ ‘କେଦାର’ ଭୂମିକାରେ ଅଭିନୟ କରୁଛନ୍ତି । ଚିନ୍ମୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ।

**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?**

● ୨୦୧୩-୧୪ ମସିହାରେ ନାଚ ଶିଖିବା ଆଶାରେ ଭୁବନେଶ୍ୱର ଆସିଥିଲି । ଏଠାକୁ ଆସି ସଙ୍ଗୀତ ମହାବିଦ୍ୟାଳୟ ବିଷୟରେ ଜାଣିଲି । ତେଣୁ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇଥିଲି । ଯୁକ୍ତ ଦୁଇ, ସ୍ନାତକ ଏବଂ ସ୍ନାତକୋତ୍ତର ପଢ଼ା ସରିଲା । ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ମଞ୍ଚନାଟକରେ ଅଭିନୟ କରିଛି । ସୌଭାଗ୍ୟବଶତଃ ସୀତାରାମ ଅଗ୍ରୱାଲ ସାର୍ ‘ସିଦ୍ଧାର୍ଥ ଟିଭି’ର ‘ଅପରାଜିତା’ ଧାରାବାହିକରେ ‘ବିଷ୍ଣୁ’ ଚରିତ୍ରରେ ଅଭିନୟ କରିବା ପାଇଁ ମୋତେ ସୁଯୋଗ ଦେଇଥିଲେ । ଏହା ପରେ ଧାରାବାହିକ ‘ଆଶା’ରେ କାମ କଲି । ପରେ ‘ସିନ୍ଦୂରର ଅଧିକାର’ରେ ନେଗେଟିଭ୍ ଚରିତ୍ରରେ ଅଭିନୟ କଲି ।

**ନାୟକରୁ ଖଳନାୟକ ଯାତ୍ରା କଠିନ ଥିଲା କି?**

● ଆଦୌ ନୁହେଁ । ନାୟକ ହେବାକୁ ଯେବେ ସୁଯୋଗ ମିଳିଥିଲା ନିଜକୁ ପ୍ରମାଣିତ କରିବାକୁ ଚାହିଁଥିଲି । ‘ସିନ୍ଦୂରର ଅଧିକାର’ରେ ଖଳନାୟକ ‘ରକି’ ଭୂମିକାରେ ଅଭିନୟ କରିବା ବେଳେ ମୁଁ ମୋ ନିଜ ଚରିତ୍ରରୁ ବାହାରିଥିଲି । ନକାରାତ୍ମକ ଚରିତ୍ରରେ ଅଭିନୟ କରିବା ନିମନ୍ତେ ଖଳପ୍ରକୃତି ପାଇଁ କ’ଣ କ’ଣ ଆବଶ୍ୟକ ତାହାକୁ ମୁଣ୍ଡରେ ପୂରାଇଲି । ମୋ ମତରେ ପ୍ରତ୍ୟେକ ଚରିତ୍ରକୁ ନିଖୁଣ ଭାବେ ଫୁଟାଇବା ଜଣେ କଳାକାରର ଧର୍ମ ।

**କ୍ୟାମେରା ସାମ୍ନାରେ ପ୍ରଥମେ ଝୁଣ୍ଟି ଥିଲେ?**

● ମଞ୍ଚରେ ଅଭିନୟ କରିବାକୁ ମୁଁ ସହଜ ଅନୁଭବ କରେ । ହେଲେ କ୍ୟାମେରାକୁ ପ୍ରଥମେ ସାମ୍ନା କରି ଟିକେ ଝୁଣ୍ଟି ଥିଲି । କାରଣ ମଞ୍ଚରେ ସଂଳାପ ପରିବେଷଣ ଶୈଳୀ ଭିନ୍ନ ଧରଣର ହୋଇଥାଏ । ତେବେ କ୍ୟାମେରା ସାମ୍ନାରେ ଆଖି, ଓଠ ଏବଂ ମୁହଁର ସମ୍ପୂର୍ଣ୍ଣ ଭାବ ମୁଖ୍ୟତଃ ଜରୁରି ହୋଇଥାଏ । ଲାଇଟ୍, କ୍ୟାମେରା, ଟେକ୍ ଏବଂ ଓକେ ଅନୁସାରେ କାମ କରିବାକୁ ହୁଏ ।

**‘କେଦାର ଗୌରୀ’ର କେଦାର ଚରିତ୍ରକୁ ନେଇ କ’ଣ କହିବେ?**

● ‘କେଦାର ଗୌରୀ’ ଧାରାବାହିକରେ ମଣିଷ ଜୀବନରେ ଭକ୍ତି, ପ୍ରେମ ଓ ସଂଘର୍ଷର କେତେ ଗୁରୁତ୍ୱ ରହିଛି ତାହା ଦେଖିବାକୁ ମିଳୁଛି । ଏଥିରେ କେଦାର ସବୁ ପରିସ୍ଥିତିରେ ସାମଞ୍ଜସ୍ୟ ରକ୍ଷା କରି ଚାଲୁଛି । ଯେତେ ସମସ୍ୟା ଆସିଲେ ବି ସେ ତା’ ସମାଧାନର ବାଟ ଖୋଜୁଛି । ଅବଶ୍ୟ ଏଥିପାଇଁ ଗୌରୀଙ୍କ ସାହାଯ୍ୟ ରହିଛି ।

**ଭଲ ଅଭିନୟ ପ୍ରଦର୍ଶନ କରିବାକୁ କ’ଣ କରନ୍ତି?**

● ଦର୍ଶକ ଆମକୁ ପରଦା ଉପରେ ଦେଖୁଛନ୍ତି । ତେଣୁ ଅଭିନୟ ସହିତ ଜଣେ କଳାକାରର ଶରୀର ଗଠନ, ଅଙ୍ଗଭଙ୍ଗୀ, ଭାବଭଙ୍ଗୀ, ଚରିତ୍ରକୁ ସୁହାଇଲା ପରି ସଂଳାପ ଆଦି ବହୁତ ଦିଗକୁ ଧ୍ୟାନ ଦିଏ । ଚତୁଃପାର୍ଶ୍ୱରେ ସମସ୍ତଙ୍କଠାରୁ କିଛି ନା କିଛି ଶିଖେ ।

**କେଉଁ ଚରିତ୍ରରେ ଅଭିନୟ କରି ଆପଣ ଅଧିକ ଦର୍ଶକଙ୍କ ସାଉଁଟିଛନ୍ତି?**

● ‘ସିନ୍ଦୂରର ଅଧିକାର’ର ରକି ଚରିତ୍ର ମୋତେ ଅଧିକ ଦର୍ଶକୀୟ ପ୍ରଶଂସା ମିଳିଛି ।

**ସ୍ମରଣୀୟ ଅନୁଭୂତି?**

● ‘ଅପରାଜିତା’ ଧାରାବାହିକରେ ଭଗବାନ ବିଷ୍ଣୁଙ୍କ ଭୂମିକାରେ ଅଭିନୟ କରିବା ମୋ’ ଜୀବନର ଏକ ସ୍ମରଣୀୟ ଅନୁଭୂତି ।

**ଆଗାମୀ ଯୋଜନା କ’ଣ ରହିଛି?**

● ଏବେ ତ ଧାରାବାହିକରେ କାମ ଚାଲିଛି । ଆଗକୁ ଯାତ୍ରା ମଞ୍ଚରେ କାମ କରିବାକୁ ଇଚ୍ଛା ରଖିଛି । ଏହା ଏମିତି ଏକ ପ୍ଲାଟଫର୍ମ ଯେଉଁଠି ଜଣେ କଳାକାରକୁ ତାର ଜୀବନ୍ତ ଅଭିନୟ ଦେଖାଇବାକୁ ସୁଯୋଗ ମିଳେ ।

## ଟି-୨୦ ଚାମ୍ପିଅନଙ୍କୁ ମିଳିବ ୧୩୧ କୋଟି, ଦ୍ରାବିଡ ଓ ବିନ୍ନିଙ୍କୁ ଲାଇଫ୍ ଟାଇମ୍ ଆୱାର୍ଡ

# ବିସିସିଆଇ ପୁରସ୍କାର ପ୍ରଦାନ ଉତ୍ସବ ଆଜି





ନୂଆଦିଲ୍ଲୀ,୧୪ା୩(ଏଜେନ୍ସି): ଭାରତୀୟ କ୍ରିକେଟର ଏକ ସଫଳ ବର୍ଷ ଶେଷ ହୋଇଛି। ଏହି ସିଜନରେ ବିସିସିଆଇ ଅଧିନରେ ଖେଳୁଥିବା ୫ଟି ଟିମ୍ ଆଇସିସି ଟାଇଟଲ ଏବଂ ବିଶ୍ୱକପ୍ ଚାମ୍ପିଅନ ହୋଇଛନ୍ତି। ଏମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ବିସିସିଆଇ ପକ୍ଷରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏହା ଛଡ଼ା ଅନ୍ତର୍ଜାତୀୟ ଓ ଜାତୀୟ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପୁରୁଷ ଓ ମହିଳା ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ କ୍ରିକେଟ୍‌କୁ ଆଜୀବନ ଅବଦାନ ନିମନ୍ତେ ଚଳିତବର୍ଷ ୩ଜଣ ପୂର୍ବତନ କ୍ରିକେଟରଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେମାନେ ହେଲେ ୧୯୮୩ ବିଶ୍ୱକପ୍ ଚାମ୍ପିଅନ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରୋଜର ବିନ୍ନି, ଦ ୱାଲ ଭାବେ ପରିଚିତ ରାହୁଲ ଦ୍ରାବିଡ। ପୁରୁଷ ବିଭାଗରେ ଏମାନଙ୍କୁ କର୍ଣ୍ଣେଲ ସିକେ ନାଇଡୁ ପୁରସ୍କାର ଦିଆଯିବ। ମହିଳା ବିଭାଗରେ ଭାରତୀୟ କ୍ରିକେଟ୍‌କୁ ଶ୍ରେଷ୍ଠ ଅବଦାନ ଦେଇଥିବା ମିତାଲି ରାଜଙ୍କୁ ମଧ୍ୟ ଆଜୀବନ ଅବଦାନ କାଟାଗୋରୀରେ ସମ୍ମାନିତ କରାଯିବ ବୋଲି ବିସିସିଆଇ ପକ୍ଷରୁ ଦିଆଯାଇଥିବା ସୂଚନାରୁ ଜଣାଯାଇଛି। ଆସନ୍ତାକାଲି ବା ରବିବାର ନୂଆଦିଲ୍ଲୀର ଏକ ପଞ୍ଚତାରକା ହୋଟେଲରେ ବର୍ତ୍ତମାନ ଓ ପୂରାତନ ଖେଳାଳି, କର୍ମକର୍ତ୍ତା ଓ ବ୍ୟକ୍ତିଗତ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ଖେଳାଳିମାନେ ସେମାନଙ୍କ ଫ୍ରାଞ୍ଚାଇଜ୍ ସହ ଆଇପିଏଲ୍ ପ୍ରସ୍ତୁତିରେ ଲାଗିପଡ଼ିବେ। ଚଳିତବର୍ଷର ଆଇପିଏଲ୍ ମାର୍ଚ୍ଚ ୨୮ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଣୁ ପୁରସ୍କାର ପାଉଥିବା ଖେଳାଳିମାନଙ୍କୁ ଅଧିକ ସଫଳତା ଲାଗି ଏହା ବେଶ ଉତ୍ସାହଜନକ ହେବ ବୋଲି ଆଶା କରାଯାଉଛି।

ଅନ୍ତର୍ଜାତୀୟ କ୍ରିକେଟରେ ୫ଟି ବିଶ୍ୱଟାଇଟଲ ଜିତିଥିବା ଭାରତୀୟ ଦଳଗୁଡ଼ିକୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ନିକଟରେ ତୃତୀୟଥର ଲାଗି ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ପୁରୁଷ ଦଳକୁ ୧୩୧ କୋଟି ଟଙ୍କା ପୁରସ୍କାର ଦିଆଯିବ। ଏହା ମଧ୍ୟରୁ ୧୫ ଜଣ ଖେଳାଳିଙ୍କୁ ୯୦ କୋଟି ବା ପ୍ରତ୍ୟେକ ଖେଳାଳିଙ୍କୁ ୬କୋଟି ଲେଖାଏଁ ଟଙ୍କା ଦିଆଯିବ। ଅବଶିଷ୍ଟ ୪୧ କୋଟିଏ ବିଭିନ୍ନ କୋଚ୍, ସପୋର୍ଟ ଷ୍ଟାଫ୍ ଓ ଅନ୍ୟମାନଙ୍କୁ ମିଳିବ। ଗତବର୍ଷ ନ୍ୟୁଜିଲାଣ୍ଡକୁ ହରାଇ ଭାରତର ପୁରୁଷ ଦଳ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ଜିତିଥିଲା। ଏହି ଦଳକୁ ୫୮ କୋଟି ଟଙ୍କାର ପୁରସ୍କାର ଦିଆଯିବ। ଏହାପରେ ଘରୋଇ ମାଟିରେ ପ୍ରଥମଥର ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଭାରତର ମହିଳା ଦଳକୁ ୫୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏ ଥର ୧୯ ବର୍ଷରୁ କମ୍ ପୁରୁଷ ଓ ମହିଳା ଦଳ ଉଭୟ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ଉଭୟ ଦଳକୁ ୭.୫ କୋଟି ଲେଖାଏଁ ଟଙ୍କା ପୁରସ୍କାର ଆକାରରେ ମିଳିବ ବୋଲି ଜଣାଯାଇଛି।

ଏହା ବ୍ୟତୀତ ଭାରତୀୟ କ୍ରିକେଟ୍‌ରୁ ଆଜୀବନ ଅବଦାନ ନିମନ୍ତେ ଏଥର ୨ଜଣ ପୁରୁଷ କ୍ରିକେଟର ରୋଜର ବିନ୍ନି ଓ ରାହୁଲ ଦ୍ରାବିଡ଼ଙ୍କୁ କର୍ଣ୍ଣେଲ ସିକେ ନାଇଡୁ ପୁରସ୍କାରରେ ସମ୍ମାନିତ କରାଯିବ। ମହିଳା ବିଭାଗରେ ଏହି ପୁରସ୍କାର ଲାଗି ମିତାଲି ରାଜଙ୍କୁ ମନୋନୀତ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି କ୍ରମାଗତ ଦ୍ୱିତୀୟ ବର୍ଷ ଶୁବମନ ଗିଲ୍ ମନୋନୀତ ହୋଇଛନ୍ତି। ସେ ସମସ୍ତ ଫର୍ମାଟରେ ୪୯ ହାରରେ ୧୭୬୪ ରନ୍ କରିଛନ୍ତି। ଫର୍ମ ହରାଇବା କାରଣରୁ ତାଙ୍କୁ ଶେଷ ମୁହୂର୍ତ୍ତରେ ଟି-୨୦ ଦଳରୁ ବାଦ୍ ଦିଆଯାଇଥିଲା। ମହିଳା ବିଭାଗରେ ସ୍ମୃତି ମନ୍ଧାନା ଶ୍ରେଷ୍ଠ ଅନ୍ତର୍ଜାତୀୟ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ସେ ଏହି ପୁରସ୍କାର ତାଙ୍କ ଜୀବନକାଳରେ ୫ମଥର ଲାଗି ପାଇବାକୁ ମନୋନୀତ ହୋଇଛନ୍ତି। ଅର୍ନ୍ତଜାତୀୟ କ୍ରିକେଟରେ ଶ୍ରେଷ୍ଠ ଡେବ୍ୟୁଟାଣ୍ଟ ଖେଳାଳି ଭାବେ ପୁରୁଷ ବିଭାଗରେ ହର୍ଷିତ ରାଣା ଓ ମହିଳା ବିଭାଗରେ ଶ୍ରୀ ଚରଣି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

### ଚାମ୍ପିଅନ ଟିମ୍‌କୁ ପୁରସ୍କାର

| | | |
|---|---|---|
| ଟି-୨୦ ବିଶ୍ୱକପ୍ | : | ୧୩୧ କୋଟି |
| ଚାମ୍ପିଅନ୍ସ ଟ୍ରଫି | : | ୫୮ କୋଟି |
| ମହିଳା ଦିନିକିଆ ବିଶ୍ୱକପ | : | ୫୧ କୋଟି |
| ପୁରୁଷ ଅଣ୍ଡର ୧୯ ବିଶ୍ୱକପ୍ | : | ୭.୫ କୋଟି |
| ମହିଳା ଅଣ୍ଡର ୧୯ ବିଶ୍ୱକପ୍ | : | ୭.୫ କୋଟି |

### କାହାକୁ କେଉଁ ପୁରସ୍କାର

| | | |
|---|---|---|
| ଶ୍ରେଷ୍ଠ ଅନ୍ତର୍ଜାତୀୟ ଖେଳାଳି | : | ଶୁବମନ ଗିଲ୍ |
| ଶ୍ରେଷ୍ଠ ଅନ୍ତ. ମହିଳା ଖେଳାଳି | : | ସ୍ମୃତି ମନ୍ଧାନା |
| ଲାଇଫ ଟାଇମ୍ ଆୱାର୍ଡ-୧ | : | ରୋଜର ବିନ୍ନି |
| ଲାଇଫ ଟାଇମ୍ ଆୱାର୍ଡ-୨ | : | ରାହୁଲ ଦ୍ରାବିଡ଼ |
| ଲାଇଫ ଟାଇମ୍ ଆୱାର୍ଡ-୩ | : | ମିତାଲି ରାଜ |
| ଘରୋଇ କ୍ରିକେଟରେ ଶ୍ରେଷ୍ଠ | : | ଶେଫାଳି ବର୍ମା |
| ଘରୋଇ କ୍ରି. ଶ୍ରେଷ୍ଠ ଜୁନିଅର | : | ଇରା ଯାଦବ |
| ରଣଜୀ ଶ୍ରେଷ୍ଠ ଅଲରାଉଣ୍ଡର | : | ହର୍ଷ ଦୁବେ |
| ସୀମିତ ଓଭରରେ ଶ୍ରେଷ୍ଠ | : | ଆୟୁଷ ମାହତ୍ରେ |
| ଶ୍ରେଷ୍ଠ ପ୍ରଦର୍ଶନକାରୀ ଟିମ୍ | : | ମୁମ୍ବାଇ ସିସି |


### ଘରୋଇ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ

ଘରୋଇ ମହିଳା କ୍ରିକେଟର ବରିଷ୍ଠ ବିଭାଗରେ ହରିୟାଣାର ଶେଫାଳି ବର୍ମା ଓ କନିଷ୍ଠ ବିଭାଗରେ ଇରା ଯାଦବ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ରଣଜୀ ଟ୍ରଫିରେ ବିଦର୍ଭର ହର୍ଷ ଦୁବେ ଓ ସୀମିତ ଓଭର କ୍ରିକେଟରେ ମୁମ୍ବାଇର ଆୟୁଷ ମାହତ୍ରେ ଶ୍ରେଷ୍ଠ ଅଲରାଉଣ୍ଡର ବା ଲାଲା ଅମରନାଥ ପୁରସ୍କାର ପାଇବେ। ମୁମ୍ବାଇ କ୍ରିକେଟ ଆସୋସିଏସନକୁ ଘରୋଇ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଟିମ୍ ଭାବେ ପୁରସ୍କୃତ କରାଯିବ। ଚଳିତ ସିଜନରେ ମୁମ୍ବାଇ ୪ଟି ଟ୍ରଫି ଜିତିଥିଲାବେଳେ ଅନ୍ୟ ୨ଟିରେ ରନର୍ସ ଅପ୍ ହୋଇଥିଲା। ଏହା ଛଡ଼ା ବ୍ୟକ୍ତିଗତ ବିଭାଗରେ ଏକାଧିକ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାଯାଇଛି। ଆସନ୍ତାକାଲି ଖେଳାଳି ଓ କର୍ମକର୍ତ୍ତାମାନଙ୍କୁ ମିଳିତ ଭାବେ ୫୦୦ କୋଟି ଟଙ୍କାରୁ ଅଧିକ ପୁରସ୍କାର ଦିଆଯିବ ବୋଲି ଜଣାଯାଇଛି।



ବିବାହବନ୍ଧନରେ ଆବଦ୍ଧ ଭାରତୀୟ କ୍ରିକେଟ୍ ତାରକା କୁଲଦୀପ ଓ ବଂଶିକା

## ମୟଙ୍କ ଚକ୍ରବର୍ତ୍ତୀ ଭାରତର ୯୪ତମ ଚେସ୍ ଗ୍ରାଣ୍ଡମାଷ୍ଟର



ଗୌହାଟୀ,୧୪ା୩(ଏଜେନ୍ସି): ଆସାମର ଯୁବ ଖେଳାଳି ମୟଙ୍କ ଚକ୍ରବର୍ତ୍ତୀ ଭାରତର ୯୪ତମ ଚେସ୍ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଗତକାଲି ସ୍ୱିଡେନରେ ଶେଷ ହୋଇଥିବା ୟଙ୍ଗ ଟ୍ୟାଲେଣ୍ଟସ ଟୁର୍ଣ୍ଣାମେଣ୍ଟରେ ମୟଙ୍କ ତୃତୀୟ ତଥା ଶେଷ ଜିଏମ୍ ନର୍ମ ହାସଲ କରିଥିଲେ। ଏହା ଫଳରେ ୧୬ ବର୍ଷୀୟ ମୟଙ୍କ ମଧ୍ୟ ଉତ୍ତରପୂର୍ବାଞ୍ଚଳର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଲାଭ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ମୟଙ୍କଙ୍କୁ ୯ରାଉଣ୍ଡରୁ ୭ ପଏଣ୍ଟ ମିଳିଥିଲାବେଳେ ଗୋଟିଏ ରାଉଣ୍ଡ ପୂର୍ବରୁ ଉଭୟ ତୃତୀୟ ଜିଏମ୍ ନର୍ମ ଓ ଟୁର୍ଣ୍ଣାମେଣ୍ଟ ଟାଇଟଲ ଜିତିନେଇଥିଲେ। ଇଂଲଣ୍ଡର ଜୋନାଥ ୱିଲୋ ବି ରନର୍ସ ଅପ୍ ଓ ନରୱେର ଆକ୍‌ସେଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଚାଇନିଜ୍ ଗ୍ରାଁ ପ୍ରି: ପୋଲ୍ ପୋଜିସନ୍‌ରେ କିମି ସର୍ବକନିଷ୍ଠ

ସାଙ୍ଘାଇ,୧୪ା୩(ଏଜେନ୍ସି): ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି ଏଠାରେ ଶନିବାର ଅନୁଷ୍ଠିତ ଚାଇନିଜ୍ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ରେସ୍‌ରେ ପୋଲ ପୋଜିସନ ହାସଲ କରିଛନ୍ତି।



ଏହା ଫଳରେ ଫର୍ମୁଲା ୱାନ୍‌ରେ ପୋଲ ପୋଜିସନ ପାଇବାରେ ସେ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ଇଟାଲୀର ଏହି ଟିନ୍‌ଏଜ୍ ଡ୍ରାଇଭରଙ୍କୁ ଏବେ ୧୯ ବର୍ଷ। ପୂର୍ବରୁ ୨୧ ବର୍ଷରେ ଜର୍ମାନୀ ଡ୍ରାଇଭର ସେବାଷ୍ଟିଏନ ଭେଟେଲଙ୍କ ନାମରେ ଏହି ରେକର୍ଡ ରହିଥିଲା। ଆଜିର ରେସ୍‌ରେ ଆଣ୍ଟୋନେଲିଙ୍କ ଟିମ୍ ମେଟ ତଥା ମର୍ସିଡିଜ୍ ଡ୍ରାଇଭର ଜର୍ଜ ରସେଲ ଦ୍ୱିତୀୟ, ଫେରାରୀର ଲୁଇସ ହାମିଲଟନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରିରେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିଲେ। ଏହା ଫଳରେ ଗତ ଦୁଇଟି ରେସ୍‌ରେ ମର୍ସିଡିଜ୍ ପ୍ରାଧାନ୍ୟ ବିସ୍ତାର କରିଛି।

■ ଜେକେ ବୋଷ ଆନ୍ତଃଜୋନ୍ କ୍ରିକେଟ

## ପ୍ରଥମ ମ୍ୟାଚ୍‌ରେ ପୂର୍ବାଞ୍ଚଳ ପରାସ୍ତ

ଭୁବନେଶ୍ୱର,୧୪ା୩(ସମିସ): ଦିଲ୍ଲୀ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ଆନୁକୂଲ୍ୟରେ ଆଜିଠାରୁ କ୍ରୀଡ଼ା ସାମ୍ବାଦିକ ମାନଙ୍କୁ ନେଇ ଆରମ୍ଭ ହୋଇଛି ଜେକେ ବୋଷ୍ ଆନ୍ତଃଜୋନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ପୂର୍ବାଞ୍ଚଳ ତାହାର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣାଞ୍ଚଳ ନିକଟରୁ ୮ ୱିକେଟରେ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ଶିବ କ୍ରିଷ୍ଣା ୫ ରନ୍ ଦେଇ ୪ ୱିକେଟ ନେଇଥିଲେ। ଅନ୍ୟଏକ ମ୍ୟାଚ୍‌ରେ ଉତ୍ତରାଞ୍ଚଳ ୯ ୱିକେଟରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଛି। ଉତ୍ତରାଞ୍ଚଳର ରିଷଭ ସିଂ ୧୦୨ ରନ୍ କରିଥିଲେ। ଆସନ୍ତାକାଲି ଉତ୍ତରାଞ୍ଚଳ ସହ ଦକ୍ଷିଣାଞ୍ଚଳ ଓ ପୂର୍ବାଞ୍ଚଳ ସହ ପଶ୍ଚିମାଞ୍ଚଳର ମୁକାବିଲା ହେବ।



## ସେମି ଫାଇନାଲ୍‌ରେ ହାରିଲେ ଭାମ୍ବ୍ରୀ

ଇଣ୍ଡିଆନ୍ ୱେଲ୍ସ, ୧୪ା୩ (ଏଜେନ୍ସି): ଭାରତର ଯୁକି ଭାମ୍ବ୍ରୀ ଓ ସ୍ୱିଡେନର ଆନ୍ଦ୍ରେ ଗୋରାନସନ ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଓପନ ପୁରୁଷ ଡବଲ୍ସ ସେମିରେ ପରାଜିତ ହୋଇଛନ୍ତି। ପ୍ରଥମଥର କୌଣସି ଏକ ଏଟିପି ମାଷ୍ଟର୍ସ-୧୦୦୦ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିବା ଭାମ୍ବ୍ରୀ ସ୍ପେନ୍‌ର ମାର୍ସେଲୋ ଗ୍ରାନୋଲର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲସଙ୍କ ଯୋଡିଠାରୁ ସିଧାସଳଖ ସେଟ୍‌ରେ ହାରିଯାଇଥିଲେ। ପରାଜର ପରେ ମଧ୍ୟ ଭାମ୍ବ୍ରୀ-ଗୋରାନସନ ଯୋଡି ସର୍ବଶେଷ ର୍‍ୟାଙ୍କିଙ୍ଗ୍‌ରେ ୧୪ ତମ ସ୍ଥାନକୁ ଉଠିବେ। ମହିଳା ବିଭାଗ ଫାଇନାଲରେ ଏଲିନା ରିବାକିନାଙ୍କ ସହ ଆରିନା ସାବାଲେଙ୍କାଙ୍କର ମୁକାବିଲା ହେବ। ଆଜି ଅନୁଷ୍ଠିତ ସେମିରେ ରିବାକିନା ୟୁକ୍ରେନ୍‌ର ଭିଟୋଲିନାଙ୍କୁ ହରାଇଥିଲେ।

■ ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ

## ଇଂଲଣ୍ଡ ଚାମ୍ପିଅନ, ଭାରତ ରନର୍ସଅପ୍

ହାଇଦ୍ରାବାଦ୍,୧୪ା୩(ଏଜେନ୍ସି): ଆୟୋଜକ ଭାରତକୁ ହରାଇ ଇଂଲଣ୍ଡ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଆଜି ଏଠାରେ ଅନୁଷ୍ଠିତ ଫାଇନାଲ ଖେଳରେ ଇଂଲଣ୍ଡ ୨-୦ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଗ୍ରେସ୍ ବାଲସଡନ ଓ ଏଲିଜାବେଥ୍ ନିଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରୁ ଚାମ୍ପିଅନ ଇଂଲଣ୍ଡ, ରନର୍ସଅପ୍ ଭାରତ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସ୍କଟଲାଣ୍ଡ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟିକା ସଲିମା ଟେଟେ ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି। ମହିଳା ହକି ବିଶ୍ୱକପକୁ ଏଥର ନେଦରଲାଣ୍ଡସ ଓ ବେଲଜିୟମ ମିଳିତଭାବେ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୧୪ରୁ ୩୦ ତାରିଖ ଯାଏ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ମହାଦେଶରୁ ୧୬ଟି ଦଳ ଅଂଶଗ୍ରହଣ କରିବେ।



## ୧୬ରୁ ବାଲେଶ୍ୱରରେ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍

ବାଲେଶ୍ୱର,୧୪ା୩ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୬ରୁ ୨୦ ପର୍ଯ୍ୟନ୍ତ ନୂଆପାଢ଼ୀ କ୍ୟାମ୍ପସରେ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍ (ଏଆଇୟୁ) ଅଧୀନରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକ୍ୱୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬ ଆୟୋଜିତ ହେବାକୁ ଯାଉଛି। ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ଦେଶର ୨୫ଟି ରାଜ୍ୟରୁ ୧୫୯ଟି ବିଶ୍ୱବିଦ୍ୟାଳୟର ୯୩୨ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ପାଇଁ ଶନିବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କର୍ତ୍ତୃପକ୍ଷ, କର୍ମଚାରୀ ଓ ଆୟୋଜକ ଉପସ୍ଥିତ ଥିଲେ।

## ଜାତୀୟ ଯୁବ ଭଲିବଲ୍ ଆଜିଠାରୁ

ଭୁବନେଶ୍ୱର, ୧୪ା୩ (ସମିସ): କିଟ୍ ୟୁନିଭର୍ସିଟିଜ୍ ପରିସରରେ ଆସନ୍ତାକାଲିଠାରୁ ୨୬ତମଜା ତୀୟ ଯୁବ ଭଲିବଲ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ପ୍ରଥମଥର ଲାଗି ଏହି ଟୁର୍ଣ୍ଣାମେଣ୍ଟ ଏକସଙ୍ଗେ ୬ଟି ଇନ୍‌ଡୋର କୋର୍ଟରେ ଖେଳାଯିବ। କିଟ୍ ପରିସରରେ ଥିବା ମଲ୍ଟିପର୍ପୋଜ୍ ଇଣ୍ଡୋର ଷ୍ଟାଡିୟମ୍‌ରେ ସମସ୍ତ ମ୍ୟାଚ୍ ଖେଳାଯିବ। ଓଡ଼ିଶା ଭଲିବଲ ସଂଘ ଓ କିଟ୍ ୟୁନିଭର୍ସିଟିଜ୍ ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତଭାବେ ଆୟୋଜନ କରୁଛି। ଏଥିରେ ୩୦ଟି ରାଜ୍ୟ ଓ ୨ଟ ସାଙ୍ଗଠନିକ ଟିମ୍‌ର ପୁରୁଷ ଓ ମହିଳା ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏଠାରେ ପୂର୍ବରୁ ୩ଥର ଜାତୀୟ ସିନିୟର ଭଲିବଲ ଚାମ୍ପିଅନସିପ୍ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

## ଗୋଟିଏ ଦିନ ପରେ ଓସିଏ କ୍ଲବ୍ ଲିଗ୍ କ୍ରିକେଟ

ଭୁବନେଶ୍ୱର,୧୪ା୩(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ସୋମବାର ମାର୍ଚ୍ଚ ୧୬ ତାରିଖରୁ ରାଜ୍ୟସ୍ତରୀୟ କ୍ଲବ୍ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଓସିଏ ସ୍ୱୀକୃତିପ୍ରାପ୍ତ ୨୦ଟି କ୍ଲବ୍ ଅଂଶଗ୍ରହଣ କରିବେ। ଏହି କ୍ଲବ୍ ଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ କ୍ଲବ୍ ସ୍ଥାନ ପାଇଛନ୍ତି ଓ ସେମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ।

ଓଡ଼ିଶା ସ୍ପ୍ରିଣ୍ଟ୍ ଆଥ୍‌ଲେଟିକ୍ସ ଆରମ୍ଭ

## ଲାଲୁପ୍ରସାଦ, ମୌସୁମୀ ଦ୍ରୁତତମ

ଭୁବନେଶ୍ୱର,୧୪ା୩(ସମିସ): ଓଡ଼ିଶା ସ୍ପ୍ରିଣ୍ଟ ଆଥ୍‌ଲେଟିକ୍ସ କଟକର ରିଜର୍ଭ ପୁଲିସ୍ ଗ୍ରାଉଣ୍ଡରେ ଆଜି ଆରମ୍ଭ ହୋଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ବରିଷ୍ଠ ଓ ୨୦ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହା ମଧ୍ୟରୁ ପୁରୁଷ ବିଭାଗ ୧୦୦ ମିଟର ଦୌଡ଼ରେ କିଟ୍‌ର ଲାଲୁପ୍ରସାଦ ଭୋଇ ପ୍ରଥମ ଓ ଡିଏମ୍ ଜୟରାମ ଦ୍ୱିତୀୟ ହୋଇଥିଲେ। ପୁରୁଷ ୪୦୦ ମିଟର ଦୌଡ଼ରେ କଟକର ଆସ୍ତିକ ପ୍ରଧାନ ପ୍ରଥମ ଓ ବରଗଡ଼ର ମଳୟ ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ୧୧୦ ମିଟର ବାଧା ଦୌଡ଼ରେ ବାଲେଶ୍ୱରର ସୋମନାଥ କର ପ୍ରଥମ ହୋଇଛନ୍ତି। ମହିଳା ୧୦୦ ମିଟର ଦୌଡ଼ରେ ବରଗଡ଼ର ମୌସୁମୀ ରୟ ଓ କଟକର ମନୀଷା ମେରେଲ, ୪୦୦ ମିଟର ଦୌଡ଼ରେ ଓଡ଼ିଶା ପୁଲିସ୍‌ର ସୁଖି ବାସ୍କେ ଓ କେନ୍ଦ୍ରାପଡ଼ାର ଦୀପ୍ତିରଞ୍ଜନ ସାହୁ, ୧୦୦ ମିଟର ବାଧାଦୌଡ଼ରେ ଓଡ଼ିଶା ପୁଲିସର ସବିତା ଟପ୍ପୋ ଓ କଟକର ଦୀପିକା ଦଳାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ବିଭାଗରେ କେନ୍ଦ୍ରାପଡ଼ାର ଶୁଭମ ପ୍ରକାଶ ସାହୁ, ୪୦୦ ମିଟର ଦୌଡ଼ରେ ଯାଜପୁରର ବାପି ହାଁସ୍‌ଦା, ୧୧୦ ମିଟର ବାଧାଦୌଡ଼ରେ କେନ୍ଦୁଝରର ବିଶ୍ୱଜିତ୍ ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୨୦ ବର୍ଷରୁ କମ୍ ମହିଳା ବିଭାଗ ୧୦୦ ମିଟର ଦୌଡ଼ରେ ଜଗତସିଂହପୁରର ଶୁଭଶ୍ରୀ ପରିଡ଼ା, ୪୦୦ ମିଟର ଦୌଡ଼ରେ କଟକର ବାସନ୍ତୀ ମାଝୀ ଓ ୧୦୦ ମିଟର ବାଧାଦୌଡ଼ରେ ମୟୂରଭଞ୍ଜର ଡାଙ୍ଗୀ ମୁର୍ମୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।



## ପ୍ରଶାନ୍ତ ମହାପାତ୍ର- ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ

# ବୃହତ ବିଜୟ ସହ କ୍ୱାର୍ଟରରେ ପାଓନିୟର

ଭୁବନେଶ୍ୱର,୧୪ା୩(ସମିସ): ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ ଖିମଜୀ କପ୍ ମୁକ୍ତେଶ୍ୱର ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ପୁରୀର ପାଓନିୟର କ୍ଲବ ବୃହତ ୧୩୫ ରନରେ ଭୁବନେଶ୍ୱର ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ଟାଉନ୍ କ୍ଲବ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାଓନିୟର ନିର୍ଦ୍ଧାରିତ ୪୦ ଓଭରରେ ୨୩୬ ରନକରି ଆଉଟ ହୋଇଥିଲା। ଜବାବରେ ଟାଉନ୍ କ୍ଲବ ୨୨.୫ ଓଭରରେ ମାତ୍ର ୧୦୧ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ବିଜୟ ସହ ପାଓନିୟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟାଉନ୍ କ୍ଲବ ତରଫରୁ ସରୋଜ ପଣ୍ଡା ୨୮, ଦୀପକ ମାଝି ୨୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାଓନିୟରର ମହେଶ ପ୍ରଧାନ ସର୍ବାଧିକ ୫ ଓ ଲାଲୁ ମହାନ୍ତି ୪ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପାଓନିୟର ତରଫରୁ ରାଜେଶ ବେହେରା ସର୍ବାଧିକ ୫୭, ସୌମ୍ୟ ବିଶ୍ୱାଳ ୪୯, ମହେଶ ପ୍ରଧାନ ୨୭, ବିଶାଳ ୨୪, ଅବଦୁଲ ଖାନ୍ ୨୨, ଦେବାଶିଷ ଦାଶ ୨୧ ରନ ସଂଗ୍ରହ କରିଥିଲେ। ବୋଲିଂ ଟାଉନ୍ କ୍ଲବ ତରଫରୁ ସୁମନ ମହାରଣା ସର୍ବାଧିକ ୩, ରାକେଶ ବାରିକ ଓ ରାକେଶ ବେହେରା ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ମହେଶ ପ୍ରଧାନ ୫ ୱିକେଟ ନେବା ସହ ୩୧ ବଲରୁ ୨୭ ରନ ସଂଗ୍ରହ କରି ଅଲରାଉଣ୍ଡ ପ୍ରଦର୍ଶନ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବ ଉପ-ସଭାପତି ପ୍ରଦୋଶ ମହାନ୍ତି ଶ୍ରେଷ୍ଠ ଖେଳାଳି ବିବେଚିତ ମହେଶଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତାକାଲି ରବିବାର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲାରେ କିଶୋର ସ୍ପୋର୍ଟିଂ ଓ ପାରାମାଉଣ୍ଟ ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS